# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୬/୨୦୨୬ (୧୪ ପୃଷ୍ଠା) Bhubaneswar, Tuesday, January 6/2026 Page 14 ₹ 7.00 | DHENKANAL

୫୨ଶ ଭାଗ ୪୪ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 52 ISSUE 44 ମୂଲ୍ୟ ₹୭/-


# ସ୍କୁଲରେ ପୋଡ଼ିହୋଇ ୪ ଛାତ୍ର ଗୁରୁତର

**ବିଷମକଟକ,୫।୧ (ପ୍ରସନ୍ନ କୁମାର ପଣ୍ଡା)**

ବିଦ୍ୟାଳୟ ପରିସରରେ ପାଠପଢ଼ା ଚାଲିଥିଲାବେଳେ ଅଗ୍ନିକାଣ୍ଡ ଘଟି ୪ ଛାତ୍ର ଗୁରୁତର ହୋଇଛନ୍ତି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡାସ୍ଥିତ ପ୍ରାଇମେରି ବିଦ୍ୟାଳୟରେ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ବିଦ୍ୟାଳୟରେ ଥିନର ବୋତଲ ଥିବା ସମୟରେ ପିଲାମାନେ ତାକୁ ତଳେ ଢାଳି ଦିଆସିଲି ମାରି ନିଆଁ ଲଗାଇ ଖେଳୁଥିଲେ। ଏହି ସମୟରେ ହଠାତ୍ ନିଆଁ ବ୍ୟାପିଯିବାରୁ ପିଲାମାନଙ୍କ ଶରୀରରେ ଅଗ୍ନି ସଂଯୋଗ ହୋଇଯାଇଥିଲା। ଖବରପାଇ ଶିକ୍ଷକ ଓ ସ୍ଥାନୀୟ ☞ପୃଷ୍ଠା-୪




## ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ଉପରେ କଟକଣା

**ଢାକା,୫।୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ଦ୍ଦେଶକ୍ରମେ ବାଂଲାଦେଶୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲର ପରବର୍ତ୍ତୀ ସିଜନରୁ ବିଦା କରାଯିବା ଘଟଣା ଯୋଗୁ ଦୁଇ ପଡ଼ୋଶୀ ଦେଶର ପାରସ୍ପରିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ତା'ର ମ୍ୟାଚ୍ ଭାରତ ପରିବର୍ତ୍ତେ ଶ୍ରୀଲଙ୍କାରେ ଖେଳିବାକୁ ଆଇସିସି ନିକଟରେ ଅନୁରୋଧ କରିବା ପରେ ବର୍ତ୍ତମାନ ଦେଶରେ ଆଇପିଏଲ୍‌ର ପ୍ରସାରଣ ଉପରେ କଟକଣା ଜାରି କରାଯାଇଛି। ତେବେ ଆଇପିଏଲ ଆସନ୍ତା ମାର୍ଚ୍ଚ ୨୬ ତାରିଖରୁ ଆରମ୍ଭ ହେବ। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ସୂଚନା ଓ ପ୍ରସାରଣ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଶିକ୍ଷିତ ଦେଶବିରୋଧୀ


## ବିଶ୍ୱାସ ହିଁ ସନାତନ



**ଏହାର ଅକାଳ ବିୟୋଗ ହେବାକୁ ଦିଅନ୍ତୁ ନାହିଁ**

ଭାରତୀୟ ଜୀବନ ବୀମା ନିଗମ ଆରମ୍ଭ କରୁଛି

**ସ୍ପେଶାଲ୍ ରିଭାଇଭାଲ୍ କ୍ୟାମ୍ପେନ୍**

ଲେଟ୍ ଫୀ ରିହାତି ସହିତ

ଅବଧି 1 ଜାନୁଆରୀ, 2026 ରୁ 2 ମାର୍ଚ୍ଚ, 2026 ପର୍ଯ୍ୟନ୍ତ

**ଜଲ୍‌ଦି କରନ୍ତୁ! ଏହି ସୁଯୋଗ କରଛଡ଼ା କରନ୍ତୁ ନାହିଁ**

ନିଜ ଲାପ୍ସଡ ପଲିସୀ ଅନ୍ତର୍ଗତ ଇନ୍‌ସ୍ୟୋରାନ୍‌ସ ପ୍ରୋଟେକ୍ସନ୍ ପୁନଃ ଆରମ୍ଭ କରନ୍ତୁ ଆଉ ଏହାର ଲାଭ ପାଇବା ଜାରି ରଖନ୍ତୁ।*

*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ

| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ଅନୁମତ** |
|---|---|---|
| ₹ 1,00,000 ପର୍ଯ୍ୟନ୍ତ | 30% | ₹ 3,000 |
| ₹ 1,00,001 ରୁ ₹ 3,00,000 ପର୍ଯ୍ୟନ୍ତ | 30% | ₹ 4,000 |
| ₹ 3,00,001 ଓ ଅଧିକ | 30% | ₹ 5,000 |

**ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ

ପଲିସୀ କୁ/କୁ ପ୍ଲାନ୍ କଣ୍ଡିଶନ୍‌ସ ଅନୁସାରେ ପ୍ରଥମ ଦିଆଯାଇନଥିବା ପ୍ରିମିଅମ ଦିନାଙ୍କଠାରୁ 5 ବର୍ଷ ମଧ୍ୟରେ ପୁନଃଆରମ୍ଭ କରାଯାଇ ପାରେ। ସମ୍ପର୍କରେ ରୁହନ୍ତୁ। ଏଲଆଇସି ରେ ନିଜ ମୋବାଇଲ ନମ୍ବର, ଇମେଲ୍, ଏନ୍‌ଇଏଫ୍‌ଟି ଓ ପ୍ୟାନ୍ ଅପଡେଟ୍ କରନ୍ତୁ।

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ/ଦେଖନ୍ତୁ: www.licindia.in ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

ପ୍ରତି କ୍ଷଣ ଆପଣଙ୍କ ସାଥିରେ

ଆମର ହ୍ୱାଟ୍‌ସଆପ୍ ନ.: 8976862090 'Hi' କୁହନ୍ତୁ

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital

ଦେଖନ୍ତୁ: licindia.in

କଲ୍ ସେଣ୍ଟର ସର୍ଭିସ : (022) 6827 6827

ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512

LIC/ P1/2025-26/30/Ori

ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ । ଆଇଆର୍‌ଡିଏଆଇ କିମ୍ବା ଏହାର ଅଧିକାରୀଗଣ ବୀମା ପଲିସୀ ବିକ୍ରି କରିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା, ରାଶି ଫେରସ୍ତ କରିବା ପରି ବୀମା ବ୍ୟବସାୟର କୌଣସି କାର୍ଯ୍ୟକଳାପରେ ଭାଗ ନିଅନ୍ତି ନାହିଁ । ଏଭଳି ଫୋନ କଲ୍ ପାଇବା ପଲିସିଧାରକ ବା ପ୍ରସ୍ପେକ୍ଟମାନେ ଏକ ପୁଲିସ ଅଭିଯୋଗ କରିବାକୁ ଅନୁରୋଧ । ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ ।



DSPL-456

ଓଡ଼ିଶା ଶାସନ | ପାଣି ପଞ୍ଚାୟତ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

# ରାଜ୍ୟବ୍ୟାପୀ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ

## ୦୬ - ୨୦ ଜାନୁଆରୀ ୨୦୨୬



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ପାଣି ପଞ୍ଚାୟତ - ଚାଷୀ ଓ ଚାଷର ହିତେ ସଦା ଜାଗ୍ରତ

**ସଶକ୍ତ ପାଣି ପଞ୍ଚାୟତ**

- ସଂଶୋଧିତ ଅଧିନିୟମ ୨୦୨୩ କାର୍ଯ୍ୟକାରୀ।
- **ମହିଳାମାନଙ୍କୁ ପାଣି ପଞ୍ଚାୟତରେ ସମ୍ପୃକ୍ତି ଓ ସମାନତାର ଅଧିକାର।**
- ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ପାଣି ପଞ୍ଚାୟତ ଗଠନ।
- **୪୦,୩୮୦ଟି** ପାଣି ପଞ୍ଚାୟତ କ୍ରିୟାଶୀଳ।

**ଦକ୍ଷତା ବୃଦ୍ଧି**

- ପାଣି ପଞ୍ଚାୟତମାନଙ୍କ ଦକ୍ଷତା ବିକାଶ ତଥା ସମ୍ପୃକ୍ତ ଅଧିକାରୀଙ୍କ ନେତୃତ୍ୱ ଜାଗରଣ ନିମନ୍ତେ **ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଁ XIM ବିଶ୍ୱବିଦ୍ୟାଳୟ ସହ** ଅନୁବନ୍ଧିତ।
- WALMI ଦ୍ୱାରା ପାଣି ପଞ୍ଚାୟତ ସଦସ୍ୟମାନଙ୍କୁ ତାଲିମ୍।
- ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ଅଧୀନ **୪୩୪ ମହିଳା ଚାଷୀଙ୍କୁ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ (CIWA)** ଦ୍ୱାରା ତାଲିମ୍ ପ୍ରଦାନ।

**ନିରନ୍ତର ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି**

- ୨୦୨୮-୨୯ ପର୍ଯ୍ୟନ୍ତ **୮୦ ହଜାର ହେକ୍ଟର** ସେଚାଞ୍ଚଳରେ **୨,୪୦୦ କି.ମି.** କଂକ୍ରିଟ କରନାଳୀ ଏବଂ **୬୦ ହଜାର ହେକ୍ଟର** ସେଚାଞ୍ଚଳରେ ପୁରାତନ, ଜରାଜୀର୍ଣ୍ଣ କରନାଳୀକୁ କଂକ୍ରିଟରେ ପୁନଃନିର୍ମାଣ ପାଇଁ **୧,୩୩୮ କୋଟି** ଟଙ୍କାର ପ୍ରାବଧାନ।
- ପ୍ରଶାସନିକ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ **e-CAD** ଆପ୍ଲିକେସନ ଭଳି **IT** ପଦକ୍ଷେପ, ପ୍ରକଳ୍ପଗୁଡ଼ିକର ତଦାରଖ, ଦେୟ ଏବଂ **ରେକର୍ଡ ସଂରକ୍ଷଣକୁ** ସୁଗମ କରିବ।
- କେନ୍ଦ୍ର ପ୍ରାୟୋଜିତ **ସମୃଦ୍ଧି ଯୋଜନା** ମାଧ୍ୟମରେ ସେଚାଞ୍ଚଳ ଉନ୍ନୟନର ଆଧୁନିକୀକରଣ **(MCAD)** କାର୍ଯ୍ୟକ୍ରମର ପାଇଲଟ୍ ପ୍ରକଳ୍ପ ନିଆଯାଇଅଛି।
- **୨୫୬ଟି** ପାଣି ପଞ୍ଚାୟତରେ **କୃଷି ଯନ୍ତ୍ରପାତି ସେବା କେନ୍ଦ୍ର** ପ୍ରତିଷ୍ଠା କରାଯାଇ ଚାଷୀ ଭାଇ ଓ ଭଉଣୀମାନଙ୍କୁ **ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଭଡ଼ା ସୂତ୍ରରେ** ପ୍ରଦାନ କରାଯାଉଅଛି।
- **୨,୧୪୩ଟି** ସୌରଶକ୍ତି ଚାଳିତ ଗଭୀର ନଳକୂପ ମାଧ୍ୟମରେ ପ୍ରାୟତଃ **୬,୫୦୦ ହେକ୍ଟର** ଋଷଜମିକୁ ଅତିରିକ୍ତ ଜଳସେଚନର ସୁବିଧା କରାଯାଇ ସେଠାରେ ରବି ଏବଂ ଗ୍ରୀଷ୍ମ ଋତୁରେ ପନିପରିବା ଆଦି ଚାଷ କରାଯାଇ ଋଷୀମାନଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହୋଇପାରିଛି।
- **୮୪୨ଟି** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ଷୁଦ୍ର ଡାଲି କଳ, କ୍ଷୁଦ୍ର ତୈଳ ଉତ୍ପାଦନ କଳ ଏବଂ କ୍ଷୁଦ୍ର ମାଣ୍ଡିଆ ପ୍ରକ୍ରିୟାକରଣ ଯନ୍ତ୍ର ପାଇଁ ସହାୟତା।

OIPR-32001/13/0024/2526

dowr.odisha.gov.in | x.com/OdishaWater | facebook.com/odishawater | instagram.com/odisha_water

**ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର**

# ମୋହନ @ ୫୫





ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ୫୫ ବର୍ଷରେ ପଦାର୍ପଣ କରିବେ। ୧୯୭୨ ଜାନୁଆରୀ ୬ ତାରିଖରେ କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ରାଇକଳା ଗ୍ରାମର ଏକ ସାଧାରଣ ସାନ୍ତାଳ ଆଦିବାସୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ଅତି ସାଧାରଣ ପୃଷ୍ଠଭୂମିରୁ ଆସି ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀରେ ପହଞ୍ଚିବା ପଛରେ ରହିଛି ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ସଂଘର୍ଷର କାହାଣୀ। ଜଣେ ନିରାଡ଼ମ୍ବର ମଣିଷ ଭାବେ ସେ ଆଜି ମଧ୍ୟ ନିଜର ସାଧାରଣ ଜୀବନଶୈଳୀ ପାଇଁ ସମସ୍ତଙ୍କର ପ୍ରିୟ ହୋଇରହିଛନ୍ତି। ତାଙ୍କ ନେତୃତ୍ୱରେ 'ବିକଶିତ ଓଡ଼ିଶା' ଗଠନର ସ୍ୱପ୍ନ ସାକାର ହେବ ବୋଲି ଓଡ଼ିଶାବାସୀ ଆଶାବାଦୀ। ମୋହନ ସପ୍ତମ ଶ୍ରେଣୀରେ ପଢ଼ିବା ସମୟରେ ମା'ଙ୍କ ଦେହାନ୍ତ ପରେ ସାବତ ମା' ନାଥମଣି ମାଝି ତାଙ୍କୁ ପୁଅ ଭଳି ଯତ୍ନ କରି ବଡ଼ କରିଥିଲେ। ପରେ ସେ ୧୯୮୭ରେ ଝୁମ୍ପୁରା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ୧୯୯୦ରେ ଆନନ୍ଦପୁର କଲେଜରୁ ଯୁକ୍ତ୨ ପାସ୍ କରିଥିଲେ। ଚମ୍ପୁଆ ଚନ୍ଦ୍ରଶେଖର କଲେଜରୁ ୧୯୯୩ରେ ସ୍ନାତକ (ଗ୍ରାଜୁଏଶନ) ଏବଂ ପରେ ସ୍ନାତକୋତ୍ତର (ଏମ୍ଏ) ପାସ୍ କରିଥିଲେ। ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ଏଲଏଲ୍‌ବି ପାସ୍ କରି ପ୍ରଥମେ ଝୁମ୍ପୁରାସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକତା (ଗୁରୁଜୀ) ଆରମ୍ଭ କରିଥିଲେ। ଶିକ୍ଷକତା ସମୟରୁ ହିଁ ତାଙ୍କ ମଧ୍ୟରେ ସମାଜସେବା ଓ ଶୃଙ୍ଖଳିତ ଜୀବନଯାପନର ମୂଳଦୁଆ ପଡ଼ିଥିଲା।


## ସରପଞ୍ଚରୁ ମୁଖ୍ୟମନ୍ତ୍ରୀ

ତାଙ୍କର ରାଜନୈତିକ ଜୀବନ ତୃଣମୂଳ ସ୍ତରରୁ ଆରମ୍ଭ ହୋଇଥିଲା। ସେ ପ୍ରଥମେ ନିଜ ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ୧୯୯୭ରେ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହା ଯାଏ ସେ ଏହି ପଦବୀରେ ଜନସେବା କରିଥିଲେ। ଏହାପରେ ସେ କେନ୍ଦୁଝର ସଦର ବିଧାନସଭା ଆସନରୁ ଭାଜପା ଟିକେଟରେ ୨୦୦୦, ୨୦୦୪, ୨୦୧୯ ଏବଂ ୨୦୨୪ରେ ବିଜୟୀ ହୋଇଛନ୍ତି। ୨୦୧୯ରୁ ୨୦୨୪ ମଧ୍ୟରେ ସେ ଭାଜପାର ମୁଖ୍ୟ ସଚେତକ ଭାବେ ବିଧାନସଭାରେ ଲୋକଙ୍କ ସମସ୍ୟାକୁ ଦୃଢ଼ ଭାବେ ଉପସ୍ଥାପନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

## ଗୁରୁତ୍ୱପୂର୍ଣ୍ଣ ପଦବୀ

- ୨୦୦୫-୨୦୦୯ ପର୍ଯ୍ୟନ୍ତ ସେ ସରକାରୀ ଉପ-ମୁଖ୍ୟ ସଚେତକ ଥିଲେ।
- ୨୦୧୯-୨୦୨୪ରେ ସେ ଭାଜପା ବିଧାୟକ ଦଳର ମୁଖ୍ୟ ସଚେତକ ଭାବେ କାର୍ଯ୍ୟ କରି ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିଥିଲେ।
- ସେ ସାର୍ବଜନିକ ହିସାବ କମିଟି (ପିଏସି) ର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି।





ଜନ୍ମ ମାଟିରେ ପରିବାର ସଦସ୍ୟଙ୍କ ସହ

## ବ୍ୟକ୍ତିଗତ ଜୀବନ, ରୁଚି

ମୋହନଙ୍କ ପିତାଙ୍କ ନାମ ସ୍ୱର୍ଗତ ଗୁଣରାମ ମାଝୀ ଏବଂ ମାତାଙ୍କ ନାମ ସ୍ୱର୍ଗତ ବାଲେ ମାଝୀ। ତାଙ୍କ ପିତା ସରକାରୀ ସ୍କୁଲରେ ଜଣେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ମୋହନଙ୍କ ସହଧର୍ମିଣୀ ହେଲେ ଡ. ପ୍ରିୟଙ୍କା ମାର୍ଣ୍ଡି। ତାଙ୍କର ଦୁଇଟି ପୁଅ ଅଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ମଧ୍ୟ ସେ ନିଜ ପରିବାରକୁ ଲାଇମଲାଇଟ୍‌ଠାରୁ ଦୂରେଇ ରଖିବାକୁ ପସନ୍ଦ କରନ୍ତି ଏବଂ ଏକ ସାଧାରଣ ପରିବାର ଭଳି ରହନ୍ତି। ମୋହନଙ୍କର ଫୁଟବଲ ପ୍ରତି ଅହେତୁକ ଦୁର୍ବଳତା ରହିଛି। ଯୁବାବସ୍ଥାରେ ସେ ଜଣେ ଭଲ ଫୁଟବଲ ଖେଳାଳି ଥିଲେ। ଆଜି ମଧ୍ୟ ସେ ତାଙ୍କ ଗ୍ରାମ ରାଇକଳାରେ ହେଉଥିବା ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ସହ ଜଡ଼ିତ ରହିଥାନ୍ତି। ସେ ଶୃଙ୍ଖଳିତ ଜୀବନ ଏବଂ ସମୟାନୁବର୍ତ୍ତିତା ପାଇଁ ଜଣାଶୁଣା। ଆର୍ଏସଏସ କାର୍ଯ୍ୟକର୍ତ୍ତା ଏବଂ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ଭାବେ କାର୍ଯ୍ୟ କରିଥିବାରୁ ତାଙ୍କ ଜୀବନରେ ଆଧ୍ୟାତ୍ମିକତା ଏବଂ ସେବା ମନୋଭାବର ପ୍ରଭାବ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ। ଜଣେ ଆଇନଜୀବୀ ଭାବେ ତାଙ୍କର ଜ୍ଞାନ ତାଙ୍କୁ ବିଧାନସଭାରେ ବିଭିନ୍ନ ବିଲ୍ ଏବଂ ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରିବା ସମୟରେ ବେଶ୍ ସହାୟକ ହୋଇଥାଏ।



ଶ୍ରୀଜୀଉଙ୍କ ଦର୍ଶନ ଅବସରରେ।

## ଲୋକଙ୍କ ନେତା

ମୋହନ ଚରଣ ମାଝୀଙ୍କୁ ଜଣେ 'ଲୋକଙ୍କ ନେତା' ବୋଲି କୁହାଯାଏ। ସେ ଜଣେ ଆଦିବାସୀ ଚେହେରା ହୋଇଥିଲେ ମଧ୍ୟ ସବୁବର୍ଗର ଲୋକଙ୍କ ସହ ତାଙ୍କର ସୁସମ୍ପର୍କ ରହିଛି। ତାଙ୍କ ଶାସନରେ 'ଓଡ଼ିଆ ଅସ୍ମିତା'କୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଏବଂ ସାଧାରଣ ଲୋକଙ୍କ ଅଭିଯୋଗକୁ ସିଧାସଳଖ ଶୁଣିବା ତାଙ୍କ କାର୍ଯ୍ୟଶୈଳୀର ପ୍ରମୁଖ ଦିଗ।

## ଐତିହାସିକ ନିଷ୍ପତ୍ତି, ଜନକଲ୍ୟାଣକାରୀ ଯୋଜନା

*ମୋହନଙ୍କ ମୁଖ୍ୟମନ୍ତ୍ରିତ୍ୱର ପ୍ରଥମ କିଛି ମାସ ମଧ୍ୟରେ ସେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ଓଡ଼ିଶାର ସାମାଜିକ ଓ ଆର୍ଥିକ ଛବିରେ ଯଥେଷ୍ଟ ଉନ୍ନତି ଆଣିଥିବା କୁହାଯାଉଛି।*

**ସୁଭଦ୍ରା ଯୋଜନା:** ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ବିପ୍ଳବ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରାୟ ୧ କୋଟି ମହିଳାଙ୍କୁ ୫ ବର୍ଷ ମଧ୍ୟରେ ୫୦,୦୦୦ ଟଙ୍କା ଲେଖାଏ କିସ୍ତିରେ (ବର୍ଷକୁ ୨ଥର) ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହା ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରିବା ସହ ସେମାନଙ୍କ ପରିବାରର ଉନ୍ନତିରେ ସହାୟକ ହେଉଛି।

**ସମୃଦ୍ଧ କୃଷକ ଯୋଜନା:** ଚାଷୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାସହ 'ସିଏମ୍-କିଷାନ' ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।


**ଶ୍ରୀମନ୍ଦିରର ଚାରିଦ୍ୱାର ଓ ରତ୍ନଭଣ୍ଡାର:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଅଗାଧ ଭକ୍ତି ଯୋଗୁ ସେ ଦାୟିତ୍ୱ ନେବାର ତୁରନ୍ତ ପରେ ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ସର୍ବସାଧାରଣଙ୍କ ପାଇଁ ଖୋଲିବା ସହ ଦୀର୍ଘ ୪ ଦଶନ୍ଧି ଧରି ବନ୍ଦ ଥିବା ରତ୍ନଭଣ୍ଡାରକୁ ଖୋଲିବା ପାଇଁ ସାହସିକ ନିଷ୍ପତ୍ତି ନେଇଛନ୍ତି।

**ଓଡ଼ିଆ ଅସ୍ମିତା:** ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ 'ଓଡ଼ିଆ ଅସ୍ମିତା ଭବନ' ଓ ସ୍ୱତନ୍ତ୍ର କର୍ପସ ଫଣ୍ଡ୍ ଗଠନ କରିଛନ୍ତି।

**ଲୋକଙ୍କ ସ୍ୱରକୁ ପ୍ରାଧାନ୍ୟ:** ମୋହନ ମାଝୀଙ୍କ ଶାସନରେ ସାଧାରଣ ଲୋକଙ୍କ ସ୍ୱରକୁ ପ୍ରାଧାନ୍ୟ ଦିଆଯାଉଛି। ଦୀର୍ଘ ୧୬ ବର୍ଷ ଧରି ବନ୍ଦ ଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ସେ ପୁନଃ କାର୍ଯ୍ୟକ୍ଷମ କରିଛନ୍ତି, ଯେଉଁଠାରେ ସେ ନିଜେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।



ସିଙ୍ଗାପୁରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।



ସ୍ପେନ୍ ଆମ୍ବାସାଡର ଜୁଆନ ଆଣ୍ଟୋନିଓ ମାର୍ଚ୍ଚ ପୂଜୋଲଙ୍କ ସହ।



ବରଗଡ଼ ଧନୁଯାତ୍ରା କଂସ ଦରବାରରେ ମୁଖ୍ୟମନ୍ତ୍ରୀ।




ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀ।




# ଭାରତକୁ ପୁଣି ଟ୍ରମ୍ପ୍ ଟାରିଫ୍ ଭୟ

**ଭାରତ ରୁଷିଆଠାରୁ ତୈଳ କ୍ରୟ ବନ୍ଦ ନ କଲେ ଆହୁରି ଉଚ୍ଚ ଟାରିଫ୍‌ର ସମ୍ମୁଖୀନ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି । ଏୟାରଫୋର୍ସ ୱାନ୍‌ରେ ଖବରଦାତାମାନଙ୍କୁ ଟ୍ରମ୍ପ୍ କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଭଲ ବ୍ୟକ୍ତି। କିନ୍ତୁ ମୁଁ ଖୁସି ନୁହେଁ ବୋଲି ସେ ଜାଣନ୍ତି ଏବଂ ମୋତେ ଖୁସି କରିବା ଜରୁରୀ । ମୋତେ ଖୁସି କରିବା ପାଇଁ ମୋଦି ରୁଷିଆଠାରୁ ତୈଳ କିଣିବା କମାଇଛନ୍ତି। ତେବେ ତାହା ଯଥେଷ୍ଟ ନୁହେଁ ବୋଲି ଟ୍ରମ୍ପ୍ କହିଛନ୍ତି । ୨୦୨୫ ଅଗଷ୍ଟରୁ ଭାରତର ପଣ୍ୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ କଷିଛି। ସେଥିରୁ ୨୫% ଦଣ୍ଡ ସ୍ୱରୂପ ଲଗାଯାଇଛି କେବଳ ରୁଷିଆଠାରୁ ତୈଳ କିଣିବାକୁ ନେଇ । ଫଳସ୍ୱରୂପ ଆମେରିକାକୁ ଭାରତର ରପ୍ତାନି ବହୁଳ ଭାବେ ହ୍ରାସ ପାଇଛି। ଟ୍ରମ୍ପ୍‌ଙ୍କ ସଦ୍ୟ ଚେତାବନୀ ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଜୋର୍‌ଦାର ସମାଲୋଚନା କରିଛି । ଏହା ବୈଦେଶିକ ନୀତିର ବଡ଼ ବିଫଳତା। ଟ୍ରମ୍ପ୍‌ଙ୍କୁ ଖୁସି କରିବା ପାଇଁ ଭାରତ ରୁଷିଆଠାରୁ ତୈଳ କିଣା କମାଇଥିବା କଥାରୁ ସ୍ପଷ୍ଟ ହେଉଛି, ଦେଶର ବୈଦେଶିକ ନୀତି ଆମେରିକା ଦ୍ୱାରା ପରିଚାଳିତ । ପ୍ରଧାନମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି ।**


ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ/ନୂଆଦିଲ୍ଲୀ,୫।୧(ରଏଟର୍ସ/ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟିକସ କଷିଥିଲେ। ଏହାର ପ୍ରଭାବରେ ଭାରତରୁ ଆମେରିକାକୁ ଟେକ୍ସଟାଇଲ୍ସ, ମୁକ୍ତା, ଜୁଏଲାରି, ଔଷଧ, ଚିଙ୍ଗୁଡ଼ି, ଦୁଗ୍ଧ ଉତ୍ପାଦ ଓ ଚମଡ଼ା ଆଦି ସାମଗ୍ରୀ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଥିଲା। ଭାରତର ଅର୍ଥନୀତି ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥିଲା। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ଏକାଧିକ ଥର ଦ୍ୱିପାକ୍ଷିକ ବାଣିଜ୍ୟିକ ଆଲୋଚନା ହେଲାଣି। କିନ୍ତୁ ଏଥିରୁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଏଭଳି ସ୍ଥିତିରେ ରୁଷିଆର ଅଶୋଧିତ ତୈଳକୁ ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ବିବେଚନା କରୁଥିବା ଟ୍ରମ୍ପ୍ ପୁଣି ଥରେ ଭାରତକୁ ଚେତାଇ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତ ରୁଷିଆଠାରୁ ତୈଳ କିଣୁଥିବାରୁ ସେ ଖୁସି ନୁହନ୍ତି। ଏକଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଣିଛନ୍ତି। ଖୁବ୍‌ଶୀଘ୍ର ଆମେରିକା ଭାରତ ଉପରେ ଟାରିଫ୍ ବଢ଼ାଇପାରେ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ରବିବାର ଫ୍ଲୋରିଡାରୁ ଏୟାରଫୋର୍ସ ୱାନ୍‌ରେ ୱାଶିଂଟନ୍ ଡିସି ଯାଉଥିବାବେଳେ ସେ ଖବରଦାତାମାନଙ୍କୁ ଏହା କହିଛନ୍ତି। ଆମେରିକା ବଜାରରେ ଭାରତୀୟ ରପ୍ତାନି ଅତ୍ୟଧିକ ଟାରିଫ୍‌ର ସମ୍ମୁଖୀନ ହୋଇଥିବାବେଳେ ପୁନର୍ବାର ଏହା ବଢ଼ିବାକୁ ଯାଉଛି। ବର୍ତ୍ତମାନ ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ଜବାବୀ ଶୁଳ୍କ ହୋଇଥିବାବେଳେ ବାକି ୨୫ ପ୍ରତିଶତ ଭାରତ ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବାରୁ ଲଗାଯାଇଛି।

ଟ୍ରମ୍ପ୍ ଆହୁରି କହିଛନ୍ତି, ଭାରତ ମୂଳତଃ ତାଙ୍କୁ ଖୁସି କରିବାକୁ ଚାହିଁଥିଲା। ମୋଦି ଜଣେ ଭଲ ମଣିଷ। ସେ ଜାଣନ୍ତି ମୁଁ ସୁଖୀ ନୁହେଁ। ମୋତେ ଖୁସି କରାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ଟ୍ରମ୍ପ୍ କହିଛନ୍ତି। ସେମାନେ ବାଣିଜ୍ୟ କରୁଛନ୍ତି ଏବଂ ଆମେ ଖୁବ୍‌ଶୀଘ୍ର ସେମାନଙ୍କ ଉପରେ ଟାରିଫ୍ ବଢ଼ାଇପାରିବୁ, ଯାହା ସେମାନଙ୍କ ପାଇଁ ବହୁତ ଖରାପ ହେବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ନୂଆଦିଲ୍ଲୀ ଏବେ ରୁଷିଆଠାରୁ ଯଥେଷ୍ଟ କମ୍ ତେଲ କିଣୁଛି। ଏହାର ମୁଖ୍ୟ କାରଣ ଆମେରିକା ଲଗାଇଥିବା ଟାରିଫ୍ ବୋଲି ଆମେରିକା ସିନେଟର ଲିଣ୍ଡସେ ଗ୍ରାହାମ କହିବା ପରେ ଟ୍ରମ୍ପ୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକରୁ ଆମଦାନୀ ସାମଗ୍ରୀ ଉପରେ ୫୦୦% ଶୁଳ୍କ ଲଗାଇବାକୁ ଗ୍ରାହାମ ତାଙ୍କ ଟାରିଫ୍ ବିଲ୍‌ରେ ଚାହିଁଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ହେଲେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଗ୍ରାହକମାନଙ୍କ ଉପରେ ଚାପ ପକାଇବାକୁ ହେବ ବୋଲି ଗ୍ରାହାମ କହିଛନ୍ତି। ଏହି କଟକଣା ରୁଷିଆକୁ ଯଥେଷ୍ଟ କ୍ଷତିଗ୍ରସ୍ତ କରିବ ବୋଲି ଟ୍ରମ୍ପ୍ କହିବା ପରେ ଭାରତର ନାଁ ନେଇଥିଲେ।

ଗତବର୍ଷ ଏପ୍ରିଲରୁ ନଭେମ୍ବର ମଧ୍ୟରେ ରୁଷିଆ ଭାରତର ସର୍ବବୃହତ୍ ତୈଳ ଯୋଗାଣକାରୀ ଥିବାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଆମେରିକାରୁ ଭାରତର ତୈଳ ଆମଦାନୀ ୯୨ ପ୍ରତିଶତ ବଢ଼ିଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଗତ ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତ ମୋଟ ୧୭୮.୧ ନିୟୁତ ଟନ୍ ଅଶୋଧିତ ତୈଳ ଆମଦାନୀ କରିଥିଲା। ସେଥିରୁ ୬୦ ନିୟୁତ ଟନ୍ ରୁଷିଆରୁ ଥିବାବେଳେ ଆମେରିକାରୁ ୧୩ ନିୟୁତ ଟନ୍ ଥିଲା। ଏହାର ବର୍ଷେ ପୂର୍ବରୁ ଭାରତ ମୋଟ ୧୬୫ ନିୟୁତ ଟନ୍ ତୈଳ ଆମଦାନୀ କରିଥିବାବେଳେ ସେଥିରୁ ରୁଷିଆରୁ ଆମଦାନୀ ପରିମାଣ ୬୨.୪ ନିୟୁତ ଟନ୍ ଏବଂ ଆମେରିକାରୁ ମାତ୍ର ୭.୧ ନିୟୁତ ଟନ୍ ଥିଲା।

# ଆଗକୁ ଆସିପାରନ୍ତି ନୂଆ ଆଇଏଏସ୍ ଅଫିସର

ଭୁବନେଶ୍ୱର,୫।୧(ସୁନିତ୍ ମିଶ୍ର)

୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ କେତେଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଫଳରେ ଜଣେ ଲେଖା ଅଫିସରଙ୍କ ହାତରେ ବର୍ତ୍ତମାନ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିବାର ଦାୟିତ୍ୱ ପଡ଼ିଛି। ଏପରି ହେଲେ କାର୍ଯ୍ୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଦେଖା ଦେଇପାରେ ବୋଲି ସରକାର ଚିନ୍ତା କରୁଥିବା ଶୁଣିବାକୁ ମିଳୁଛି। ନିକଟ ଭବିଷ୍ୟତରେ ଅନେକ ଆଇଏଏସ୍ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ଲକ୍ଷ୍ୟ କରାଯାଇଛି, ହେଲେ କେନ୍ଦ୍ରରୁ କେହି ଫେରିବା ଦୃଷ୍ଟିକୁ ଆସୁନି। ତେଣୁ ଏଭଳି ସ୍ଥିତି ନୂଆ ଆଇଏଏସ୍ ଅଫିସରଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ଆଗକୁ ଆଣିପାରନ୍ତି, ଯାହା ନିକଟରେ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଅନେକ ନୂଆ ଅଫିସରଙ୍କୁ ନିକଟରେ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେଇ ଆଗକୁ ଆଣିବେ ବୋଲି ଜଣାପଡୁଛି। ସେହିକ୍ରମରେ ଦେଖିଲେ ରାଜ୍ୟର ଦୁଇ ବରିଷ୍ଠ ଆଇଏଏସ୍ ଅଫିସର ୧୯୯୩ ବ୍ୟାଚ୍‌ର ସୁରେନ୍ଦ୍ର କୁମାର ଏବଂ ୧୯୯୪ ବ୍ୟାଚ୍‌ର ଜି. ମାଥିଭାଥନନ ନିକଟରେ ଅବସର ନେବାକୁ ଯାଉଛନ୍ତି। ମାଥିଭାଥନନ୍‌ଙ୍କ କାର୍ଯ୍ୟକାଳ ଆସନ୍ତା ୩୧ରେ ସରିଯିବ। ସେହିପରି ଆସନ୍ତା ଜୁନ୍ ୩୦ରେ ସୁରେନ୍ଦ୍ରଙ୍କ କାର୍ଯ୍ୟକାଳ ଶେଷ ହେବ। ମାଥିଭାଥନନ୍ ବର୍ତ୍ତମାନ ଗୋପବନ୍ଧୁ ଏକାଡେମିର ନିର୍ଦ୍ଦେଶକ ଅଛନ୍ତି। ତେଣୁ ତାଙ୍କ ସ୍ଥାନରେ ଆଉ ଜଣଙ୍କୁ ରାଜ୍ୟ ସରକାର ଦାୟିତ୍ୱ ଦେବେ। ସେହିପରି ସୁରେନ୍ଦ୍ର କୁମାର ବର୍ତ୍ତମାନ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ମୂଳ ଦାୟିତ୍ୱରେ ରହିଛନ୍ତି। ଅତିରିକ୍ତ ଭାବେ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସଂସଦୀୟ ବ୍ୟାପାର ବିଭାଗ, ଓଏମ୍‌ସି ଅଧ୍ୟକ୍ଷ, ଓଏମ୍‌ଇଏଲ୍ ଏବଂ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଅବଶ୍ୟ ସୁରେନ୍ଦ୍ରଙ୍କ ଅବସର ଲାଗି ଆହୁରି ୬ ମାସ ସମୟ ବାକି ଅଛି, ହେଲେ ଏହା ପୂର୍ବରୁ ସରକାର କିଛି ନିଷ୍ପତ୍ତି ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ପୂର୍ବ ସରକାର ସମୟରୁ ରାଜ୍ୟର କୃଷି ଉତ୍ପାଦନ ଆୟୁକ୍ତ(ଏପିସି) ପଦବୀ ଖାଲି ପଡ଼ିଲାଣି। ଏହା ଏକ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ। ଏହି ପଦବୀ ପାହ୍ୟା ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ସହିତ ସମାନ। ହେଲେ ସରକାର ବଦଳିବା ଏବଂ ଶାସନକୁ ଆସିବାର ୧୮ ମାସ ପରେ ମଧ୍ୟ ଏପିସି ପଦ ପୂରଣ କରାଯାଇପାରି ନାହିଁ। ଏହି ପଦରେ ଯାହାକୁ ଦାୟିତ୍ୱ ମିଳିବ ସେ ରାଜ୍ୟ ଶାସନର ଜଣେ ବରିଷ୍ଠ ଅଧିକାରୀ ହୋଇଥିବା ଦରକାର। ସେହି ଦୃଷ୍ଟିରୁ ଦେଖିଲେ ସରକାର ଏହି ପଦରେ କାହାକୁ ବସାଉଛନ୍ତି ନା ବର୍ତ୍ତମାନ ଭଳି ଖାଲି ରଖିବେ ସେନେଇ ଚର୍ଚ୍ଚା ଶୁଣିବାକୁ ମିଳୁଛି। ସୂଚନା ମୁତାବକ ପ୍ରାୟ ୩ ବର୍ଷରୁ ଅଧିକ ଦିନ ହେଲାଣି ଏହି ପଦବୀ ଖାଲି ପଡ଼ିଛି। ସେହିପରି କେବିକେ ଆଡମିନିଷ୍ଟ୍ରେଟର ପଦ ମଧ୍ୟ ଦୀର୍ଘଦିନ ହେଲା ଖାଲି ରହିଛି। ଏହି ପଦରେ ସରକାର କାହାକୁ ବସାଇ ନାହାନ୍ତି। ପଦବୀ ଦୃଷ୍ଟିରୁ ଦେଖିଲେ ଏହା ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଅନ୍ୟପଟେ ସରକାର ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁଙ୍କୁ ଗୃହ ବିଭାଗ ଦାୟିତ୍ୱରୁ ହଟାଇ ତାଙ୍କୁ କେବଳ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ଦାୟିତ୍ୱ ତାଙ୍କ ପୂର୍ବରୁ ଗତ ୧ ତାରିଖ ପର୍ଯ୍ୟନ୍ତ ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ଣ ୧୦ଟା।
- ନୃତ୍ୟ ବିଳାସ ପକ୍ଷରୁ ୫ମ ନୃତ୍ୟ ଉତ୍ସବ, ପଦ୍ମଶ୍ରୀ ଡ.ମିନତୀ ମିଶ୍ର ସମ୍ମାନ ଏବଂ ଗୁରୁଶ୍ରୀ ଗାନ୍ଧୀ ମଲ୍ଲିକ ସ୍ମୃତି ସମ୍ମାନ-୨୦୨୬, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ଣ ୪ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଉତ୍କଳ ମଣ୍ଡପ, ରିଜର୍ଭ ବ୍ୟାଙ୍କ ସମ୍ମୁଖ, ସମୟ: ଅପରାହ୍ଣ ୫ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାଳୟସ୍ତରୀୟ ପିଏମ୍ଶ୍ରୀ ଉତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବାଲିଅନ୍ତା ବ୍ଲକ ବେଣୁପୁରସ୍ଥିତ ପିଏମ୍ଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୧ଟା।

**କଟକ**
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ କଟକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ଣ ୩ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ଣ ୩ଟା ୩୦।

**ଖୋର୍ଦ୍ଧା**
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ରୋଡ୍, ଜଟଣୀ, ସମୟ: ଅପରାହ୍ଣ ୩ଟା।

**ମୟୂରଭଞ୍ଜ**
- ଷ୍ଟେଶନ ଆଥ୍‌ଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ଣ ୧୦ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା,ସ୍ଥାନ: ଷ୍ଟାଡିୟମ ବାରିପଦା, ସମୟ: ଅପରାହ୍ଣ ୩ଟା।

**ବ୍ରହ୍ମପୁର**
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି ଶାଖା,ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବୁଗୁଡା ବ୍ଲକ୍ ଅନ୍ତରପଡ଼ା ମା' ସାଙ୍କୁଳାଈ ପୀଠ, ସମୟ: ପୂର୍ବାହ୍ଣ ୧୦ ଟା।

**କନ୍ଧମାଳ**
- ଶୀତ ମହୋତ୍ସବ ପାଇଁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ମହୋତ୍ସବ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ଣ ୩ଟା।

**ଗଜପତି**
- ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନୀ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ସକାଳ ୮ ଟା ୩୦।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଉଠା ଜଳସେଚନ କାର୍ଯ୍ୟାଳୟ ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ଣ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦରର ଆଗାମୀ ୧୦ ବର୍ଷ ନୂତନ ପ୍ରକଳ୍ପ ପାଇଁ ପରିବେଶୀୟ ଜନଶୁଣାଣି, ସ୍ଥାନ: ପୌର କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ଣ ୧୧ଟା।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ୍, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନର ସଚେତନତା ରଥ ଆରମ୍ଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ଣ ୧୦ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ମଙ୍ଗଳା ମଣ୍ଡପ, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ଣ ୧୧ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପୁସ୍ତକମେଳା ପରିସର, ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ଣ ୨ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଯାଜପୁର ଟାଉନ୍ ପ୍ରଶାସନିକ ଭବନ ପଡ଼ିଆ, ସମୟ: ପୂର୍ବାହ୍ଣ ୧୦ଟା।
- ଜାରକା ଜଳସେଚନ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ :ଜାରକା ଜଳସେଚନ ଡିଭିଜନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଯାଜପୁର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଯାଜପୁର ଜଳସେଚନ ବିଭାଜନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୧ଟା୩୦।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭ ଉଦ୍‌ଘାଟନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ଅପରାହ୍ଣ ୩ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୪ଟା।
- ଧର୍ମଶାଳା ମହୋତ୍ସବ ୧୩ ତମ ସନ୍ଧ୍ୟା, ସ୍ଥାନ: ଜାରକା ସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅମିତ ମିଶ୍ର ବଲିଉଡ ନାଇଟ୍, ସମୟ: ରାତି ୮ଟା।

**ନୟାଗଡ଼**
- ନୟାଗଡ଼ ଜିଲାସ୍ତରୀୟ ୭ମ ସ୍କାଉଟ୍ ଗାଇଡ୍ କ୍ୟାମ୍ପୋରି, ସ୍ଥାନ: ନୂଆଗାଁ ବ୍ଲକ ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ:ଅପରାହ୍ଣ ୩ଟା ୩୦।
- ରଣପୁର ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ରଣପୁର ବାଘ ସାମନ୍ତ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ଜିଲାସ୍ତରୀୟ କୃଷି ମହୋତ୍ସବ, କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜିସିଡି ଖେଳ ପଡିଆ, ରାୟଗଡ଼, ସମୟ: ପୂର୍ବାହ୍ଣ ୧୦ଟା।
- ପାଣି ପଞ୍ଚାୟତ ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାୟଗଡ଼ା, ସମୟ: ପୂର୍ବାହ୍ଣ ୧୦ଟା।
- ପିଏମ୍ଶ୍ରୀ ଉତ୍ସବ, ସ୍ଥାନ-ନୋଡାଲ ହାଏର ସେକେଣ୍ଡାରୀ ସ୍କୁଲ, ମୁନିଗୁଡା, ସମୟ: ପୂର୍ବାହ୍ଣ ୧୦ ଟା ୩୦।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ରାୟଗଡା କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ପ୍ରାଙ୍ଗଣ, ଗୁଣପୁରର ଚିନ୍ତାଲୁଗୁଡା, ସମୟ: ପୂର୍ବାହ୍ଣ ୧୧ ଟା ୩୦।

**ନବରଙ୍ଗପୁର**
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ନବରଙ୍ଗପୁର ଉଠା ଜଳସେଚନ ବିଭାଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

**କୋରାପୁଟ**
- ପୁଷ୍‌ପୁନି ଭେଟଘାଟ ଉଦ୍‌ଘାଟନ, ସ୍ଥାନ: ଲକ୍ଷ୍ମଣ ନାୟକ ପଡ଼ିଆ ସାଗରଗୁଡ଼ା, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଘଟ ଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: କୋଟପାଡ଼ ଶୀତଳା ଠାକୁରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ ଟା।

**ମାଲକାନଗିରି**
- ସିଦ୍ଧେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ ଆରମ୍ଭ, ସ୍ଥାନ: କୋରୁକୋଣ୍ଡା ବ୍ଲକ୍ ଡ଼ାଇକ-୨ ଗ୍ରାମ, ସମୟ: ସକାଳ ୬ ଟା।

**ସମ୍ବଲପୁର**
- ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ଣ ୧୦ଟା।
- ପଶ୍ଚିମ ଓଡ଼ିଶାର ଲୋକ କ୍ରୀଡା, ଲୋକ ଚିକିତ୍ସା, ଲୋକ ଚିତ୍ର ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ଣ ୧୦ଟା।
- କଳାକାର ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ଣ ୧୦ଟା।
- ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଆଧାରିତ କବିତା ପାଠୋତ୍ସବ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ଣ ୨ଟା।
- ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ଣ ୫ଟା ୩୦।

**ବଲାଙ୍ଗୀର**
- ଶୀତ ଋତୁ ଉପରେ ଆଲୋଚନାଚକ୍ର, କବିତା ପାଠୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର, କଦମପଡ଼ା, ବଲାଙ୍ଗୀର, ସମୟ: ଅପରାହ୍ଣ ୨ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ଣ ୨ଟା ୩୦।

**ରାଉରକେଲା**
- ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି ଘେରାଉ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଶ୍ରୀରାମ କଥା, ସ୍ଥାନ: ପାନପୋଷ ବସ୍ତି ରାମମନ୍ଦିର, ସମୟ: ଅପରାହ୍ଣ ୩ଟା।
- ଲୋକନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ସପ୍ତମ କୋଏଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍, ସ୍ଥାନ: ଦୁର୍ଗାପୂଜା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବଡ଼ଗାଁ ହାଇସ୍କୁଲ ଖେଳ ପଡିଆ, ବଡଗାଁ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନ ସମାରୋହ,ସ୍ଥାନ: ମାଦ୍ରିକାଲୋ ଭବନ ପଡିଆ,ସମୟ: ପୂର୍ବାହ୍ଣ ୧୦ଟା।

**ବରଗଡ଼**
- ସ୍ୱର୍ଣ୍ଣମଣ୍ଡିତ ଧନୁକୁ ସ୍ୱାଗତ, ସ୍ଥାନ: ଅମ୍ବାପାଲି ଛକ, ବରଗଡ଼, ସମୟ: ସକାଳ ୮ଟା ୩୦।
- କୃଷକ ମାରଣ ନୀତି ପ୍ରତିବାଦରେ ବିଜେଡ଼ିର ପ୍ରତିବାଦ ସମାବେଶ, ସ୍ଥାନ: ମାରୱାଡ଼ି ଧର୍ମଶାଳା, ଅତାବିରା, ସମୟ: ପୂର୍ବାହ୍ଣ ୧୦ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଚତୁର୍ଥ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ୍ଣ ୧୦ଟା।
- ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: କେଶିଙ୍ଗା ବ୍ଲକ କନ୍ତେଶିର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିସର, ସମୟ: ପୂର୍ବାହ୍ଣ ୧୧ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଭବାନୀପାଟଣା ବ୍ଲକ ମେଦିନୀପୁର, ସମୟ: ଅପରାହ୍ଣ ୫ଟା।

**ବୌଦ୍ଧ**
- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ଉଠା ଜଳସେଚନ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉତ୍ସବ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୧ଟା।
- ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପର ଦ୍ୱିତୀୟ ଦିବସ, ସ୍କାନ ସ୍ପୋର୍ଟିଂ ଭୁବନେଶର ବନାମ ଜେସିସି ସମ୍ବଲପୁର, ସ୍ଥାନ: ବିକଳପୁର, ବୀରମହାରାଜପୁର, ସମୟ: ପୂର୍ବାହ୍ଣ ୧୧ଟା।
- ଜୀବନ ଓ ମଙ୍ଗଳୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ସୁବଳୟା, ବୀରମହାରାଜପୁର, ସମୟ: ପୂର୍ବାହ୍ଣ ୧୧ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବରଘାଟ, ବୀରମହାରାଜପୁର, ସମୟ: ପୂର୍ବାହ୍ଣ ୧୧ଟା।
- ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମୈତ୍ରୀ ସଦନ, ବୀରମହାରାଜପୁର, ସମୟ: ଅପରାହ୍ଣ ୨ଟା୩୦।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୮ତମ ଜୟ ମା' ସୁନାଦେଈ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ସୁନାବେଡା କଣା ଭଏଁରା ଖେଳ ପଡିଆ, ସମୟ: ସକାଳ ୯ଟା।
- ପ୍ରଭାଗ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜଳସେଚନ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ଣ ୧୦ଟା।

## ଆଗକୁ ଆସିପାରନ୍ତି...

ପୃଷ୍ଠା-୩ର ଅବଶିଷ୍ଟାଂଶ

ଅତିରିକ୍ତ ଭାବେ ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ଦେଓ ରଞ୍ଜନ କୁମାର ସିଂଙ୍କ ନିକଟରେ ଥିଲା। ସେହିପରି ଦେଓ ରଞ୍ଜନ ଉନ୍ନୟନ କମିଶନର ହେବା ସହିତ ଅତିରିକ୍ତ ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ଶାସନ ସଚିବ ଅଛନ୍ତି। ଉନ୍ନୟନ କମିଶନର ଭାବେ ସେ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେଲେ। ତାଙ୍କ ହାତରେ ଆଉ କୌଣସି ଦାୟିତ୍ୱ ନାହିଁ। ସତ୍ୟବ୍ରତଙ୍କ ହାତରୁ ଗୃହ ବିଭାଗ ଯିବା ପରେ ତାହା ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ହେମନ୍ତ ଶର୍ମାଙ୍କୁ ମିଳିଛି। ଅତିରିକ୍ତ ଭାବେ ହେମନ୍ତ ବର୍ତ୍ତମାନ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ପାଇଛନ୍ତି। ସେ ମୂଳତଃ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଛନ୍ତି। ଏହା ସହିତ ତାଙ୍କ ହାତରେ ଅତିରିକ୍ତ ଭାବେ ସୂଚନା ଓ ଲୋକ ସମ୍ପର୍କ, ଇପିକଲ ଅଧ୍ୟକ୍ଷ ଦାୟିତ୍ୱ ରହିଛି। ତେଣୁ ଏତେଗୁଡ଼ିଏ ବିଭାଗର ଦାୟିତ୍ୱ ଠିକ୍ ଭାବେ ତୁଲାଇବା ଜଣେ ଦକ୍ଷ ଅଫିସରଙ୍କ ପାଇଁ ବଡ଼ କଥା ନୁହେଁ। ହେଲେ ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା କାରଣରୁ ତାଙ୍କୁ ଏହି ବିଭାଗର ସ୍ଥାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ କରିଦିଆଯାଇପାରେ ବୋଲି ଶୁଣିବାକୁ ମିଳୁଛି। ସେହିପରି ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ଶୋଭା ଶର୍ମାଙ୍କୁ ଅତିରିକ୍ତ ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ମିଳିଛି। ପୂର୍ବରୁ ସେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ରହିଛନ୍ତି। ତେଣୁ ଜଳ ସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ଅତିରିକ୍ତ ଭାବେ ନ ରହି ଏହି ପଦରେ ଶୋଭାଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ କିଛି ନୂଆ ଆଇଏଏସ୍ ଅଫିସରଙ୍କୁ ସୁଯୋଗ ମିଳିବ ବୋଲି ଅନୁମାନ କରାଯାଉଛି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଚତୁର୍ଥକେନ୍ଦ୍ରରେ ଚନ୍ଦ୍ର ପାରିବାରିକ ଶାନ୍ତି ଏବଂ ସମସ୍ୟାମୁକ୍ତ କର୍ମକ୍ଷେତ୍ର ଯୋଗୁ ଖୁସିରହିବେ। ବ୍ୟବସାୟ,ପରିବହନ,ପ୍ରଶାସନ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଶୁଭଫଳ ପାଇବେ। ଯାନ୍ତ୍ରିକ ମରାମତି ଓ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ରହିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହେବ। ବନ୍ଧୁଙ୍କ ପ୍ରତିଶ୍ରୁତିରୁ ମନ ହାଲୁକା ରହିବ।

**ବୃଷ**
ବୃହସ୍ପତିଙ୍କ ଯୋଗୁ ଧନହାନି,ପ୍ରାପ୍ତିରେ ପ୍ରତିବନ୍ଧକ କିମ୍ବା ଅର୍ଥନୈତିକ ଅପରାଧରେ ଜଡ଼ିତ କରାଇପାରନ୍ତି। ବ୍ୟୟାଧିପ ମଙ୍ଗଳଙ୍କ ପ୍ରଭାବରେ ଜମିଜମା,ଯାନ୍ତ୍ରିକ ଜିନିଷ, ମରାମତି କିମ୍ବା ବିକ୍ରି ପାଇଁ ମନସ୍ଥ କରିପାରନ୍ତି। ସଭାସମିତିରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପାଇଁ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ମିଥୁନ**
ଆଜିର ସପ୍ତମକେନ୍ଦ୍ରସ୍ଥ ଗ୍ରହଯୋଗ ଏକାଧିକ କାମରେ ପ୍ରବେଶ କରାଇପାରେ। ବିବାଦୀୟ ଘଟଣାରେ କିମ୍ବା ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତାରେ ସଫଳତା ପାଇବା କଷ୍ଟପ୍ରଦ ହେବ। ଅର୍ଥ କାରବାରରେ ଜଟିଳତାକୁ ଦୂରେଇବାରେ ସମର୍ଥ ହୋଇପାରନ୍ତି। ଘରମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କର୍କଟ**
ସ୍ୱଗୃହୀ ଚନ୍ଦ୍ରଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ ଏବଂ ଯାତ୍ରା, ବାଣିଜ୍ୟରେ ଅନୁକୂଳ ପରିବେଶ ସୃଷ୍ଟିହେବ। ସମ୍ପର୍କ ଯୋଡ଼ିବା ଚେଷ୍ଟା ନିରର୍ଥକ ହେବନାହିଁ। କର୍ମକ୍ଷେତ୍ର, ପରିବାର ଓ ଅଭିଳାଷିତ ଦ୍ରବ୍ୟ ପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେବେ। ରାହୁଙ୍କ ପ୍ରଭାବରେ ବନ୍ଧୁଙ୍କ ସହ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ସିଂହ**
ଲାଭଭାବକୁ ଏକାଧିକ ଗ୍ରହ ଦେଖୁଥିବାରୁ ସ୍ଥଗିତ କାମ, ପାଉ ନ ଥିବା ଅର୍ଥ, ବନ୍ଧୁଙ୍କ ସାକ୍ଷାତ ଆଜି ପାଇପାରିବେ। ମନ ବୁଝିଲା ଭଳି କଥା କହି ସମ୍ପର୍କ ଯୋଡ଼ିବାରେ ସମର୍ଥ ହେବେ। ସାହିତ୍ୟ, ସାମ୍ବାଦିକତା ଆଦିରେ ପ୍ରଶଂସା ପାଇବେ। ପାରିବାରିକ ସମସ୍ୟା ସୁଧାରିବାରେ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରିବ।

**କନ୍ୟା**
କର୍ମକ୍ଷେତ୍ରକୁ ଏକାଧିକ ଗ୍ରହ ଦେଖୁଥିବାରୁ କର୍ମଜଞ୍ଜାଳ ବୃଦ୍ଧିପାଇବ। ଅଷ୍ଟମାଧିପତିଙ୍କ ପ୍ରଭାବରେ ପ୍ରତିବନ୍ଧକ ପଛରୁ ଗୋଡ଼ଟାଣିପାରେ। ପ୍ରବଳ ଧୈର୍ଯ୍ୟ ସାଙ୍ଗକୁ ଅବିଚଳିତ ମନୋଭାବରୁ ସମସ୍ୟା ସମାଧାନରେ ସଫଳ ହେବେ। ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିରୁ କଠୋର କଥା କହି ବନ୍ଧୁମାନଙ୍କ ରୋଷର ଶିକାର ହୋଇପାରନ୍ତି।

**ତୁଳା**
ଭାଗ୍ୟସ୍ଥାନ ପ୍ରତି ଗ୍ରହସମ୍ପର୍କଜନିତ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଅତିବାହିତ ହେବ। ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ସମ୍ପର୍କ ଗଡ଼ବଡ଼ ହୋଇପାରେ। ଟଙ୍କା ଫେରସ୍ତର ପ୍ରତିଶ୍ରୁତି ଦେଇଥିବା ଲୋକଟି ବିଭିନ୍ନ ଆଳରେ ନାସ୍ତିବାଣୀ ଶୁଣାଇପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥହେବା ଆଶା ରହିଛି।

**ବିଛା**
ଗୁରୁଙ୍କ ଶୁଭଦୃଷ୍ଟିରୁ ଆର୍ଥିକ ଉନ୍ନତି ସାଙ୍ଗକୁ ନୂତନ ବନ୍ଧୁସମ୍ପର୍କ ଏବଂ ସନ୍ତାନହେତୁକ ଗୌରବାନ୍ୱିତ ହୋଇପାରନ୍ତି। ରାହୁଙ୍କ ସ୍ଥିତି ପ୍ରଭାବରେ ପାରିବାରିକ ଜୀବନରେ ସମସ୍ୟା ଆଶଙ୍କା ରହିଛି। ଆଜିର ଯାତ୍ରା, ବାଣିଜ୍ୟ, ଆନୁଷ୍ଠାନିକ କର୍ମାରମ୍ଭ ସନ୍ତୋଷଜନକ ରହିବ। ରାଶ୍ୟାଧିପ ମଙ୍ଗଳଙ୍କ ପ୍ରତି ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରିବ।

**ଧନୁ**
ଗ୍ରହଙ୍କ ଅନୁକୂଳ ପ୍ରଭାବରୁ କର୍ମକ୍ଷେତ୍ର ଏବଂ ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ। ପାପଗ୍ରହ ପ୍ରଭାବ ମୁକ୍ତ ଚନ୍ଦ୍ର ଶାରୀରିକ ଓ ମାନସିକ ସ୍ଥିତିକୁ ସୁସ୍ଥ ରଖିବ। ଅଟକିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଆର୍ଥିକ, ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ସମ୍ପର୍କ କେତେକାଂଶରେ ପ୍ରଭାବିତ ହେବା ଆଶଙ୍କା ରହିଛି।

**ମକର**
ସପ୍ତମାଧିପତି ଚନ୍ଦ୍ରଙ୍କ ସ୍ଥିତି ପାରିବାରିକ ଜୀବନକୁ ଶୃଙ୍ଖଳିତ ରଖିବ। ବନ୍ଧୁଙ୍କ ପରାମର୍ଶରେ ଦୀର୍ଘଦିନରୁ ଅଟକିଥିବା କାମଟିକୁ ଆରମ୍ଭକରିବାକୁ ମନ ବଳାଇବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦୂରଯାତ୍ରା, ବ୍ୟବସାୟ, ପରିବହନ, ବନ୍ଧୁଙ୍କ ସହ ଆଲୋଚନା ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ**
ବୃହସ୍ପତିଙ୍କ ପ୍ରଭାବ ଉନ୍ନତ ଚିନ୍ତା ଓ ଗଠନମୂଳକ ଚିନ୍ତାଧାରାଯୁକ୍ତ କଲେ ମଧ୍ୟ ରାହୁ ବ୍ୟତିକ୍ରମ ସୃଷ୍ଟି କରିପାରନ୍ତି। ବାଧ୍ୟବାଧକତାରେ ନୂତନ କାର୍ଯ୍ୟରେ ହାତ ଦେବେ। ଋଣ ପରିଶୋଧ କରିବାରେ ବିଫଳ ହୋଇପାରନ୍ତି। ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନି, ବନ୍ଧୁରେ କଳହ ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ**
କର୍ମସ୍ଥାନରେ ଚତୁର୍ଗ୍ରହ ପରିବାର ସ୍ଥାନକୁ ଦେଖୁଥିବାରୁ ପରିବାର, ବନ୍ଧୁସମ୍ପର୍କ, ସଭାସମିତିରେ ସଫଳତା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟିହୋଇପାରେ। କୌଣସି କାମ ସୁବିଧାରେ ହେବା କଷ୍ଟକର ହୋଇପାରେ। ବ୍ୟବସାୟିକ ଦିଗଟି ସନ୍ତୋଷଜନକ ରହିବ ଏବଂ ବିବାଦର ସମାଧାନ ହେବା ଆଶା ରହିଛି।

ଆଜି ଜାନୁଆରୀ ୬ ତାରିଖ, ମାଘ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ. ୧୨।୧୯ ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬।୨୬ ଗତେ, ଘ.୦୭।୧୦ ମଧ୍ୟେ, ଘ.୦୯।୦୯ ଗତେ, ଘ.୧୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୩୫ ମି. ଗତେ, ଘ.୦୩।୫୬ ମି. ମଧ୍ୟେ ରାହୁକାଳ ।

## ୧୬୦ ଗ୍ରାମ ବ୍ରାଉନସୁଗାର ଜବତ

**ଭୋଗରାଇ,୫।୧ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କାଉବଣୀଠାରେ ଜଳେଶ୍ୱର ରେଞ୍ଜର ଇନ୍ସପେକ୍ଟର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୧୬୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ କାଉବଣୀ ଗ୍ରାମର ଭୁଦେବ ଦଳାଇ(୨୮)। ଏନେଇ ଭୋଗରାଇ ଅବକାରୀ ଥାନାରେ ୧୮୭/୨୫-୨୬ ରେ ମାମଲା ରୁଜୁ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଷ୍ଟ ଅଳଙ୍କାର ଜୁଡ଼ାରେ ଜବା,**
**ମା'ମଲା ଝିଅର କେଉଁଠି ଶୋଭା ?**

ସନ୍ତାନ ପାଇଁ ମା'ର ମୂଲ୍ୟ ଅମୂଲ। ମା' ନ ଥିବା ଝିଅ ଯେତେ ଅଳଙ୍କାରରେ ଆବୃତ୍ତ ହେଲେ ମଧ୍ୟ ତା'ର ଶୋଭା ବର୍ଦ୍ଧିତ ହୋଇପାରେ ନାହିଁ। ମା' ହିଁ କନ୍ୟାର ସର୍ବଶ୍ରେଷ୍ଠ ଅଳଙ୍କାର ବୋଲି ଏଠାରେ ଦର୍ଶାଯାଇଛି।

**ଅଦିନେ ଜହ୍ନି ରାଇତା**
**ଚନ୍ଦ୍ରମା ମୁହଁଟି ଶୁଖିଯାଇଛି ଲୋ**
**ଆଜିକ ଫେରିଯାଇଥା ।**

ଇଚ୍ଛା ଫଳବତୀ ନ ହେଲେ ମନର ସରାଗ ମରିଯାଇଥାଏ। ଅଭିମାନରେ ଝାଉଁଳି ପଡିଥିବା ଜଣେ ରୂପବତୀ କନ୍ୟାର ମୁଖମଣ୍ଡଳକୁ ଚାହିଁ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପଞ୍ଚଭୂତରେ ଲୀନ ହେଲା ରାଜାଙ୍କ ପାର୍ଥିବ ଶରୀର

**ଖଡ଼ିଆଳ,୫।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ରାଜା ସ୍ୱର୍ଗତ ଡ. ଜିତାମିତ୍ର ପ୍ରସାଦ ସିଂଦେଓଙ୍କ ପାର୍ଥିବ ଶରୀର ସୋମବାର ନେହେନା ସୁନ୍ଦର ନଦୀ ରାଣୀଘାଟରେ ପଞ୍ଚଭୂତରେ ଲୀନ ହୋଇଛି। ଏହାପରେ ଖଡିଆଳର ୧୯ତମ ରାଜାଭାବେ ଯୁବରାଜ ଦେବଦେବ ସିଂଦେଓଙ୍କ ନାମ ଘୋଷଣା କରାଯାଇ ରାଜ ପରିବାରର ରୀତିନୀତି ଅନୁଯାୟୀ ରାଜାଭିଷେକ କରାଯାଇଥିଲା। ଏହି ସମାରୋହରେ ରାଜ ପୁରୋହିତ ପ୍ରଫୁଲ୍ଲ ରଥ, ପୂଜକ ସୁଦର୍ଶନ ଠାକୁର, ପାଟଯୋଷୀ, ସେବାୟତ, ବୁଦ୍ଧିଜୀବୀ, ସଚେତନ ନାଗରିକ, ରାଜପରିବାର ସଦସ୍ୟ ଯୋଗ ଦେଇଥିଲେ। ପରେ ରାଜା ଦେବଦେବ ସିଂଦେଓ ସ୍ୱର୍ଗତ ରାଜା ଡ. ଜିତାମିତ୍ର ସିଂଦେଓଙ୍କ ଶେଷକୃତ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ତାଙ୍କ ସାନ ପୁଅ ଅମ୍ବରିଶ ସିଂଦେଓ ମୁଖାଗ୍ନି ଦେଇଥିଲେ।

ଏହା ପୂର୍ବରୁ ତାଙ୍କ ପାର୍ଥିବ ଶରୀରକୁ ବିଶାଳ ଶୋଭାଯାତ୍ରାରେ ଖଡିଆଳ ସହର ପରିକ୍ରମା କରାଯାଇଥିଲା। ଏହି ସମୟରେ ସହରର ହଜାର ସଂଖ୍ୟାରେ ଲୋକ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

### ଯୁବରାଜ ଦେବଦେବ ସିଂଦେଓଙ୍କ ରାଜାଭିଷେକ



ଖଡିଆଳର ୧୯ତମ ରାଜା ଭାବରେ ଯୁବରାଜ ଦେବଦେବ ସିଂଦେଓଙ୍କ ରାଜାଭିଷେକ କରାଯାଉଛି।

ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ତାଙ୍କୁ ସମ୍ମାନ ଜଣାଇ ସହରର ଅନେକ ଶିକ୍ଷା ଅନୁଷ୍ଠାନ ବନ୍ଦ ରହିଥିଲା। ଖଡ଼ିଆଳର ବ୍ୟବସାୟୀମାନେ ଦୋକାନ ବଜାର ବନ୍ଦ କରି ସ୍ୱର୍ଗତ ରାଜା ଜିତାମିତ୍ରଙ୍କୁ ସମ୍ମାନ ଜଣାଇଥିଲେ। ଶୋଭାଯାତ୍ରାରେ ନେହେନା ଗ୍ରାମରେ ପାର୍ଥିବ ଶରୀର ପହଞ୍ଚିବା ପରେ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ ରବିବାର ମଧ୍ୟାହ୍ନଭୋଜନ ପରେ ରାଜା ଡ. ଜିତାମିତ୍ର ପ୍ରସାଦ ସିଂଦେଓ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାର କିଛି ସମୟ ଭିତରେ ଖଡ଼ିଆଳସ୍ଥିତ ରାଜଭବନରେ ତାଙ୍କର ପରଲୋକ ହୋଇଯାଇଥିଲା।

## ସ୍କୁଲରେ ପୋଡ଼ିହୋଇ...

ପ୍ରଥମ ପୃଷ୍ଠାରୁ...

ଲୋକେ ସତର୍କତାର ସହ ତୁରନ୍ତ ୪ ଛାତ୍ରଙ୍କୁ ଉଦ୍ଧାରକରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଖ୍ରୀଷ୍ଟିଆନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଛାତ୍ର ହେଲେ ସପ୍ତମ ଶ୍ରେଣୀର ବିରାଟ ଟାକ୍ରି (୧୨), ନବୀନ ହୁଇକା (୧୨), ରୋହିତ ଖୋରା (୧୨) ଏବଂ ପଞ୍ଚମ ଶ୍ରେଣୀର ସୁଦାମ ବାଗ (୧୦) ବୋଲି ସିଆର୍‌ସିସି ଅନନ୍ତ ଓଡାକା ସୂଚନା ଦେଇଛନ୍ତି। ତେବେ ଛାତ୍ର ବିରାଜ ଟାକ୍ରି ଗୁରୁତର ଥିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବିଷମକଟକ ତହସିଲଦାର କେ. ଭେଙ୍କଟଶ୍ୱର ରେଡି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ବିଦ୍ୟାଳୟ ପରିସରରେ ଭୟ ଓ ଆତଙ୍କ ପରିବେଶ ସୃଷ୍ଟି ହୋଇଛି। ବିଦ୍ୟାଳୟ କାର୍ଯ୍ୟ ସମୟ ଭିତରେ




ଆହତ ଛାତ୍ରଙ୍କୁ ମେଡିକାଲ ନିଆଯାଉଛି।

ଛାତ୍ରମାନେ ପୋଡ଼ିହେବା ଏକ ନିନ୍ଦନୀୟ ଘଟଣା ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟାଳୟର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ସୁରକ୍ଷା ଅବହେଳାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦନ ପୁଲାକାଙ୍କୁ ଯୋଗାଯୋଗ କରିବାରୁ ସେ ବ୍ୟସ୍ତରେ ଅଛନ୍ତି, ଏବେ କିଛି ସୂଚନା ଦେଇପାରିବେ ନାହିଁ ବୋଲି କହିଛନ୍ତି।

## ବାଂଲାଦେଶରେ ଆଇପିଏଲ୍...

ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ବିସିସିଆଇ ଦ୍ୱାରା ରହମାନଙ୍କୁ ରିଲିଜ୍ କରିବା ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। ଏଭଳି ନିଷ୍ପତ୍ତି ବାଂଲାଦେଶବାସୀଙ୍କୁ ଦୁଃଖ, ଆଘାତ ଦେବା ସହ ଅସନ୍ତୁଷ୍ଟ କରିଛି। ଏଭଳି ପରିସ୍ଥିତିରେ ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ଆଇପିଏଲ୍‌ର ସମସ୍ତ ମ୍ୟାଚ୍ ଓ ପ୍ରୋଗ୍ରାମର ପ୍ରସାରଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜନ ହିତରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ଉକ୍ତ ବିବୃତିରେ କୁହାଯାଇଛି। ଏଥିରେ ଆସିଷ୍ଟାଣ୍ଟ ସେକ୍ରେଟାରି ଫିରୋଜ ଖାନଙ୍କ ହସ୍ତାକ୍ଷର ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ସରକାର ବିରୋଧୀ ଆନ୍ଦୋଳନ ହିଂସା ରୂପ ନେବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ଭାରତରେ ଶରଣ ନେଇଥିଲେ। ଆନ୍ଦୋଳନ ବେଳେ ଛାତ୍ରଙ୍କୁ ଦମନ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯିବା ପରେ ତାଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଦିଆଯାଇଛି। ହାସିନାଙ୍କ ବିଦାୟ ପରଠାରୁ ବାଂଲାଦେଶରେ ଅଳ୍ପ ସଂଖ୍ୟକ ହିନ୍ଦୁଙ୍କୁ ଟାର୍ଗେଟ କରାଯାଉଛି।




# ୯୫% ଅଭିଯୋଗର ସମାଧାନ

## ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

**ଭୁବନେଶ୍ୱର,୫।୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୬ତମ ପାଳି ସୋମବାର ଭୁବନେଶ୍ୱର ୟୁନିଟ-୨ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ନ ୧୦ଟାରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରିମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ସବୁଥର ଭଳି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଛନ୍ତି। ଏହି ଅବସରରେ ପୀଡ଼ିତଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ୧୨,୭୪୮ଟି ସମାଧାନ କରାଯାଇଛି, ଯାହା ଶତକଡ଼ା ୯୫%। ବକେୟା ଅଭିଯୋଗଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଥିବା ସୂଚନା ଦିଆଯାଇଛି।

ଜଟିଳ ରୋଗରେ ପୀଡ଼ିତ କେନ୍ଦୁଝର ଜିଲାର ପପୁନ ମହାରଣା, ଖୋର୍ଦ୍ଧା ଜିଲାର ପ୍ରିୟବ୍ରତ ପ୍ରଧାନ ଏବଂ କଟକ ଜିଲାର ଦୀପ୍ତିମୟୀ ଦାଶଙ୍କ ପାଇଁ ସିଙ୍ଗିଲ ୱିଣ୍ଡୋ ସିଷ୍ଟମ ଜରିଆରେ ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୋଗଗୁଡ଼ିକ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆସୁଛି। ଗୋଟିଏ ଅଭିଯୋଗ ସହିତ ଅତି କମ୍‌ରେ ୩ ଜଣରୁ ଆରମ୍ଭ କରି ୧୦ ଜଣ ପର୍ଯ୍ୟନ୍ତ ରହୁଛନ୍ତି। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଜନଶୁଣାଣି ପ୍ରକୋଷ୍ଠକୁ ଆସି ସେମାନଙ୍କ ଅଭିଯୋଗ ଶୁଣାଇଛନ୍ତି। ଏଥିସହିତ ଜନଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ ୮୮% ଅଭିଯୋଗର ସମାଧାନ କରାଯାଇଛି।

ଏହି ଅବସରରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛନ୍ତି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କ ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି ଏବଂ ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି। ଏଥିଯୋଗୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ସେ କହିଛନ୍ତି।


ଅଭିଯୋଗ ପ୍ରକୋଷ୍ଠରେ ଜଣେ ବରିଷ୍ଠ ନାଗରିକଙ୍କ ଗୁହାରି ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ସଚିବମାନଙ୍କୁ ସିଏସ୍ ମାଗିଲେ ୫ ପ୍ରସ୍ତାବ

**ଭୁବନେଶ୍ୱର,୫।୧ (ରବିନାରାୟଣ ଜେନା)**

ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଇଂଲିଶ ନୂଆବର୍ଷ ୨୦୨୬ ପୂର୍ବରୁ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି। ମୁଖ୍ୟଶାସନ ସଚିବ ପଦରେ ରାଜ୍ୟର ପ୍ରଥମ ମହିଳା ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ କରିବା ପରେ ସେ ସମସ୍ତ ସଚିବଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫେବୃଆରୀ ତୃତୀୟ ସପ୍ତାହରେ ବିଧାନସଭାର ୨୦୨୬-୨୭ବର୍ଷର ବଜେଟ ଅଧିବେଶନ ହେବାକୁ ଥିବାରୁ ଜାନୁଆରୀ ମାସ ପାଇଁ ସବୁଠାରୁ ମୁଖ୍ୟ ଟାସ୍କ ଭାବେ ସବୁ ସଚିବମାନଙ୍କଠାରୁ ୫ଟି ଲେଖାଏ ପ୍ରସ୍ତାବ ଲୋଡ଼ାଯାଇଛି। ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଡି. କେ. ଜେନା ଚଳିତମାସ ୩ରେ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ନେଇ ସ୍ୱତନ୍ତ୍ର ସଚିବ ପତ୍ରରେ ଦର୍ଶାଇଛନ୍ତି ଯେ, ଜାନୁଆରୀ ମାସରେ ମୁଖ୍ୟ ସଚିବ ୧୨ଟି ଦିଗ ଉପରେ କାର୍ଯ୍ୟ କରିବାକୁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରେ ନୂତନ ବଜେଟ ଅଧିବେଶନ ଲାଗି ସଚିବମାନେ ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ୫ଟି ପ୍ରସ୍ତାବ ଦେବେ। ଏହାସହିତ ପ୍ରତ୍ୟେକ ବିଭାଗ ସଚିବ ବିଭାଗର ୫ଟି ପ୍ରକଳ୍ପ କିମ୍ବା ସମସ୍ୟା ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତାହା ଯେକୌଣସି ନୀତିଗତ ନିଷ୍ପତ୍ତି ହେଉ କିମ୍ବା ଭିତ୍ତିଭୂମି ସମ୍ପର୍କିତ ଅଥବା ଯୋଜନା ତଥା ପ୍ରକଳ୍ପ ସମ୍ବନ୍ଧୀୟ ହୋଇଥିବା ଆବଶ୍ୟକ। ତେବେ ଏହି ପଦକ୍ଷେପ ନେବା ସମୟରେ ସଚିବମାନେ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିପାରିବେ।

ମୁଖ୍ୟସଚିବ ବିଭାଗସ୍ତରରେ କ୍ଷେତ୍ରପରିଦର୍ଶନକୁ ପ୍ରାଥମିକତା ଦେଇଛନ୍ତି। ବିଭାଗର ସଚିବ, ନିର୍ଦ୍ଦେଶକ କିମ୍ବା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ବାସ୍ତବକ୍ଷେତ୍ରରେ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ତାହା ପରଖିବା ସହିତ ସରକାରଙ୍କୁ ଅବଗତ କରାଇବାକୁ ପଡ଼ିବ। ତେବେ କ୍ଷେତ୍ର ପରିଦର୍ଶନ ବେଳେ କିଭଳି ଯୋଜନାର କାର୍ଯ୍ୟକାରିତା ପରଖିବେ ସେନେଇ ଏକ ଉଦାହରଣ ଦେଇ କୁହାଯାଇଛି। ଗୋଟିଏ ବିଦ୍ୟାଳୟରେ କେତେ ଛାତ୍ରୀଛାତ୍ର ଅଛନ୍ତି, ନିୟମିତ କେତେ ଉପସ୍ଥିତ ରହୁଛନ୍ତି, ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟରେ କ୍ଲାସ୍ ନେଉଛନ୍ତି କି ନାହିଁ? ମଧ୍ୟାହ୍ନଭୋଜନ ଠିକ୍ ସମୟରେ ଏବଂ ବ୍ୟବସ୍ଥିତ ଭାବେ ଛାତ୍ରୀଛାତ୍ରଙ୍କୁ ମିଳୁଛି କି ନାହିଁ। ଏହି ସମୟରେ ସରକାରଙ୍କ ମାର୍ଗଦର୍ଶିକାର ପାଳନ ହେଉଛି କି ନାହିଁ ? ସେସବୁ ଭଲ ଭାବେ ଅବଗତ ହେବା ସହିତ ସରକାରଙ୍କୁ ଅବଗତ କରାଇବାକୁ ହେବ। ସେହିପରି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ବେଳେ ତାହା କେଉଁ ପର୍ଯ୍ୟାୟରେ ରହିଛି ଏବଂ ତାହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ କି ନାହିଁ ତା’ର ଯାଞ୍ଚ କରି ବିବରଣୀ ଦେବେ।

ସେହିପରି ରାଜ୍ୟ ଉନ୍ନୟନ ଆୟୁକ୍ତ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରତ୍ୟେକ ବିଭାଗର ପ୍ରସ୍ତାବକୁ ଯାଞ୍ଚ କରିବା ସହିତ ଚଳିତ ଆର୍ଥିକବର୍ଷର ଖର୍ଚ୍ଚ କିଭଳି ତ୍ୱରାନ୍ୱିତ ହେବ ସେଥିପ୍ରତି ଦୃଷ୍ଟିଦେବେ। ଯଦି କୌଣସି ବିଭାଗର ଖର୍ଚ୍ଚ ତ୍ୱରାନ୍ୱିତ ହେବାରେ ସମସ୍ୟା ଉପୁଜୁଛି ତେବେ ସେକ୍ଷେତ୍ରରେ ରାଜ୍ୟ ଉନ୍ନୟନ ଆୟୁକ୍ତ ଏବଂ ଅର୍ଥବିଭାଗ ପ୍ରମୁଖ ସଚିବଙ୍କ ସହିତ ପରାମର୍ଶ କରି ବିଭାଗ ପଦକ୍ଷେପ ନେଇପାରିବେ।

ଏହି ଅବସରରେ ମୁଖ୍ୟସଚିବ ସରକାରୀ ପାଣ୍ଠିକୁ ବିଭିନ୍ନ ବ୍ୟାଙ୍କରେ ପାର୍କିଂ(ଠୁଳ) କରିବା ଉପରେ ଶକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟସଚିବ କହିଛନ୍ତି, ଯଦି କୌଣସି ଯୋଜନାରେ ବ୍ୟାଙ୍କରେ ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି ତେବେ ତୁରନ୍ତ ତାକୁ ମାପ୍ପିଂ ଅପ୍ ଏକ୍ସରସାଇଜ୍ କରି ରାଜକୋଷକୁ ଉକ୍ତ ଟଙ୍କା ଫେରାଇବେ।


ଅନୁ ଗର୍ଗ

# ନରେନ୍ଦ୍ରପୁରରେ ଅଗ୍ନିକାଣ୍ଡ: ୨୬ ବଖରା ଜଳିଗଲା


ଅଗ୍ନିକାଣ୍ଡସ୍ଥଳରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଆଲୋଚନା କରୁଛନ୍ତି।

**ତିହିଡ଼ି,୫।୧(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ତହସିଲ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମର ପଣ୍ଡିତସାହିରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୬ ବଖରା ଘର ଜଳିଯାଇଥିବା ବେଳେ ୮ ଗୋରୁ ଓ ୫ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି।

ଗ୍ରାମର ଦାଶରଥି ନାୟକ, ଚକ୍ରଧର ନାୟକ, ଗୁଣନିଧି ନାୟକ, ସନାତନ ନାୟକ, ସୁଧାକର ନାୟକ ଓ ରାଧେଶ୍ୟାମ ନାୟକଙ୍କ ଘର ମୋଟ ୬ ପରିବାରର ୧୬ ବଖରା ଘର ସହ ୧୦ ବଖରା ଗୁହାଳ ଜଳିଯାଇଛି। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଲୋକେ ପାଖକୁ ଯାଇ ଲିଭାଇବା ସମ୍ଭବ ହୋଇ ନ ଥିଲା। ସମସ୍ତଙ୍କ ଘରେ ଥିବା ଧାନ ଚାଉଳ ସହ ସବୁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗଦି ବଜାରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଖବର ପାଇ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଅଗ୍ନିବିପନ୍ନ ପରିବାରଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ରାଜସ୍ୱ ନିରୀକ୍ଷକ ନୀହାର ରଞ୍ଜନ ଦାସ ଓ ସୁପରଭାଇଜର ଚନ୍ଦନ କୁମାର ମହାନ୍ତି ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

### ୮ ଗୋରୁ, ୫ ଛେଳି ଜୀବନ୍ତ ଦଗ୍ଧ



ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

-ସଙ୍କଟ ଚତୁର୍ଥୀ ବ୍ରତ



# ଶିକ୍ଷିତ ଦେଶବିରୋଧୀ

ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିକଟରେ ବିବୃତି ଦେବା ଅନେକଙ୍କୁ ବ୍ୟଥିତ କରିବା କଥା। ରାଜସ୍ଥାନର ଉଦୟପୁରସ୍ଥିତ ଭୁପାଲ ନୋବେଲ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ସେ ଶିକ୍ଷିତଙ୍କ ପାଇଁ ଦେଶରେ ହ୍ୱାଇଟ କଲାର ଆତଙ୍କବାଦ ମୁଣ୍ଡ ଟେକିଛି ବୋଲି କହିବା ବେଳେ ୨୦୨୫ ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ କାର୍ ବୋମା ବିସ୍ଫୋରଣରେ ଡାକ୍ତରଙ୍କ ସମ୍ପୃକ୍ତି ଥିବା ବିଷୟକୁ ସମ୍ଭବତଃ ଇଙ୍ଗିତ କରିଛନ୍ତି। ଆତଙ୍କବାଦ ସହିତ ଡାକ୍ତର ଜଡ଼ିତ ହେବା ନିଶ୍ଚିତ ନିନ୍ଦନୀୟ। କିନ୍ତୁ ତାହାକୁ ନେଇ ସମଗ୍ର ଶିକ୍ଷିତ ସମାଜକୁ ଗୋଟିଏ ଚଷମାରେ ଦେଖାଯିବା ଉଚିତ ନୁହେଁ। ପୂର୍ବରୁ ଆଜିକାର ଶାସକ ଦଳ ଶିକ୍ଷିତ ସହରବାସିନ୍ଦାଙ୍କୁ 'ଅର୍ବାନ ନକ୍ସଲ' ଆଖ୍ୟା ଦେଇ ସମାଲୋଚନା କରିଆସୁଥିଲେ। ସମ୍ଭବତଃ ବିଭିନ୍ନ କ୍ଷେତ୍ରରେ ଆଜିର ସରକାରଙ୍କ ନୀତି ବିଫଳ ହେବା ଯୋଗୁ ସେହି ଦୁଇ ଶବ୍ଦକୁ ଏବେ ବ୍ୟବହାର କରିବା ପରିବର୍ତ୍ତେ ସମଗ୍ର ଶିକ୍ଷିତ ସମାଜ ଉପରେ ଆକ୍ରମଣ ଆରମ୍ଭ କରାଯାଉଛି। ସମସ୍ତଙ୍କ ମନେଅଛି ଯେ, ପୂର୍ବରୁ ଯେତେବେଳେ କୌଣସି ଆକ୍ରମଣ ହେଉଥିଲା ସେତେବେଳେ ମୁସଲମାନ ସମ୍ପ୍ରଦାୟକୁ ଦୋଷ ଦେବା ସହିତ ପାକିସ୍ତାନର ମସୁଧାରେ ହୋଇଛି ବୋଲି କୁହାଯାଉଥିଲା। 'ଅପରେଶନ ସିନ୍ଦୂର' ଏବେ ବି ଚାଲୁରହିଛି ବୋଲି ରାଜନାଥ ସିଂ ଏବଂ ଅନ୍ୟ ବରିଷ୍ଠ ନେତାମାନେ ବାରମ୍ବାର ଦାବି କରିଆସୁଥିବା ବେଳେ ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ବିସ୍ଫୋରଣ ଘଟିଗଲା। ସେହି ବିସ୍ଫୋରଣ ଯେଉଁ ବିଫଳତା ଦର୍ଶାଇଲା ତାହା ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦୁହିଁଙ୍କୁ ଇଙ୍ଗିତ କରୁଛି। ଏହି ବିସ୍ଫୋରଣ ପରେ ପାକିସ୍ତାନର ନାଁ ନେବାକୁ ଦିଲ୍ଲୀ ପୋଲିସ କିମ୍ବା ଭାରତୀୟ ଗୋଇନ୍ଦା ସଂସ୍ଥାର ସାହସ ପାଇଲା ନାହିଁ। ଏଭଳି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ପ୍ରତିରକ୍ଷା ମନ୍ତ୍ରୀଙ୍କ କହିବା ଅନୁଯାୟୀ ଶିକ୍ଷିତଙ୍କ ଅର୍ଥ ସ୍କୁଲ କିମ୍ବା କଲେଜରେ ପାଠ ପଢ଼ିଥିବା ଭାରତୀୟଙ୍କ ପରିବର୍ତ୍ତେ 'ଶିକ୍ଷିତ ସମାଜ'ର ଅର୍ଥ ହେଉଛି ଯେଉଁମାନେ ସରକାରଙ୍କ ବିଫଳତା ବୁଝି ବ୍ୟବସ୍ଥାକୁ ପ୍ରଶ୍ନ କରୁଛନ୍ତି। ଗଣତନ୍ତ୍ରରେ ଶିକ୍ଷିତ ସମାଜ ପ୍ରଶ୍ନ କରିବା ସ୍ୱାଭାବିକ। ଅନ୍ୟପଟେ ସମ୍ପୂର୍ଣ୍ଣ ଅଶିକ୍ଷିତ ତାଙ୍କର ମନର ଚାହିଦା ଅନୁଯାୟୀ ଭୋଟ ଦେଇଥାନ୍ତି। ତେବେ ମଧ୍ୟ-ଶିକ୍ଷିତ ହେଉଛନ୍ତି ସମାଜ ପାଇଁ ସବୁଠାରୁ ଅଧିକ କ୍ଷତିକାରକ। ସେହିମାନେ ପ୍ରଶ୍ନ କରିବାକୁ ଇଚ୍ଛାକରନ୍ତି ନାହିଁ କିମ୍ବା ଭୁଲ୍ ଦେଖିବାରେ ସମୟ ଦେବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ। ସେହି ଗୋଷ୍ଠୀ ସମ୍ପୂର୍ଣ୍ଣ ଭାବେ ସ୍ୱାର୍ଥପର ହୋଇ ଦେଶର ମଙ୍ଗଳ ପରିବର୍ତ୍ତେ ନିଜର ସୁବିଧାକୁ ଦେଖିଥାନ୍ତି ଏବଂ ସ୍ରୋତ ସହିତ ବହିଯିବାକୁ ଆଗଭର ହୁଅନ୍ତି। ତେଣୁ ସେଭଳି ଶିକ୍ଷିତଙ୍କୁ ନେଇ ଭିଡ଼ କରିବା ସହଜ ହୋଇଥାଏ। ଯେଉଁମାନେ ବ୍ୟବସ୍ଥାକୁ ପ୍ରଶ୍ନ କରନ୍ତି, ସେମାନେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରନ୍ତି।

> **ଓଡ଼ିଆରେ ଢଗ ଅଛି-'ଚାଲି ନ ଜାଣି ବାଟର ଦୋଷ'। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଗୋଇନ୍ଦା ବିଫଳତାକୁ ଦୋଷ ନ ଦେଇ ରାଜନାଥ ଶିକ୍ଷିତମାନେ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ସାର୍ବଜନୀନ ମନ୍ତବ୍ୟ ଦେବା ତାଙ୍କ ଦୁର୍ବଳତାକୁ ଦର୍ଶାଉଛି। ଜଣେ ବରିଷ୍ଠ ମନ୍ତ୍ରୀ, ଯିଏକି ଦେଶର ପ୍ରତିରକ୍ଷା ଦାୟିତ୍ୱରେ ଅଛନ୍ତି, ତାଙ୍କ ତୁଣ୍ଡରୁ ଯେତେବେଳେ ଶିକ୍ଷିତଙ୍କ ବିରୋଧରେ ବିବୃତି ବାହାରୁଛି; ସେତେବେଳେ ମନେହେଉଛି ଏବେ ଦେଶକୁ ଅଶିକ୍ଷିତ କରି ରଖିବାର ଉଦ୍ୟମ ଆରମ୍ଭ ହେଲା।**

ଆଶ୍ଚର୍ଯ୍ୟ ଲାଗେ, ଗତ ୧୧ ବର୍ଷର ଇତିହାସ ମଧ୍ୟରେ ଭାରତ ଭିତରେ କେତେ ପ୍ରକାରର ବିଭାଜନ ସୃଷ୍ଟି କରାଯିବାର ଚେଷ୍ଟା କରାଗଲାଣି। ନିର୍ବାଚନବେଳେ ହିନ୍ଦୁ-ମୁସଲମାନ ବିଭାଜନ, ବିମୁଦ୍ରୀକରଣ ବେଳେ ଧନୀ-ଗରିବ ବିଭାଜନ, ଚାଷୀ ଆନ୍ଦୋଳନ ବେଳେ ଭାରତ-ଖଲିସ୍ତାନ ବିଭାଜନ, ହିନ୍ଦୀ-ଅଣହିନ୍ଦୀ ଭାଷୀଙ୍କ ମଧ୍ୟରେ ବିଭାଜନ, ନିର୍ବାଚନ ଦୂରରେ ଥିବାବେଳେ ଉଚ୍ଚ ଜାତି ଓ ନୀଚ ଜାତି ମଧ୍ୟରେ ବିଭାଜନ, ରାଜନୈତିକ ଦୃଷ୍ଟିକୋଣରୁ ସୁହାଉଥିବା ଗୋଷ୍ଠୀ ଦେଶପ୍ରେମୀ ଆଖ୍ୟା ପାଇଲାବେଳକୁ ବିରୋଧୀଙ୍କୁ ଦେଶଦ୍ରୋହୀ କହି ବିଭାଜନ, ଐତିହାସିକ ଦୃଷ୍ଟିକୋଣରୁ କୁହାଯାଉଛି ଭାରତରେ ପୂର୍ବରୁ ଯାହା କରାଯାଉଥିଲା ତାହା ଥିଲା ତ୍ରୁଟିପୂର୍ଣ୍ଣ ଏବଂ ୨୦୧୪ ପରେ କେବଳ ଦେଶ ହିତକାରୀ ହେଉଛି ବୋଲି କୁହାଯାଇ ସେଥିରେ ମଧ୍ୟ ବିଭାଜନ; ଏହିଭଳି ଆହୁରି ଅନେକ ବିଷୟକୁ ନେଇ ବିଭାଜନ ସୃଷ୍ଟି କରାଯାଉଥିବାବେଳେ ଏବେ ପ୍ରଶ୍ନ କରୁଥିବା ଶିକ୍ଷିତ ନାଗରିକଙ୍କୁ ହ୍ୱାଇଟ୍ କଲାର ଅତଙ୍କବାଦର ଆଖ୍ୟା ଦିଆଯିବାର ଅର୍ଥ ହେଉଛି ସେମାନଙ୍କ ବ୍ୟତୀତ ଅନ୍ୟମାନେ ସମସ୍ତେ ଦେଶପ୍ରେମୀ। ଏହା ଏକ ନୂଆ ବିଭାଜନ।

ଓଡ଼ିଆରେ ଢଗ ଅଛି-'ଚାଲି ନ ଜାଣି ବାଟର ଦୋଷ'। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଗୋଇନ୍ଦା ବିଫଳତାକୁ ଦୋଷ ନ ଦେଇ ରାଜନାଥ ଶିକ୍ଷିତମାନେ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି ବୋଲି ସାର୍ବଜନୀନ ମନ୍ତବ୍ୟ ଦେବା ତାଙ୍କ ଦୁର୍ବଳତାକୁ ଦର୍ଶାଉଛି। ଜଣେ ବରିଷ୍ଠ ମନ୍ତ୍ରୀ, ଯିଏକି ଦେଶର ପ୍ରତିରକ୍ଷା ଦାୟିତ୍ୱରେ ଅଛନ୍ତି, ତାଙ୍କ ତୁଣ୍ଡରୁ ଯେତେବେଳେ ଶିକ୍ଷିତଙ୍କ ବିରୋଧରେ ବିବୃତି ବାହାରୁଛି; ସେତେବେଳେ ମନେହେଉଛି ଏବେ ଦେଶକୁ ଅଶିକ୍ଷିତ କରି ରଖିବାର ଉଦ୍ୟମ ଆରମ୍ଭ ହେଲା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 7 | 8 | 2 | | | |
| | | | 3 | | | | | |
| | | | | 6 | | 2 | 1 | |
| | 8 | | 2 | 3 | 7 | 9 | | |
| 4 | | | 9 | | | | 7 | |
| | 9 | | 1 | | | 8 | 3 | |
| | | | | | 3 | 7 | | |
| | 7 | | | | | | | |
| | 4 | 9 | | | | 1 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 8 | 1 | 9 | 7 | 3 | 5 | 6 |
| 6 | 7 | 5 | 8 | 3 | 2 | 1 | 4 | 9 |
| 3 | 1 | 9 | 6 | 5 | 4 | 2 | 7 | 8 |
| 1 | 5 | 6 | 9 | 4 | 8 | 7 | 2 | 3 |
| 7 | 8 | 4 | 2 | 1 | 3 | 6 | 9 | 5 |
| 2 | 9 | 3 | 7 | 6 | 5 | 8 | 1 | 4 |
| 5 | 3 | 7 | 4 | 2 | 6 | 9 | 8 | 1 |
| 9 | 4 | 2 | 3 | 8 | 1 | 5 | 6 | 7 |
| 8 | 6 | 1 | 5 | 7 | 9 | 4 | 3 | 2 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ରାଜୁଡ଼ା ଗନ୍ଧ



ସହଦେବ ସାହୁ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଖାଇଦେଲେଣି ଯେ ନିର୍ବାଚନରେ ଜିତିବା ରାଜ୍ୟ ଜୟ ସହ ସମାନ। ଆଗକାଳରେ ରାଜାମାନେ କୌଣସି ଅଞ୍ଚଳ ଅଧିକାର କଲେ ସେଠାକାର ଭାଷା ସଂସ୍କୃତି ଓ ନାମ ଧାମ ବଦଳାଇ ଦିଅନ୍ତି, ରାଜାଙ୍କ ମର୍ଜି ବାଟରେ ଆଇନ ଯାଏ, ସିଭିଲ ସର୍ଭିସ୍ ପଲିଟିକାଲ୍ ସର୍ଭିସ୍ ହୋଇଯାଏ, ଅନୁଗତମାନଙ୍କ ପୋଷାକର ରୂପ ଓ ରାଜ୍ୟର ସମ୍ପତ୍ତିର ରଙ୍ଗ ବଦଳେ। କିନ୍ତୁ ଗଣତନ୍ତ୍ରରେ ଯେଉଁ ରାଜନୈତିକ ଦଳ ସରକାର ଗଢ଼େ, ତାହାର ମୁଖ୍ୟ ଆଗକାଳର ରାଜାଙ୍କ ଭଳି ବ୍ୟବହାର କଲେଣି, ଆଇନ କେଉଁ ବାଟରେ ଯିବ ତାହା ସେ ନିର୍ଦ୍ଦେଶ ଦେଲେଣି, ବିଧାନସଭାରେ ତାଙ୍କର ସଂଖ୍ୟାଗରିଷ୍ଠ ଦଳ ସେହିପରି ଆଇନ ତିଆରି କରୁଛି, ତାଙ୍କ ଇସାରାରେ କେତେ ଦିନ ଅଧିବେଶନ ହେବ ତାହା ବାଚସ୍ପତି ମାନିନେଉଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୪ର ରାଷ୍ଟ୍ରପତି ନିର୍ବାଚନରେ ଜିତିଥିବା ରିପବ୍ଲିକାନ୍ ଦଳର ଡୋନାଲ୍ଡ ଟ୍ରମ୍ପ୍ ସେଇୟା କରୁଛନ୍ତି। ଅଖାଡୁଆ ରାଜନୀତି ଚଳାଇଛନ୍ତି ଏବଂ ତାଙ୍କ ପରେ କ'ଣ ହେବ ତାହା ଭାବୁନାହାନ୍ତି । ସମ୍ବିଧାନ ଆର୍ଟିକଲ୍ ୨ କହୁଛି: The executive-Power shall be vested in a President of the United States of America.। ଜୁଡିସିଆରିର ରାୟକୁ ଓ ଲେଜିସ୍‌ଲେଚର ଆଇନକୁ ଏକ୍‌ଜିକ୍ୟୁଟିଭ୍ ହିଁ କାର୍ଯ୍ୟକାରୀ କରେ! ତେଣୁ ଟ୍ରମ୍ପ୍‌ଙ୍କ ଆଖିରେ ଗଣତନ୍ତ୍ରର ଅନ୍ୟ ଦୁଇଟି ଅଙ୍ଗ ଅଥର୍ବ ଏବଂ ସେ ସମ୍ରାଟ । ସେ ଇଂଲିଶ ଭାଷାକୁ ସରକାରୀ ଭାଷା କରିସାରିଲେଣି, ଇମିଗ୍ରାଣ୍ଡ(ଆପ୍ରବାସୀ)ଙ୍କୁ ତଡିବାରେ ଲାଗିଛନ୍ତି । ସିଭିଲ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ (ଆଗର ସ୍ୱଏଲ୍‌ସ ସିଷ୍ଟମ ଭଳି) କରିଲେଣି, ଅପସନ୍ଦ ଅଧିକାରୀମାନଙ୍କୁ ଛଟେଇ କରୁଛନ୍ତି, ନିଜ ଲୋକଙ୍କୁ ସେମାନଙ୍କ ସ୍ଥାନରେ ରଖୁଛନ୍ତି । ସବୁ ଯୋଜନାର ନାମରେ ନିଜ ନାଁ ଯୋଡୁଛନ୍ତି, ଏପରି କି ଯୁକ୍ତରାଷ୍ଟ୍ର ସମ୍ବିଧାନର ୨୫୦ ବାର୍ଷିକୀ ପାଳନର ସ୍ମାରକୀ ମୁଦ୍ରାରେ ଟ୍ରମ୍ପ୍‌ଙ୍କ ଛବି ରହିବ ଆଦେଶ ଦେଲେଣି ।

ଆମ ଦେଶରେ ବି ନିର୍ବାଚନ ପରେ ସରକାର ବଦଳିଲେ ପ୍ରଧାନମନ୍ତ୍ରୀ (ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀ) ସିଭିଲ ସର୍ଭିସ୍ ଅଧିକାରୀମାନଙ୍କୁ ନିଜର ଇଚ୍ଛାନୁଯାୟୀ ବଦଳି କରୁଛନ୍ତି, ଛଟେଇ କରିବା କ୍ଷମତା ନ ଥିବାରୁ ଅପସନ୍ଦ ଅଧିକାରୀମାନଙ୍କୁ ନିମ୍ନତର କାମ ଦେଉଛନ୍ତି ବା ବିନା କାମରେ ବସେଇ ଦେଉଛନ୍ତି । କାରଣ ଆମ ସମ୍ବିଧାନକୁ ରାଜନୈତିକ ଦଳଗୁଡ଼ିକ ୧୯୭୬, ୧୯୮୫ ଓ ୨୦୦୩ରେ ଏପରି ସଂଶୋଧନ କରିଦେଇଛନ୍ତି: ବ୍ୟକ୍ତିବାଦ (ଡିକ୍ଟେଟରଶିପ୍) ବା ପରିବାରବାଦ (ରାଜୁଡ଼ା) ଉଧେଇଛି। ଆମ ସମ୍ବିଧାନରେ ଅଛି




ରାଷ୍ଟ୍ରପତିଙ୍କଠାରେ ଏକ୍‌ଜିକ୍ୟୁଟିଭ୍ ପାୱାର ଥୁଳ, (ଧାରା ୫୩) ୫୩ (୧) The executive power of the Union shall be vested in the President...କିନ୍ତୁ ସେ ଏକ ରବର ଷ୍ଟାମ୍ପ, ୧୯୭୬ର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ଅନୁଯାୟୀ ପ୍ରେସିଡେଣ୍ଟ ପ୍ରଧାନମନ୍ତ୍ରୀ (ମନ୍ତ୍ରିମଣ୍ଡଳର ମୁଖ୍ୟ)ଙ୍କ ପରାମର୍ଶରେ କାମ କରିବାକୁ ବାଧ୍ୟ- ୭୪। There shall be a Council of Ministers with the Prime Minister at the head to aid and advise the President who shall, in the exercise of his functions, act in accordance with such advice ଆମେରିକାରେ ରାଷ୍ଟ୍ରପତି ଯାହା କରୁଛନ୍ତି ଆମ ଦେଶରେ ପ୍ରଧାନମନ୍ତ୍ରୀ ତାହା କରିପାରିବେ।

ପ୍ରାଦେଶିକ ସ୍ଥଳରେ ମୁଖ୍ୟମନ୍ତ୍ରୀ ତାହା କରିପାରିବେ। ମନ୍ତ୍ରିମଣ୍ଡଳ ଗଠନ ହେଲା କ୍ଷଣି ପ୍ରଥମ କାମ ହେଉଛି ସିଭିଲ ସର୍ଭିସ୍‌କୁ ପଲିଟିକାଲ ସର୍ଭିସ ଭଳି ଦେଖିବା - ଆଗ ସରକାରର ଲୋକ ହୋଇଥିବେ ବୋଲି ଯାହାକୁ ମନେକରିବେ ତାକୁ ଅବହେଳିତ ପଦବୀକୁ ପଠାଇବା ଓ ନିଜ ଦଳର ସମର୍ଥନରେ କାମ କରିବେ ବୋଲି ଭାବୁଥିବା କର୍ମଚାରୀମାନଙ୍କୁ ଭଲ ଭଲ ପଦପଦବୀରେ (ଅର୍ଥକରୀ ପଦବୀ କହିଲେ ଭଲ ହେବ) ଅବସ୍ଥାପିତ କରିବେ, ପୂର୍ବ ସରକାରର ଚିହ୍ନବର୍ଣ୍ଣ ଲିଭାଇବେ ଓ ରଙ୍ଗଢ଼ଙ୍ଗ ତଥା ନାମକରଣ ବଦଳାଇବେ, ସେପରି ଖର୍ଚ୍ଚକୁ ଅପବ୍ୟୟ ଭାବିବେ ନାହିଁ। ତାଙ୍କ କାମରେ ବାଡ଼ବତା ନାହିଁ। କିଛି ଅଖାଡୁଆ କରୁଛନ୍ତି ବୋଲି ଭାବୁନାହାନ୍ତି।

ଆମ ଦେଶରେ ସେବା ଯୋଗାଇବାକୁ କର୍ମଚାରୀ ନିଯୁକ୍ତ କରିବାର ପ୍ରାବଧାନ ((SERVICES UNDER THE UNION AND THE STATES)) ସମ୍ବିଧାନର ପାର୍ଟ ୧୪ରେ ଥିଲେ ବି ଠିକାରେ ନିଯୁକ୍ତି ଦେବା ପାରମ୍ପରିକ (ସନାତନୀ?) ହୋଇଗଲାଣି - କାରଣ ଠିକାଦାରିରେ ଉପୁରି ଅଛି । ଲୋକଦେଖାଣିଆ ବଡ଼ ବଡ଼ କମ୍ପାନୀକୁ ଠିକା ଦେଲେ ବି କମ୍ପାନୀଗୁଡ଼ିକ ଯେପରି କୁଜିନେତାମାନଙ୍କୁ ଉପ ଠିକା ଦିଅନ୍ତି ତାହା ଦେଖିବାକୁ ମିଳୁଛି। କମ୍ପାନୀଗୁଡ଼ିକ ବି ଖୁସ୍, କୁଜିନେତାମାନେ ସେମାନଙ୍କ ପ୍ରଭାବ ପକାଇ ସହଜରେ ସରକାରୀ ସ୍ତରରେ ବିଲ୍ ପାସ୍ କରାଇନେବେ। କାମ ଅଧାପନ୍ତରିଆ ହୋଇଥିଲେ ବି। ଡାକ୍ତରଖାନାରେ ଡାକ୍ତର ଅଭାବ, ବିଦ୍ୟାଳୟରେ ଶିକ୍ଷକ ଅଭାବ, ଏହାର ସମାଧାନ ନ କରି ବଡ଼ ବଡ଼ ଚିକିତ୍ସାଳୟ ଓ ଶିକ୍ଷାୟତନ କରି ଲୋକଙ୍କୁ ଆଗ ନିର୍ବାଚନ ଯାଏ ଭୁଆଁ ବୁଲେଇ ହେଉଛି। ସ୍ଥାନୀୟ ଅଧିକାରୀ ପ୍ରତି ଲୋକର ଆପତ୍ତି ୩ ଦିନ ଭିତରେ ଓ (ମନ୍ତ୍ରୀ ସମେତ) ରାଜ୍ୟସ୍ତରୀୟ ଅଧିକାରୀ ସର୍ବସାଧାରଣ ସମସ୍ୟା ବର୍ଷ ଭିତରେ ସମାଧାନ କରି ନ ପାରିଲେ ସେମାନଙ୍କୁ କାହିଁକି ଦଣ୍ଡମୁକ୍ତ ରଖାଯାଉଛି ତାହାର କାରଣ ଖୋଜିଲେ ଆମକୁ ପଲିଟିକ୍ସ ଜଳ ଜଳ ଦିଶିବ । ଗ୍ରିଭାନ୍ସ ସେଲ୍‌ରେ ଆଦେଶ ଦେଇଥିବା ଶାସନ-ମୁଖ୍ୟ ଯେତେବେଳେ କହିବେ ମୋ ଚିଟ୍ ଉପରେ ଅଫିସରମାନେ କାମ କରୁନାହାନ୍ତି ସେ ପରିସ୍ଥିତିକୁ ଆମେ କ'ଣ କହିବା ନାଚି ନ ଜାଣି ଅଗଣାର ଦୋଷ? ଗାଁ ଗଣ୍ଡାରେ ଏହାକୁ କହନ୍ତି ପଲିଟିକ୍ସ। ଖାଦ୍ୟ ପାନୀୟ ପରୀକ୍ଷା ନିରୀକ୍ଷା କରୁଥିବା ଫୁଡ୍ ଇନ୍‌ସପେକ୍ଟର, ଔଷଧ ଯାଞ୍ଚ କରୁଥିବା ଡ୍ରଗ୍ ଇନ୍‌ସପେକ୍ଟର, ଜଙ୍ଗଲ ଜଗୁଥିବା ଫରେଷ୍ଟର, ଜମି ଜଗୁଥିବା ରାଜସ୍ୱ କର୍ମଚାରୀ, ଖଣି ତନଖି କରୁଥିବା ମାଇନିଂ ଅଧିକାରୀ, ରାସ୍ତାଘାଟ ଓ ପୋଲ ଆଦି ତନଖି କରୁଥିବା ଛୋଟ ବଡ ଇଞ୍ଜିନିଅର, ଶିକ୍ଷାନୁଷ୍ଠାନରେ ଭଲ ନ ପଢ଼ାଇ ଘରୋଇ ଟିଉସନକୁ ଉତ୍ସାହିତ କରୁଥିବା ଶିକ୍ଷକ, ଏତଲା ଗ୍ରହଣ କରୁ ନ ଥିବା ଥାନାର ବାବୁମାନେ, ଏତଲା ରଖି ତନଖିରେ ହେଳା କରୁଥିବା ଥାନାର ବାବୁମାନେ, ଲୋକମାନଙ୍କ ଆପତ୍ତିକୁ ତିନି ଦିନ ଭିତରେ ସମାଧାନ କରୁ ନ ଥିବା କିରାଣି ଏବଂ କିରାଣିର ନୋଟ୍‌କୁ ଅନୁଶୀଳନ ନ କରି ସବୁବେଳେ ହଁ (ଆଜ୍ ପ୍ରପୋଜଡ୍) କରୁଥିବା ଅଫିସରମାନଙ୍କୁ ସାବାଡ୍ ନ କରିବା ତ ପଲିଟିକ୍ସ। ଲୋକ-ପ୍ରତିନିଧିତ୍ୱକୁ ଚାକିରି ମନେ କରୁଥିବା ଏବଂ ଉପୁରି ଆଶା କରୁଥିବା (ଅଫିସ ଅଫ୍ ପ୍ରଫିଟ୍‌କୁ ଅଫିସ ଅଫ୍ ପ୍ରଫିଟ୍ ନୁହେଁ ବୋଲି ସଂସଦରେ ଆଇନ ପାସ୍ କରାଇନେବା) ତ ପଲିଟିକ୍ସ। ନିର୍ବାଚନ ପୂର୍ବରୁ ନିଃସର୍ତ୍ତ ନଗଦ ପ୍ରଦାନ (unconditional cash transfers) ତ ଭୋଟ ଖରିଦ! ୨୬ ସେପ୍ଟେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ୭୫ଲକ୍ଷ ବିହାରୀ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏ ସିଧାସଳଖ ପୁଞ୍ଜି ପଠାଇଦେଲେ । ଭୁଲ୍‌ରେ କେତେଜଣ ପୁରୁଷଙ୍କୁ ଏପରି ରାଶି ଚାଲିଯାଇଛି ଜାଣି ବିଭାଗୀୟ ଅଧିକାରୀ ସେମାନଙ୍କୁ ଟଙ୍କା ଫେରାଇ ଦିଅ କହିଲାରୁ ସେମାନେ କହୁଛନ୍ତି ଆମ ଭୋଟ ଫେରାଇ ଦିଅ ଆମେ ଟଙ୍କା ଫେରାଇବୁ। ସିଧାସଳଖ ସେମାନେ କହୁଛନ୍ତି ଆମ ଭୋଟ କିଣିଛ । ଆମ ରାଜନୈତିକ ଦଳଗୁଡ଼ିକ ଗଣତନ୍ତ୍ରକୁ କେତେ ଫିକା କରିଦେଲେଣି ଆଉ ଆମେ ବୃହତ୍ ଗଣତନ୍ତ୍ର ବୋଲି ବାଉଳି ହେଉଛୁ!

-sahadevas@yahoo.com

# କିଏ ଓଡ଼ିଆ



ଡ.ସତ୍ୟ ନାରାୟଣ ମିଶ୍ର

ଓଡ଼ିଶାର ଭାଷା, ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଇତିହାସ ସ୍ୱତନ୍ତ୍ର। ପ୍ରତ୍ୟେକ ରାଜ୍ୟର ଭାଷାକୁ ନେଇ ସେହି ରାଜ୍ୟର ଜାତୀୟତା ବା ରାଜ୍ୟର ପ୍ରାମାଣିକ ପରିଚୟ ହୋଇଥାଏ। ସେ ଦୃଷ୍ଟିରୁ ବିଚାର କଲେ ଅନେକ ପ୍ରଶ୍ନ ଆସେ ଓଡ଼ିଆ କିଏ ବା କିଏ ଓଡ଼ିଆ। ତେବେ ଏଥିରେ ଅନେକ ଯୁକ୍ତି ଉପସ୍ଥାପନ କରାଯାଇ ପାରେ ଯଥା: ୧- ବ୍ୟକ୍ତିର ଜନ୍ମ ଓଡ଼ିଶାରେ ହୋଇଥାଏ ଓ ଭାଷା ଅନ୍ୟ ଭାଷାରେ କରିଥାଏ, ୨- ଜନ୍ମ ଓଡ଼ିଶାରେ ଭାଷା ଓଡ଼ିଆରେ, ୩- ଜନ୍ମ ଓଡ଼ିଶାରେ, ଭାଷା ଓଡ଼ିଆରେ ଜାଣି ମଧ୍ୟ ଅନ୍ୟ ଭାଷାରେ ବାର୍ତ୍ତାଳାପ କରିଥାନ୍ତି, ୪- ଜନ୍ମ ଓଡ଼ିଶା ବାହାରେ, ଭାଷା ଅନ୍ୟ ଭାଷାରେ ମାତ୍ର କାର୍ଯ୍ୟ ଓଡ଼ିଶାରେ, ୫- ଜନ୍ମ ଓଡ଼ିଶାରେ, ଭାଷା ଓଡ଼ିଆ ସହିତ ଅନ୍ୟ ଭାଷାରେ ମାତ୍ର ଓଡ଼ିଆ ପାଇଁ କାମ ବିଦେଶରେ। ଓଡ଼ିଆ ସମାଜ ବା ଜାତିର ମୁକ୍ତି ସଂଗ୍ରାମ ଆନ୍ଦୋଳନ ସାଧୀନତା ପୂର୍ବରୁ ଓ ପରେ। ଓଡ଼ିଆ ଧର୍ମ, ସଂସ୍କୃତି, ପରମ୍ପରା, ଖାଦ୍ୟ, ପୋଷାକ ଆଦି ଆଦରକୁ ନେଇ ଓଡ଼ିଶା ବାହାରେ ପରିଚୟ, ୬- ଅନ୍ୟ ରାଜ୍ୟର ବ୍ୟକ୍ତି ଓଡ଼ିଆ ଝିଅ ବା ପୁଅ ବିବାହ ଦ୍ୱାରା, ୭- ଅଧ୍ୟୟନ ପାଇଁ ଅନ୍ୟ ରାଜ୍ୟରୁ ଓଡ଼ିଶାରେ ଦୀର୍ଘଦିନ ଧରି ବସତି ସ୍ଥାପନ ଓ ଓଡ଼ିଶାର ରୀତି ନୀତି ସହିତ ସମ୍ପୃକ୍ତି , ୮- କର୍ମ ସଂସ୍ଥାନ ପାଇଁ ଅନ୍ୟ ରାଜ୍ୟରୁ ଓଡ଼ିଶାରେ ବସତି ବା ଓଡ଼ିଶାରେ କର୍ମସଂସ୍ଥାନ ପାଇଁ ଓଡ଼ିଆ ଶିକ୍ଷାର ବାଧ୍ୟତା। ଏସବୁ ଦୃଷ୍ଟିକୋଣକୁ ବିଚାର କଲେ ଅନେକ ଦ୍ୱନ୍ଦ୍ୱ ଓ ନିର୍ଣ୍ଣୟରେ ଉପନୀତ ହେବାକୁ ପଡ଼ିଥାଏ ଯେ ସିଏ ହେଉଛି ଓଡ଼ିଆ, ଯିଏ ଓଡ଼ିଆକୁ ଭଲ ପାଏ ଓ ଓଡ଼ିଶାର ହିତ ତଥା ସଂସ୍କୃତି ପରମ୍ପରା ଆଦିକୁ ସମ୍ମାନ ଦିଏ।

ଓଡ଼ିଶା ମଧ୍ୟରେ ଅନେକ ବ୍ୟକ୍ତି ଜନ୍ମ ହୋଇ ଓଡ଼ିଆ କହନ୍ତି ନାହିଁ, କେବଳ ଓଡ଼ିଶାର ପରିଚୟ ନେଇ ବା କେତେବେଳେ ଓଡ଼ିଶାର ପରିଚୟ ନ ନେଇ ଜୀବନ ଅତିବାହିତ କରିଥାନ୍ତି। ଅନ୍ୟପକ୍ଷରେ ଅନେକେ ଓଡ଼ିଶା ବାହାରର ବ୍ୟକ୍ତି ଓଡ଼ିଶାରେ ଜନ୍ମ ନ ହୋଇ ବା ଭାରତ ବାହାରେ ଜନ୍ମ ହୋଇ ଓଡ଼ିଶା ପ୍ରତି ବା ଓଡ଼ିଆ ଜାତି ପ୍ରତି ସେମାନଙ୍କ ଅବଦାନ ରହିଛି। ଅନସୂୟା ପ୍ରସାଦ ପାଠକ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଓଡ଼ିଶାରେ ଅନେକ କାର୍ଯ୍ୟ କରିଛନ୍ତି ତଥା ଭାଷାର ଉନ୍ନତି ପାଇଁ ତାଙ୍କର ଯଥେଷ୍ଟ ଯୋଗଦାନ ରହିଛି, ଯାହା ସୃଷ୍ଟି କରିଥିଲା ଐକ୍ୟତା। ପ୍ରେମଚାନ୍ଦ ହିନ୍ଦୀ ଭାଷାର ବ୍ୟକ୍ତି ହୋଇ ମଧ୍ୟ ଓଡ଼ିଆର ଅନେକ ପୁସ୍ତକ ସୃଷ୍ଟି କରିଛନ୍ତି। ବାବୁଲାଲ ଯୋଶୀ ଯିଏ କଳା ବିକାଶ କେନ୍ଦ୍ର ପ୍ରତିଷ୍ଠା, ଓଡ଼ିଆ ଚଳଚ୍ଚିତ୍ର, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ ଆଦି କରି ଓଡ଼ିଆ ଜୀବନର ଧାରାକୁ ଆଦରି ନେଇଥିଲେ। ଜେବିଏସ ହାଲଡେନ ଭୁବନେଶ୍ୱରରେ ଜେନେଟିକ୍ସ ଓ ବାୟୋମେଟ୍ରି ଲାବରେଟୋରୀ ପ୍ରତିଷ୍ଠା କରିବା ତଥା ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ନେଇ ପଶୁ ଓ ମାନବ ଜେନେଟିକ୍ସରେ ଗବେଷଣା କରିବା ହେଉଛି ତାଙ୍କର ବିଶେଷ କୃତି। ସେ ବୈଜ୍ଞାନିକ ଚିନ୍ତାଧାରାକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ, ସରଳ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ତଥା ସୀମିତ ସମ୍ବଳ ସତ୍ତ୍ୱେ ମୂଳ ପ୍ରକଳ୍ପଗୁଡ଼ିକୁ ଉତ୍ସାହିତ କରିଥିଲେ। ସମୟକ୍ରମେ ବିଜୁ ପଟ୍ଟନାୟକଙ୍କ ନିମନ୍ତ୍ରଣ କ୍ରମେ



ଓଡ଼ିଶାରେ ବିଜ୍ଞାନ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଏକ ଦୃଷ୍ଟାନ୍ତ ଭାବେ ପ୍ରତିପାଦନ କରାଯାଏ। ଓଡ଼ିଶାର କଳା ପାଇଁ ଚାର୍ଲ୍ସ ଲୁଇସ ଫାବ୍ରିଙ୍କର ମୁଖ୍ୟ ଅବଦାନ ଥିଲା। ତାଙ୍କର ପୁସ୍ତକ 'ଆର୍ଟ ଅଫ୍ ଓଡ଼ିଶା', ଯାହା ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅଞ୍ଚଳର କଳାତ୍ମକ ବିବର୍ତ୍ତନର ଏକ ବିସ୍ତୃତ, ବଂଶାନୁକ୍ରମିକ ବିବରଣୀ ପ୍ରଦାନ କରିଥାଏ ତଥା କଳା ଭଣ୍ଡାରକୁ ଉନ୍ମୋଚନ କରିଥିଲା ଓ ଏହାର ମନ୍ଦିର ସ୍ଥାପତ୍ୟକୁ ଉନ୍ମୋଚିତ କରିଥିଲା। ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ରୂପକୁ ପ୍ରୋତ୍ସାହିତ କରିବାରେ, ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ କଳା ରୂପ ଭାବରେ ସ୍ୱୀକୃତି ଦେବା ଓ ଏହାର ବିକାଶକୁ ଉତ୍ସାହିତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦେଓକରନ ଝୁନ୍‌ଝୁନ୍‌ୱାଲା ଓଡ଼ିଶାର ବାରଙ୍ଗରେ ପ୍ରଥମ କାଚ କାରଖାନା ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହାକୁ ସେ ଦୁର୍ଗା କାଚ କାରଖାନା ନାମ ରଖିଥିଲେ। ଏହି କାରଖାନା ନିର୍ମାଣରେ ତାଙ୍କ ପରିବାରର ଉଦ୍ୟୋଗୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହା ଶେଷରେ ଓଡ଼ିଶା ଇଣ୍ଡଷ୍ଟ୍ରିଜରେ ପରିଣତ ହୋଇଥିଲା। ଉକ୍ତ ଅଞ୍ଚଳରେ ବିଭିନ୍ନ ଉତ୍ପାଦନ ୟୁନିଟକୁ ଅନ୍ତର୍ଭୁକ୍ତ କରୁଥିବା ବିବିଧ ଶିଳ୍ପ ସମ୍ମିଳନୀ ଆଦି ସୃଷ୍ଟି କରିବା ତାଙ୍କର ଉଦ୍ଦେଶ୍ୟ ଥିଲା, ଯାହା ଥିଲା ଓଡ଼ିଶାର ଉନ୍ନତି।

ଭାଷା ଏକ ସମାଜ ବା ଜାତିକୁ ବାନ୍ଧି ତାହାର ପରିଚୟ ସୃଷ୍ଟି କରେ। ସେ ଦୃଷ୍ଟିରୁ ବିଚାର କଲେ କେବଳ ଓଡ଼ିଶାର ଜନ୍ମିତ ବ୍ୟକ୍ତିକୁ ଓଡ଼ିଆ କୁହାଯାଇପାରେ, ମାତ୍ର ଓଡ଼ିଶାରେ ଜନ୍ମିତ ବ୍ୟକ୍ତି ଓଡ଼ିଆ କହୁ ନ ଥିବା ବା ଓଡ଼ିଶା ପ୍ରତି କୌଣସି ଅବଦାନ ନ ଥିବା ବ୍ୟକ୍ତିଙ୍କୁ ଓଡ଼ିଆ କୁହାଯାଇପାରେ ନାହିଁ। ଜାତି ପ୍ରୀତି ଏକ ଭାବପ୍ରବଣତା ତଥା ଭାବାନୁବେଗର କ୍ରିୟା ଓ ପ୍ରତିକ୍ରିୟା। ଓଡ଼ିଶାରେ ଜନ୍ମ ହୋଇ ଓଡ଼ିଆ ଭାଷା ଓ ଓଡ଼ିଶା ପ୍ରତି ବୈମାତୃକ ଭାବ ବ୍ୟକ୍ତିଙ୍କୁ ଏ ସମାଜ ଓଡ଼ିଆ କହିପାରିବ ତ ? ମାତ୍ର ଓଡ଼ିଶାରେ ଜନ୍ମ ନ ହୋଇ ଓଡ଼ିଶା ପ୍ରତି ତ୍ୟାଗ ଓ ଅବଦାନ ଥିବା ବ୍ୟକ୍ତିଙ୍କୁ ସମାଜ ଓଡ଼ିଆ କହିବା ଆଦୌ ଅଯୌକ୍ତିକ ନୁହେଁ। ଜାତିପ୍ରୀତି ଦେଶପ୍ରୀତି ବ୍ୟକ୍ତି ପାଇଁ ସ୍ୱାର୍ଥ ରହିତ ହୋଇଥାଏ। ମାତ୍ର ଓଡ଼ିଆର ସଂଜ୍ଞାକୁ ବିସ୍ତାରିତ ଭାବେ ଚିତ୍ରଣ କଲେ ଜଣାଯାଏ ଯେ ଓଡ଼ିଆ ହେଉଛି ଓଡ଼ିଶାର ଅଧିବାସୀ ତଥା ଓଡ଼ିଶା ପ୍ରତି ସେମାନଙ୍କ ପରୋକ୍ଷ ଓ ପ୍ରତ୍ୟକ୍ଷ ଅବଦାନ ଓ ଯୋଗଦାନ। ଯଦି ମଣିଷର ଜାତିପ୍ରୀତି ଦେଶପ୍ରୀତି ନ ରହେ ତେବେ ସେ ସମାଜର ଅଲୋଡ଼ା ହୋଇଥାଏ। ଅତଏବ ମଣିଷ ଜୀବଦ୍ଦଶା ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ନେଇ ଜୀବନ ନିର୍ବାହ କରିବା ଉଚିତ, ଯେଉଁ ପରିଚୟରେ ମଣିଷ ବର୍ତ୍ତମାନରୁ ଇତିହାସ ହୋଇଥାଏ ଓ ଇତିହାସ ଚିରଦିନ ବ୍ୟକ୍ତିର କର୍ମ ଓ ଆଦର୍ଶକୁ ମନେ ରଖି ସେଥିପାଇଁ କୃତଜ୍ଞ ହୋଇଥାଏ। ତେଣୁ ଓଡ଼ିଆ ସିଏ ଯିଏ ଓଡ଼ିଶାରେ ଜନ୍ମ ହୋଇଥାଏ ବା ନ ହୋଇଥାଏ, ମାତ୍ର ଓଡ଼ିଶାକୁ ଭଲପାଏ ଓ ଓଡ଼ିଶାର ଧର୍ମ ସଂସ୍କୃତି, ଭାଷା, ପରମ୍ପରା ତଥା ବ୍ୟବହାରିକ ଦୃଷ୍ଟିକୋଣକୁ ସାଦରେ ଗ୍ରହଣ କରି ଓଡ଼ିଶାର ନୈତିକ ମୂଲ୍ୟବୋଧକୁ ସମ୍ମାନ ଦେଇଥାଏ। ଯିଏ ଓଡ଼ିଶାର ଉନ୍ନତି ପାଇଁ ନିଜର ସାମର୍ଥ୍ୟକୁ ଅଙ୍ଗୀକାରବଦ୍ଧ କରିଥାଏ, ସେ ହେଉଛି ଓଡ଼ିଆ।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ :୯୯୩୭୩୪୫୯୦୦**

## ଏଇ ଭାରତରେ

ବେଆଇନ ଶିକାର ଯୋଗୁ ବହୁ ପ୍ରାଣୀଙ୍କ ଜୀବନ ଯାଉଛି। ଶିକାରୀଙ୍କୁ ରୋକିବା ପାଇଁ ବନ ବିଭାଗ ଅନେକ ପଦକ୍ଷେପ ନେଉଛନ୍ତି। ହେଲେ ବେସରକାରୀ ସ୍ତରରେ ପ୍ରାଣୀଙ୍କ ଜୀବନ ବଞ୍ଚାଉଛନ୍ତି ମହାରାଷ୍ଟ୍ର ୱାର୍ଦ୍ଧାର ଏକ ଟିମ୍। ଏହି ଟିମ୍ ଆହତ ବାଘ, ବିଲୁପ୍ତି ପଥରେ ଥିବା ବିଭିନ୍ନ ପକ୍ଷୀ, ବଜ୍ରକାପ୍ତା, ସ୍ଲଥ ବିୟର, ହରିଣ, କୁଟୁରା, ମାଙ୍କଡ଼ ଇତ୍ୟାଦି ବନ୍ୟଜୀବଙ୍କୁ ଉଦ୍ଧାର କରି ୱାର୍ଦ୍ଧା ସ୍ଥିତ ପିଏଫ୍‌ଏ ୱାଇଲ୍ଡ ଲାଇଫ ରେସ୍କ୍ୟୁ ଆଣ୍ଡ ରିହାବିଲିଟେଶନ ସେଣ୍ଟରରେ ସେମାନଙ୍କ ଚିକିତ୍ସା କରୁଛନ୍ତି। ୨୫ ଏକର ଜମି ପରିମିତ ଏହି ସେଣ୍ଟର ଆଶିଷ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଚାଲୁଛି। ଏଯାବତ୍ ଏହି ଟିମ୍ ୪୦,୦୦୦ ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦେଇସାରିଲେଣି। ଫଳରେ ଅନେକ ଆହତ ପ୍ରାଣୀଙ୍କ ଜୀବନ ବଞ୍ଚିଯାଉଛି। ମୋଟରେ ୯ଟି ଟିମ୍ ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରତ୍ୟେକରେ ୫ ଜଣ ଜଙ୍ଗଲ ଅଧିକାରୀ ମଧ୍ୟ ରହିଛନ୍ତି। ଏହି କାର୍ଯ୍ୟରେ ମହାରାଷ୍ଟ୍ର ଜଙ୍ଗଲ ବିଭାଗ ସହଯୋଗ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୬ ଜାନୁଆରୀ ୧୯୭୭

- ଦୁଇଟି ଓଡ଼ିଆ କଥାଚିତ୍ର ବିଦେଶରେ ପ୍ରଦର୍ଶନ ବା ରପ୍ତାନି କରାଯିବା ଉଦ୍ଦେଶ୍ୟରେ ପ୍ରଥମ କରି ଚଳଚ୍ଚିତ୍ର ବଜାରରେ ପ୍ରବେଶ କରିବାକୁ ସମର୍ଥ ହୋଇଛି।
- ନୈନିତାଲ ଓ ବରେଲି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୀରବଲ୍ଲଭ ଦୁଇଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ପରାଜିତ କରି ନିର୍ବାଚିତ।
- ଭୂମଧ୍ୟ ସାଗରର ଗଭୀର ଜଳ ମଧ୍ୟରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ବୁଡ଼ାଜାହାଜ ଉଦ୍ଧାର କରାଯାଇଛି।

## ଚିରନ୍ତନୀ

ଦେଖତ୍ୟାଅ ରୂପ କବି,
ଦୂର ପାଟେ ବୁଡ଼େ ରବି-
ଶରତର ଆଜି ସୁନା ଆକାଶ
ଅନ୍ତରେ ଲଭୁ ତୋର ବିକାଶ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟଜନ୍ତୁଙ୍କ ଅଧିକାର ଓ ଆମ ଦାୟିତ୍ୱ

ମହାଶୟ,

'ବନ୍ୟଜନ୍ତୁଙ୍କ ଅଧିକାର' ଏବେ ଏକ ଚର୍ଚ୍ଚାର ବିଷୟ ହୋଇଛି। ବନ୍ୟଜନ୍ତୁମାନେ କେବଳ ପ୍ରକୃତିର ଶୋଭା ନୁହନ୍ତି, ସେମାନେ ପରିସ୍ଥିତିକ ସମତୁଳନର ଅବିଭାଜ୍ୟ ଅଂଶ। ବନ୍ୟଜନ୍ତୁଙ୍କର ପ୍ରଥମ ଓ ମୂଳ ଅଧିକାର ହେଉଛି ନିଜ ବାସସ୍ଥାନରେ ସୁରକ୍ଷିତ ଭାବେ ବଞ୍ଚିବା। କିନ୍ତୁ ଅନିୟନ୍ତ୍ରିତ ଜଙ୍ଗଲ କ୍ଷୟ, ଖଣିଜ ଖନନ, ସହରୀକରଣ ଓ ଶିଳ୍ପ ଦ୍ୱାରା ଆଜି ସେହି ବାସସ୍ଥାନ ଧ୍ୱଂସ ହେଉଛି। ଫଳସ୍ୱରୂପ ବନ୍ୟଜନ୍ତୁ ଏବଂ ମଣିଷ ମଧ୍ୟରେ ସଂଘର୍ଷ ବଢୁଛି। ହାତୀଦାନ୍ତ, ବାଘଛାଲ, ଦୁର୍ଲଭ ପଶୁପକ୍ଷୀଙ୍କ ଅଙ୍ଗପ୍ରତ୍ୟଙ୍ଗ ପାଇଁ ଚାଲୁଥିବା ଅବୈଧ ବଜାର କେବଳ ଆଇନ ଭଙ୍ଗ ନୁହେଁ, ଏହା ମାନବୀୟ ନୀତିବୋଧର ମଧ୍ୟ ପତନ। ଭାରତରେ ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ ଭଳି କଠୋର ଆଇନ ଥିବା ସତ୍ତ୍ୱେ ମଧ୍ୟ, ଏହାର ଠିକ୍ କାର୍ଯ୍ୟାନ୍ୱୟନ ଏକ ବଡ଼ ଆହ୍ୱାନ। କେବଳ ଆଇନ ନୁହେଁ, ସାମାଜିକ ସଚେତନତା ଓ ସମ୍ବେଦନଶୀଳତା ହିଁ ବନ୍ୟଜନ୍ତୁ ଅଧିକାରକୁ ବାସ୍ତବ ରୂପ ଦେଇପାରିବ। ବନ୍ୟଜନ୍ତୁଙ୍କ ଅଧିକାର ସୁରକ୍ଷିତ ହେଲେ ହିଁ ପରିବେଶ ସୁରକ୍ଷିତ ରହିବ ଏବଂ ପରିବେଶ ସୁରକ୍ଷିତ ହେଲେ ମନୁଷ୍ୟର ଭବିଷ୍ୟତ ମଧ୍ୟ ସୁରକ୍ଷିତ ରହିବ।

**-ସିତାଂଶୁ ଶେଖର ମିଶ୍ର, ଶାନ୍ତି ନଗର, ସୋନପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜସ୍ଥାନରୁ ମୁଖ୍ୟ ଅଭିଯୁକ୍ତ ଗିରଫ

## ଡିଜିଟାଲ ଆରେଷ୍ଟ କହି ଠକି ନେଇଥିଲେ ଟଙ୍କା



ପୋଲିସ ହେପାଜତରେ ଥିବା ସାଇବର ଠକ।

ଅନୁଗୋଳ,୫।୧(ଜ୍ୟୋତିରଞ୍ଜନ ସାହୁ)

ଡିଜିଟାଲ ଆରେଷ୍ଟ ନାମରେ ଚାଲିଥିବା ଏକ ସାଇବର ଠକେଇ ମାମଲାରେ ଅନୁଗୋଳ ଜିଲା ପୋଲିସ ସଫଳତା ହାସଲ କରିଛି। ଦ୍ରୁତ ଓ ସମନ୍ୱିତ ତଦନ୍ତ ପରେ ପୋଲିସ ରାଜସ୍ଥାନର ଝୁନଝୁନା ଜିଲାରୁ ମୁଖ୍ୟ ଅଭିଯୁକ୍ତ ଅକ୍ଷିତ କୁମାର (୨୦)ଙ୍କୁ ଗିରଫ କରି ଅନୁଗୋଳ ଆଣିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବନ୍ତଲା ଥାନା ଅଞ୍ଚଳର ଗୌରହରି ପ୍ରଧାନ ସାଇବର ଠକେଇର ଶିକାର ହୋଇଥିଲେ। ଅଜଣା ଠକ ତାଙ୍କ ଆଧାରକାର୍ଡ ବିବରଣୀର ଦୁରୁପଯୋଗ କରି ନିଜକୁ ମୁମ୍ବାଇ ଜିପିଓର କର୍ମଚାରୀଭାବେ ପରିଚୟ ଦେଇ ଫୋନ କରିଥିଲେ। ତାଙ୍କ ନାମରେ ବେଜିଂକୁ ବେଆଇନ ସାମଗ୍ରୀ ପାର୍ସଲ ପଠାଯାଇଛି ବୋଲି କହିବା ସହ ୨୦ ଦିନ ଧରି ଡିଜିଟାଲ ଆରେଷ୍ଟରେ ରଖିଥିଲେ। ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ବୋଲି ଭୟଭୀତ କରାଇଥିଲେ। ଏପରି କି ନିଜକୁ ଆଇପିଏସ ଅଫିସର ଓ ଆରବିଆଇ ଡେପୁଟି ଗଭର୍ନର ଭାବେ ପରିଚୟ ଦେଇ ଧମକ ଦେଇଥିଲେ। ପରିବାରକୁ କ୍ଷତି ପହଞ୍ଚାଇବା ଧମକ ଦେଇ ଅଭିଯୋଗକାରୀ ଓ ତାଙ୍କ ମା'ଙ୍କ ଏସ୍‌ବିଆଇ ଖାତାରୁ ଆର୍‌ବିଆଇ ଆକାଉଣ୍ଟ କହି ଅନ୍ୟ ଆକାଉଣ୍ଟକୁ ୨୬ ଡିସେମ୍ବର ୨୦୨୪ରୁ ୯ ଜାନୁଆରୀ ୨୦୨୫ ମଧ୍ୟରେ ମୋଟ ୬ ଲକ୍ଷ ୧୨ ହଜାର ୧୯୦ ଟଙ୍କା ହସ୍ତାନ୍ତର କରାଇଥିଲେ। ତେବେ ଠକେଇର ଶିକାର ହୋଇଥିବା ସମ୍ପର୍କରେ ଗୌରହରି ଜାଣିବା ପରେ ସେ ଥାନାରେ ଏତଲା ଦେଇଥିଲେ। ଏହାପରେ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଡିଜିଟାଲ ସୂତ୍ର, ଆର୍ଥିକ କାରବାର ତଥ୍ୟ ଯାଞ୍ଚ ପରେ ରାଜସ୍ଥାନର ଝୁନଝୁନା ଜିଲାରେ ଚଢ଼ାଉ କରାଯାଇ ଅଭିଯୁକ୍ତ ଅକ୍ଷିତ କୁମାରଙ୍କୁ ଗିରଫ କରାଯାଇ ଅନୁଗୋଳ ଅଣାଯାଇଥିଲା। ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଆଇଫୋନ, ଗୋଟିଏ ମୋବାଇଲ, ଆଧାର କାର୍ଡ, ପ୍ୟାନ କାର୍ଡ ଓ ଏକ ଏସ୍‌ବିଆଇ ପାସ୍‌ବୁକ ଜବତ କରାଯାଇଛି।

# ଆମ୍ବୁଲାନ୍ସ ଜବତ, ଚାଳକ ଗିରଫ

ବଇଣ୍ଡା, ୫।୧ (ପରିକ୍ଷିତ ସାହୁ)

ମଦ୍ୟପାନ କରି ବେପାରୁଆ ଭାବେ ଆମ୍ବୁଲାନ୍ସ ଚଳାଉଥିବା ଅଭିଯୋଗରେ ଏକ ଆମ୍ବୁଲାନ୍ସ ଚାଳକ ଠାକୁରଗଡ଼ର ପ୍ରହଲାଦ ସାହୁଙ୍କୁ ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ଫାଣ୍ଡି ପୋଲିସ ଗିରଫ କରିଛି। ଏଥିସହ ଆମ୍ବୁଲାନ୍ସ (ନଂ. ଓଡି ୦୨ ବିଭି ୩୮୩୨)କୁ ଜବତ କରିଛି। ଏ ସଂକ୍ରାନ୍ତରେ ନମ୍ବର ୮/୨୬ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ପ୍ରହଲାଦ ମଦ୍ୟପାନ କରି ଆମ୍ବୁଲାନ୍ସ ଚଳାଇ ଅନୁଗୋଳରୁ ଆଠମଲ୍ଲିକ ଆସୁଥିବା ବେଳେ ବଇଣ୍ଡାଠାରେ ଇଚ୍ଛାପୁର ଗ୍ରାମର ହେମନ୍ତ ପ୍ରଧାନଙ୍କୁ ଧକ୍କା ଦେଇଥିଲେ। ପୋଲିସ ତାଙ୍କୁ ଯାଞ୍ଚ କରିବା ପରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣାପଡିଥିଲା। ଫଳରେ ପୋଲିସ ତାଙ୍କୁ ଗିରଫ କରିବା ସହ ଗାଡ଼ି ଜବତ କରିଥିଲା।

# ବିକାଶର ବିକଳ ଚିତ୍ର ଉପସ୍ଥାପନ କରୁଛି ଅନୁଗୋଳ, ତାଳଚେର: ଉମାବଲ୍ଲଭ

ଭୁବନେଶ୍ୱର, ୫।୧(ସୁନିତ୍ ମିଶ୍ର)



ଉମାବଲ୍ଲଭ ରଥ

ଓଡ଼ିଶାର ଶିଳ୍ପ ସମୃଦ୍ଧ ଜିଲା ଅନୁଗୋଳ ଓ ତାଳଚେର ବର୍ତ୍ତମାନ ବିକାଶର ଏକ ବିକଳ ଚିତ୍ର ଉପସ୍ଥାପନ କରୁଛି। ରାଜ୍ୟ ରାଜସ୍ୱର ସିଂହଭାଗ ଯୋଗଦାନ ଦେଉଥିବା ଏହି ଅଞ୍ଚଳ ଏବେ ପ୍ରଦୂଷଣର ଏକ 'ଗ୍ୟାସ୍ ଚାମ୍ବର'ରେ ପରିଣତ ହୋଇଯାଇଛି। ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ଭାବେ ରେକର୍ଡ କରିଛି, ଯେଉଁଠାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ୩୮୦ ଅତିକ୍ରମ କରିସାରିଲାଣି। କିନ୍ତୁ ଦୁର୍ଭାଗ୍ୟଜନକ ବିଷୟ ଏଠାରେ ନିୟମ କେବଳ ଲୋକଙ୍କ ଲାଗି ଉଦ୍ଦିଷ୍ଟ, ଯାହା ଶିଳ୍ପପତିମାନଙ୍କ ପାଇଁ ନୁହେଁ ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଉମାବଲ୍ଲଭ ରଥ କହିଛନ୍ତି।

ଉମାବଲ୍ଲଭ କହିଛନ୍ତି, ପ୍ରଦୂଷଣର ମୁଖ୍ୟ କାରଣ କମ୍ପାନୀଗୁଡ଼ିକର ଦାୟିତ୍ୱହୀନତା। ତାଳଚେର ଅଞ୍ଚଳରେ ମୁଖ୍ୟତଃ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଓ ଏନ୍‌ଟିପିସି ଭଳି ସରକାରୀ ସଂସ୍ଥା ଏବଂ ନାଲ୍‌କୋ, ଜିନ୍ଦଲ, ଭୂଷଣ(ଟାଟା ଷ୍ଟିଲ୍) ଭଳି ବୃହତ ଶିଳ୍ପ ଅଞ୍ଚଳର ବାୟୁ ଏବଂ ଜଳକୁ ବିଷାକ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ବିଡ଼ମ୍ବନାର ବିଷୟ ହେଉଛି, ଏହି ପବ୍ଲିକ୍ ସେକ୍ଟର କମ୍ପାନୀଗୁଡ଼ିକ ନିଜ ଦାୟିତ୍ୱରୁ ଖସିଯାଉଛନ୍ତି। ରାସ୍ତାରେ ନିୟମିତ ପାଣି ସିଞ୍ଚନ(ୱାଟର୍ ସ୍ପ୍ରିଙ୍କଲିଙ୍ଗ) କରିବା ସେମାନଙ୍କ ପ୍ରାଥମିକ କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଏହା କେବଳ କାଗଜପତ୍ରରେ ସୀମିତ ରହୁଛି। ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ର ମୁଖ୍ୟ ଲକ୍ଷ୍ୟ ହେଉଛି ଖଣି ପ୍ରଭାବିତ ଅଞ୍ଚଳର ପରିବେଶ ଓ ଲୋକଙ୍କ ବିକାଶ। କିନ୍ତୁ ତାଳଚେର-ଅନୁଗୋଳରେ ଡିଏମ୍‌ଏଫ ପାଣ୍ଠିକୁ ବାୟୁ ଗୁଣବତ୍ତାର ସୁଧାର ପାଇଁ ବିନିଯୋଗ ନ କରି ଅନ୍ୟାନ୍ୟ ଅନାବଶ୍ୟକ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି। ଏହି ପାଣ୍ଠିର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ। ଜଣେ ବାଇକ୍ ଆରୋହୀ ହେଲମେଟ୍ ପିନ୍ଧି ନ ଥିଲେ କିମ୍ବା ପିୟୁସିସି ନ ଥିଲେ ତାଙ୍କ ଉପରେ ହଜାର ହଜାର ଟଙ୍କାର ଚାଲାଣ କଟାଯାଉଛି। କିନ୍ତୁ ଖୋଲାଖୋଲି ଭାବେ ପରିବେଶକୁ ଧ୍ୱଂସ କରୁଥିବା ଶହ ଶହ କୋଇଲା ଟ୍ରକ୍ ଏବଂ ଖଣି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ। ଯେପର୍ଯ୍ୟନ୍ତ ବାୟୁ ଗୁଣବତ୍ତା ସ୍ୱାସ୍ଥ୍ୟପ୍ରଦ ନ ହୋଇଛି ସେ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରଖିବା ପାଇଁ ସରକାର କାହିଁକି ନିଷ୍ପତ୍ତି ନେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପିଲାଙ୍କ ଭବିଷ୍ୟତ କ'ଣ ଏହି କଳାଧୂଆଁ ଭିତରେ ଶେଷ ହୋଇଯିବ ବୋଲି ପଚାରିଛନ୍ତି। ସରକାର ଭାରିଯାନ ଚଳାଚଳ ପାଇଁ ତୁରନ୍ତ ସ୍ୱତନ୍ତ୍ର କୋଇଲା କରିଡର (ସ୍ପେଶାଲ କୋଲ୍ କରିଡର) ନିର୍ମାଣ କରାଯାଉ। ରାସ୍ତା ଓ ଜନବହୁଳ ଅଞ୍ଚଳରେ ପବ୍ଲିକ୍ ସେକ୍ଟର କମ୍ପାନୀଗୁଡ଼ିକ ଉଚ୍ଚ କ୍ଷମତାସମ୍ପନ୍ନ କୁହୁଡ଼ି ସୃଷ୍ଟିକାରୀ ଯନ୍ତ୍ର (ହାଇ ରେଞ୍ଜ ଫଗିଙ୍ଗ/ମିଷ୍ଟ ସିଷ୍ଟମ୍‌ସ) ବ୍ୟବହାର କରନ୍ତୁ। ବାୟୁର ମାନ ସୁଧାରିବା ପାଇଁ ଡିଏମ୍‌ଏଫ୍ ପାଣ୍ଠିର ଶତପ୍ରତିଶତ ଠିକ୍ ବିନିଯୋଗ ହେଉ। କୋଇଲା ପରିବହନ ପାଇଁ ରାସ୍ତା ବଦଳରେ ସ୍ୱୟଂଚାଳିତ ପରିବାହକ ପଟା (କନ୍‌ଭେୟର ବେଲ୍ଟସ୍) ବ୍ୟବହାର ବାଧ୍ୟତାମୂଳକ ହେଉ। ଅଞ୍ଚଳବାସୀଙ୍କ ଜୀବନ ସହ ଖେଳି ଶିଳ୍ପାୟନର କୌଣସି ମୂଲ୍ୟ ନାହିଁ। ଏମ୍‌ସିଏଲ୍ ଓ ଏନ୍‌ଟିପିସି ଭଳି ସଂସ୍ଥାଗୁଡ଼ିକ ସାମାଜିକ ଦାୟିତ୍ୱ(ସିଏସ୍‌ଆର୍) ତୁଲାଇବାରେ ବିଫଳ ହେଲେ ଲୋକେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଉମାବଲ୍ଲଭ କହିଛନ୍ତି।

# ୩୯.୨୪ ଘନଫୁଟ କେନ୍ଦୁ କାଠ ଜବତ

ଛେଣ୍ଡିପଦା,୫।୧(ଅଜିତ୍ ଧଳ)

ଅନୁଗୋଳ ଜିଲା ଜରପଡା ବନାଞ୍ଚଳ ପକ୍ଷରୁ ୩୯.୨୪ ଘନଫୁଟ କେନ୍ଦୁ କାଠ ଜବତ କରାଯାଇଛି। ସୂଚନା ଅନୁଯାୟୀ, ରବିବାର ରାତ୍ରି ପାଟ୍ରୋଲିଂ ବେଳେ ଜରପଡ଼ା ସେକ୍ସନର କର୍ମଚାରୀମାନେ କତଡ଼ା-୨ ବିଟ୍ ଅଧୀନରେ ଥିବା ରେଳ ସାଇଡ୍ ନିକଟସ୍ଥ କତଡ଼ା ବଙ୍ଗଳା ସାହିଠାରେ ବେଆଇନ ଭାବେ କାଠ ଗଦା ହୋଇଥିବା ଦେଖିଥିଲେ। ଘଟଣାସ୍ଥଳରେ ପାଟ୍ରୋଲିଂ ଟିମ୍ ପହଞ୍ଚି ୧୨ଟି କେନ୍ଦୁ କାଠ ଗଣ୍ଡିକୁ ଜବତ କରିଥିଲେ। ବନ ବିଭାଗ କର୍ମଚାରୀ ଜବତ କାଠକୁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ଘଟଣାର ତଦନ୍ତ ଚଳାଇଛନ୍ତି। ଏହି ଚଢ଼ାଉରେ ଫରେଷ୍ଟର ବସନ୍ତ ଗଡ଼ନାୟକ, ରୀତାରାଣୀ ସେଠୀ, ଫରେଷ୍ଟ ଗାର୍ଡ ଲିଜାରାଣୀ ମାଝୀ, ଶ୍ରୀପତି ପ୍ରଧାନ, ହାତୀ ସ୍କ୍ୱାଡ୍ ସାଗର ବାରିକ, ଅଜିତ କୁମାର ସାହୁଙ୍କ ସମେତ ବନ କର୍ମଚାରୀ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଛେଣ୍ଡିପଦା,୫।୧(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଶିମିଳିସାହିର ପ୍ରଶାନ୍ତ ସାହୁ(୪୫)ଙ୍କ ଝୁଲନ୍ତା ମୃତଦେହ ସୋମବାର ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ପାରିବାରିକ ବିବାଦ ଲାଗି ରହିଥିବା ଯୋଗୁ ଘରେ କେହି ନ ଥିବା ସୁଯୋଗନେଇ ପ୍ରଶାନ୍ତ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଛେଣ୍ଡିପଦା ଶବଗୃହରେ ଆଣି ରଖିଛି। ଏନେଇ ଛେଣ୍ଡିପଦା ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ପ୍ରଶାନ୍ତ ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

# ସ୍ୱାଭାବିକ ଜୀବନ ମୂଳଲକ୍ଷ୍ୟ



## ଆଜି ବିଶ୍ୱ ଯୁଦ୍ଧ ଅନାଥ ଦିବସ

ପ୍ରତିବର୍ଷ ଜାନୁଆରୀ ୬ରେ ପାଳନ ହୋଇଆସୁଛି ବିଶ୍ୱ ଯୁଦ୍ଧ ଅନାଥ ଦିବସ। ଯୁଦ୍ଧ ଏବଂ ସଂଘର୍ଷ ଯୋଗୁ ଅନାଥ ହୋଇଥିବା ପିଲାମାନେ କିପରି ସଂଘର୍ଷ କରୁଛନ୍ତି ଏ ବିଷୟରେ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ କରାଯାଉଛି। ଏହି ଦିବସରେ ମାତାପିତାଙ୍କ ସମର୍ଥନ ବିନା ବଢୁଥିବା ସମୟରେ ପିଲାମାନେ ସମ୍ମୁଖୀନ ହେଉଥିବା ଶାରୀରିକ, ସାମାଜିକ ଏବଂ ମାନସିକ ଆହ୍ୱାନଗୁଡ଼ିକୁ ସାମ୍ନାକୁ ଅଣାଯାଇଥାଏ। ଅନେକ ଅନ୍ତର୍ଜାତୀୟ ସଂଗଠନ, ସ୍ଥାନୀୟ ସରକାର ଏବଂ ସାମାଜିକ ଅନୁଷ୍ଠାନ ଏଭଳି ପିଲାମାନଙ୍କ ଉପରେ ଯୁଦ୍ଧର ଦୀର୍ଘକାଳୀନ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରନ୍ତି। ୧୯୯୪ରେ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳନ ଲାଗି ଫରାସୀ ସଂଗଠନ SOS Enfants en Dtresses ଦ୍ୱାରା ଏକ ପ୍ରସ୍ତାବ ଦିଆଯାଇଥିଲା। ୧୯୯୫ରେ ପ୍ରଥମ ଥର ପାଇଁ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳିତ ହୋଇଥିଲା। ତେବେ ୨୦୦୬ରେ ଜାନୁଆରୀ ୬କୁ ଉକ୍ତ ଦିବସ ପାଳନ ଲାଗି ଜାତିସଂଘ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଥିଲା।

ଯୁଦ୍ଧ ଅନାଥ ପିଲାଙ୍କ ଜୀବନକୁ ସ୍ୱାଭାବିକ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ଅନାଥ ପିଲାଙ୍କ ମଧ୍ୟରୁ ୯୫ ପ୍ରତିଶତଙ୍କ ବୟସ ୫ବର୍ଷରୁ ଅଧିକ। ତେବେ ବିକଶିତ ଦେଶରେ ଏହି ଅନାଥଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି। ଜାତିସଂଘ ରିପୋର୍ଟ ଅନୁସାରେ ୨୦୧୫ରେ ଯୁଦ୍ଧ ଅନାଥଙ୍କ ସଂଖ୍ୟା ପ୍ରାୟ ୧୪୦ ନିୟୁତ ଥିଲା। ସେଥିମଧ୍ୟରେ ଏସିଆରେ ୬୧ ନିୟୁତ, ଆଫ୍ରିକାରେ ୫୨ ନିୟୁତ, ଲାଟିନ୍ ଆମେରିକା ଏବଂ କାରିବିଆନ ଦେଶରେ ୧୦ ନିୟୁତ, ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆରେ ୭.୩ ନିୟୁତ ଯୁଦ୍ଧ ଅନାଥ ଥିଲେ। ୟୁନିସେଫ୍ ସୂଚନା ଅନୁଯାୟୀ, ୧୯୯୦ ଠାରୁ ଯୁଦ୍ଧ ଅନାଥ ପିଲାଙ୍କ ସଂଖ୍ୟା ବଢ଼ିଥିବାବେଳେ ୨୦୦୧ ଠାରୁ ଏହା ୦.୭ % ହାରରେ କମିବାରେ ଲାଗିଛି। ତେବେ ଏହି ଦିବସ ଅବସରରେ ପୃଥିବୀରେ ଯୁଦ୍ଧ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ।


**OFFICE OF THE SUPERINTENDING ENGINEER**
**P.W.D. (B&R) AMBIKAPUR CIRCLE**
**AMBIKAPUR**

Invitation Date : 02.01.2026

**E-PROCUREMENT TENDER NOTICE**

01. For tender detail please visit http://eproc.cgstate.gov.in
02. Concern Division - Jashpur Division
03. S.No. 1 'D' Class and Above Contractor
04. Bid Submission Due Date - 23.01.2026

| S. No. | N.I.T. No. | Name of work | P.A.C, in lacs |
|---|---|---|---|
| 1 | 2 | 3 | 4 |
| 1 | 229 | Construction of Boundary Wall at Government College, Duldula at Distt. Jashpur and Construction of Boundary Wall at Governmnet College, Tapkara at Distt. Jashpur. (C.G.) (First Call) | 61.68 |

Sd./- Superintending Engineer
P.W.D. Ambikapur Circle
Ambikapur

G-252605824/2



**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



नाम–अंशिका कुमारी, उम्र–04 वर्ष, उँचाई–2 फीट, 5 ईंच, रंग–गोरा, पहनावा–नीला रंग का टी शर्ट एवं नीला रंग का जींस पैंट पहनी हुई है।

उपरोक्त लापता लडकी अंशिका कुमारी, उम्र–04 वर्ष, पिता–सुनील कुमार, ग्राम–हल्दी छपरा, बादल टोला, थाना–मनेर, जिला–पटना (बिहार), वर्तमान पता–मौसीबाड़ी खटाल, जगरनाथपुर, थाना–धुर्वा, जिला–राँची जो दिनांक–02.01.2026 को अपने घर से किराना दूकान के लिए निकले जो आजतक अपने घर वापस नहीं आए है। जिसके संबंध में धुर्वा थाना काण्ड संख्या–01/2026, दिनांक–03.01.2026, धारा–137(2) भा0न्या0सं0 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता लड़की कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें। Email ID(rnc-dcb@jhpolice.gov.in)

पुलिस उपाधीक्षक, हटिया, रॉंची। – 9431706143
थाना प्रभारी, धुर्वा, रॉंची। – 9431706166

वरीय पुलिस अधीक्षक, राँची।

PR.NO.370061 Police(25-26):D



**EX-SERVICEMEN HIRING**

NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଓଡ଼ିଶା ରାଜ୍ୟର ବ୍ରହ୍ମପୁର (JCO & NCO), ନବରଙ୍ଗପୁର (JCO & NCO), ରାୟଗଡା (JCO & NCO), ଜୟପୁର (JCO & NCO), ବଲାଙ୍ଗିର (JCO & NCO), ବୁର୍ଲା (JCO & NCO), ଭଦ୍ରକ (JCO & NCO), ଖୋର୍ଦ୍ଧା (JCO & NCO), ସମ୍ବଲପୁର (JCO & NCO) ଏବଂ NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପାଇଁ (CDVO) । ସମୁଦାୟ (CDVO-01, JCO-12 ଏବଂ NCO-37) । ଚୁକ୍ତି ଭିତ୍ତିକ ପ୍ରଶିକ୍ଷଣ କର୍ମଚାରୀ ନିଯୁକ୍ତି ନିମନ୍ତେ ଅବସର ପ୍ରାପ୍ତ ସେନାର ଅନୁଶାସନ ଏବଂ ସତର୍କତା ସେବାନିବୃତ ଅଧିକାରୀ CDVO, JCO ଏବଂ NCOଙ୍କ ଠାରୁ NCC ଓଡ଼ିଶା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଆବେଦନ ପତ୍ର ଆମନ୍ତ୍ରଣ କରୁଛନ୍ତି।

ବିବରଣୀ ପାଇଁ ତଳେ ପରିଦର୍ଶନ କରନ୍ତୁ
https://nis.bisag-n-gov.in/nis/downloads
ସାର୍ବଜନୀକ ଆବେଦନଗୁଡିକ ତଳେ ଦିଆଯାଇଥିବା e-mail ID ରେ ଅପଲୋଡ୍ କରିବାକୁ ହେବ : adpcodisha-dte@nccindia.nic.in

**Address**
NCC Directorate Odisha
NCC Nagar, Plot No. G-41D,
Chandrasekharpur, Bhubaneswar-751016
Contact detail: 0674-3542899

ଆବେଦନ ପତ୍ର ପଠାଇବାର ଶେଷ ତାରିଖ 15 Jan 2026



**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ- ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା - ୭୬୫୦୦୧ (ଓଡିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୦୫.୦୧.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ୨୦୨୫ ଠାରୁ ୧୬ ଜାନୁଆରୀ ୨୦୨୬କୁ ବୃଦ୍ଧି କରାଯାଇଛି ।**

ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./-ଶାଖା ପ୍ରମୁଖ



**कार्यपालक अभियंता का कार्यालय**
**लघु सिंचाई रूपांकण प्रमण्डल, दुमका शिविर-देवघर**

ई–निविदा आमंत्रण सूचना

e-Tender Reference No. : W.R.D./M.I.D.D.D.C.DEOGHAR/$F_2$-07/2025-26 (3rd Call) Dated :- 05/01/2026

| क्रम सं० | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रुपये में) | परिमाण विपत्र का मूल्य (रुपये में) | वेबसाईट में ई–निविदा प्रकाशन की तिथि एवं समय | वेबसाईट में ई–निविदा प्राप्ति की अंतिम तिथि एवं समय | ई–निविदा खोलने की तिथि एवं समय | ई–निविदा आमंत्रित करने वाले पदाधिकारी के कार्यालय का नाम एवं पता | ई–निविदा आमंत्रित करने वाले पदाधिकारी का मोबाईल नम्बर | कार्य समाप्ति की अवधि |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1. | कोयरी जमुआ जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,44,48,672.54 | 2,90,000.00 | 10,000.00 | 07/01/2026 (पूर्वाह्न 10.30 बजे से) | 14/01/2026 (अपराह्न 05.00 बजे तक) | 15/01/2026 (अपराह्न 05.00 बजे) | कार्यपालक अभियंता लघु सिंचाई रूपांकण प्रमण्डल दुमका शिविर देवघर | 7257990512 10 A.M से 5 P.M | 11 माह |
| 2. | बलियापुर जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,70,46,886.60 | 3,41,000.00 | 10,000.00 | | | | | | 11 माह |
| 3. | सितलकुन्डी बिराजपुर जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,35,65,153.41 | 2,72,000.00 | 10,000.00 | | | | | | 11 माह |
| 4. | पहरुडीह जोरिया पर श्रृंखलाबद्ध चेकडैम निर्माण। | पालोजोरी | 1,46,07,898.14 | 2,93,000.00 | 10,000.00 | | | | | | 11 माह |
| 5. | परसबनी जोरिया पर चेकडैम निर्माण। | पालोजोरी | 43,69,009.30 | 88,000.00 | 5,000.00 | | | | | | 10 माह |

(1) केवल ई–निविदा ही स्वीकार किया जायेगा।
(2) निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
(3) निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो सारी जवाबदेही सम्बन्धित निविदादाता की होगी।
(4) प्राक्कलित राशि घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
(5) राज्य सरकार के द्वारा निर्गत सभी अद्यतन आदेश/परिपत्र लागु होंगे।
(6) विस्तृत जानकारी के लिए वेबसाईट http://jharkhandtenders.gov.in में लॉग ऑन करें।

कार्यपालक अभियन्ता
लघु सिंचाई रूपांकण प्रमण्डल,दुमका शिविर–देवघर

PR 370055 Water Resource(25-26).D



बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ,
ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
ଇ-ମେଲ: sarcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- IV - A (ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ **ଭୌତିକ ଦଖଲରେ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତା/ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ଯାଞ୍ଚ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ବାଲଗୋପାଳ ମିନେରାଲ୍ସ, ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ମ୍ୟୁନିସିପାଲ ଅଫିସ୍ ନିକଟ, ସା/ପୋ.: ଯୋଡା, କେନ୍ଦୁଝର-୭୫୮୦୩୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିନେଶ ଅଗ୍ରୱାଲ, ପିତା: ହରିରାମ ଅଗ୍ରୱାଲ, କ୍ରୀଷ୍ଣା କୁଞ୍ଜ, ଓଲ୍ଡ ମ୍ୟୁନିସିପାଲ ଅଫିସ୍ ନିକଟ, ଭିଉପଏଣ୍ଟ ହୋଟେଲ ନିକଟ, ବାଂଶପାଣି ରୋଡ, ଯୋଡା, କେନ୍ଦୁଝର-୭୫୮୦୩୪ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶୁଭେନ୍ଦୁ ପଟ୍ଟନାଏକ, ପିତା: ଶ୍ରୀ ସନ୍ତୋଷ ପଟ୍ଟନାଏକ, ଯୋଡା ବସ୍ତି, ଯୋଡା, କେନ୍ଦୁଝର - ୭୫୮୦୩୪, ୨) ଶ୍ରୀ କମଲ କୁମାର ପାତ୍ର, ସହିଦନଗର, ଯୋଡା, କେନ୍ଦୁଝର - ୭୫୮୦୩୪, ୩) ଶ୍ରୀ ମୁନ୍ନା ବେହେରା, ପିତା: ଶ୍ରୀ କିର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ଟେରେସା ସ୍କୁଲ ନିକଟ, ଯୋଡା, କେନ୍ଦୁଝର - ୭୫୮୦୩୪ | ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଯାହାର ପ୍ଲଟ୍ ନଂ.: ୪୫, ଖାତା ନଂ.: ୨୯/୧୪, କ୍ଷେତ୍ର: ଏକର ୧.୩୭ ଡିସିମିଲି, ମୌଜା: ଜଳହରି, ତହସିଲ: ବଡବିଲ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | ଟ.୨,୭୭,୨୩,୧୭୫/- + (ଡିମାଣ୍ଡ ନୋଟିସ୍ ୨୭.୦୪.୨୦୧୨ରିଖ ଅନୁଯାୟୀ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ତା.୦୯.୦୮.୨୦୨୫ ସୁଦ୍ଧା ବକେୟା ଟ.୧୨,୬୫,୦୭,୬୫୨.୪୨ + ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୧.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୭,୪୦,୦୦୦/- / ଟ.୨,୭୪,୦୦୦/- / ଟ.୧୫,୦୦୦/- | ଭୌତିକ | ୨୨.୦୧.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |
| ୨. | ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦେବବ୍ରତ ମହାନ୍ତି, ପିତା: ରାଇଚରଣ ମହାନ୍ତି, ୨) ଶ୍ରୀମତୀ ମିହିର କୁମାରୀ ମହାନ୍ତି, ୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ.: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ଶ୍ରୀମତୀ ମିହିର କୁମାରୀ ମହାନ୍ତି, ଶ୍ରୀ ଦେବବ୍ରତ ମହାନ୍ତି ଏବଂ ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୪୨୨, ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର | ଟ.୧୩,୩୨,୬୬୩/- + (ଡିମାଣ୍ଡ ନୋଟିସ୍ ୦୧.୦୧.୨୦୧୬ରିଖ ଅନୁଯାୟୀ ୦୧.୧୧.୨୦୧୫ରିଖ ଠାରୁ ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ) ଏବଂ ଚୁକ୍ତିଭିତ୍ତିକ ବକେୟା ତା.୧୨.୦୭.୨୦୨୫ ସୁଦ୍ଧା ଟ.୫୯,୦୧,୯୮୧.୮୭+ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୭.୦୧.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨୩,୩୨,୦୦୦/- / ଟ.୨,୩୩,୨୦୦/- / ଟ.୧୫,୦୦୦/- | ଭୌତିକ | ୨୨.୦୧.୨୦୨୬ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ : https://www.bankofbaroda.bank.in/e-auction.htm ଏବଂ https://baanknet.com ଦେଖନ୍ତୁ । ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ଅଧିକ ବିବରଣୀ ନିମନ୍ତେ ଏହି କୋଡ୍ କୁ ସ୍କାନ୍ କରନ୍ତୁ।

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ୨୭.୦୧.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୦୫.୦୧.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ଜିଲା କାର୍ଯ୍ୟାଳୟରେ ୩୪ ଅଭିଯୋଗ ଗ୍ରହଣ

ଅନୁଗୋଳ,୫।୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୩୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨ଟି ଅଭିଯୋଗର ଫଇସଲା କରାଯାଇଥିଲା। ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ଓ ୨ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।



**ଦଲାଲଙ୍କ ରାଜୁତି ଯୋଗୁ ରୋଗୀ ଅସୁବିଧାର ସମ୍ମୁଖୀନ**

# ଯନ୍ତ୍ରଣା ଦେଉଛି ଅଲ୍ଟ୍ରାସାଉଣ୍ଡ ପାଇଁ ଦୀର୍ଘ ଅପେକ୍ଷା

ଅନୁଗୋଳ,୫।୧ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନଙ୍କ ପାଇଁ ଅଲଟ୍ରାସାଉଣ୍ଡ ପରୀକ୍ଷା ଏବେ ବଡ଼ ଚିନ୍ତାର କାରଣ ପାଲଟିଛି। ବିନା ମୂଲ୍ୟରେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ଜିଲା ମୁଖ୍ୟ ଚିକିତ୍ସାଳୟରୁ ପାଇବା ପାଇଁ ଗରିବ, ଅସହାୟ ରୋଗୀମାନେ ଦିନ ପରେ ଦିନ ଅପେକ୍ଷା କରୁଥିବା ବେଳେ ସକ୍ରିୟ ଥିବା କେତେଜଣ ଦଲାଲ ରୋଗୀଙ୍କ ଠାରୁ ଅର୍ଥ ନେଇ ମିଳିଥିବା ଧାଡ଼ି ନମ୍ବରରେ ଜାଲିଆତି କରୁଥିବା ଅଭିଯୋଗ ହେଉଛି। ଫଳରେ ଦୀର୍ଘ ସମୟ ଅପେକ୍ଷା ସତ୍ତ୍ୱେ ନମ୍ବର ପଡୁ ନ ଥିବାରୁ ଏହା ରୋଗୀମାନଙ୍କ ଯନ୍ତ୍ରଣାକୁ ବଢ଼ାଇ ଦେଉଛି।

ସୂଚନା ମୁତାବକ, ଅନୁଗୋଳ ଜିଲାର କେତେକ ଉପଖଣ୍ଡ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ପରୀକ୍ଷା ନିମନ୍ତେ ଯନ୍ତ୍ରାଂଶ ଉପଲବ୍ଧ ନାହିଁ। ତେଣୁ ଅଲଟ୍ରାସାଉଣ୍ଡ ପାଇଁ ଦୈନିକ ବହୁ ସଂଖ୍ୟକ ରୋଗୀ ଜିଲା ମୁଖ୍ୟଚିକିତ୍ସାଳୟସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ କୋଠାକୁ ଆସୁଛନ୍ତି। ଫଳରେ ପ୍ରତିଦିନ ଅନେକ ସଂଖ୍ୟାରେ ରୋଗୀଙ୍କ ଭିଡ଼ ଏଠାରେ ଜମୁଛି। ସେହିପରି ଅସ୍ତ୍ରୋପଚାର ବିଭାଗରେ ଚିକିତ୍ସାରତ ରୋଗୀଙ୍କ ମଧ୍ୟରୁ ଅନେକଙ୍କର ମଧ୍ୟ ଅଲଟ୍ରାସାଉଣ୍ଡ ପରୀକ୍ଷା ଆବଶ୍ୟକ ପଡୁଛି। ଫଳରେ ଏଠାରେ ଥିବା ଗୋଟିଏ ମେସିନ ଉପରେ ନିର୍ଭରଶୀଳତା ବଢୁଥିବାରୁ ଅପେକ୍ଷାରତ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୨ ତାରିଖରେ ଅଲଟ୍ରାସାଉଣ୍ଡ ପାଇଁ ଆସିଥିବା ରୋଗୀମାନଙ୍କୁ ୫ ତାରିଖରେ ପରୀକ୍ଷା ପାଇଁ ତାରିଖ ଦିଆଯାଇଥିଲା। ସକାଳୁ ଏହି ସମସ୍ତ ରୋଗୀ ଆସି ଉକ୍ତ ବିଭାଗ ଆଗରେ ନିଜ ଟିକେଟ ସହ ଧାଡିରେ ଅପେକ୍ଷା କରିଥିଲେ। ଅଲଟ୍ରାସାଉଣ୍ଡ ବିଭାଗର କର୍ମଚାରୀ ୯ଟା ୧୬ରେ କବାଟ ଖୋଲିଥିଲେ ହେଁ ଅନ୍ୟ କର୍ମଚାରୀ ଆସିବା ପରେ ୧୦ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇଥିଲା। ଆଠମଲ୍ଲିକ ଅଞ୍ଚଳର ପୌଲସ୍ତ୍ୟ ମେହେର (୮୫), ଢେଙ୍କାନାଳ ଜିଲା ପରାଜଙ୍ଗ ବ୍ଲକ ମାଣିକମରା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ଛୋଟ ପୁଅର ଅଲଟ୍ରାସାଉଣ୍ଡ କରିବାକୁ ଧାଡ଼ିରେ ରହିଥିଲେ। ହେଲେ ସୋମବାର ଜଣେ ଦଲାଲ ଆସି ରୋଗୀମାନେ ପାଇଥିବା ଧାଡ଼ି ନମ୍ବର ସଂଗ୍ରହ କରି ତାହାକୁ ଏପଟସେପଟ କରିଦେଇଥିଲେ। ତେବେ ବିରୋଧ ପରେ ସମ୍ପୃକ୍ତ ଦଲାଲ ଜଣକ ସେଠାରୁ ଖସିଯାଇଥିଲେ। ଫଳରେ ପୂର୍ବରୁ ଧାଡ଼ିରେ ଥିବା ରୋଗୀମାନଙ୍କ ଭିଡ଼ ଭିତରେ ଦଲାଲଙ୍କୁ ଟଙ୍କା ଦେଇଥିବା କେତେଜଣ ରୋଗୀ ପଶି ଅଲଟ୍ରାସାଉଣ୍ଡର ସୁବିଧା ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ତରଙ୍ଗିନୀ ଦାସ କହିଛନ୍ତି, ଜଣେ ମାତ୍ର ରେଡିଓଲୋଜିଷ୍ଟ ରହିଛନ୍ତି। କର୍ମଚାରୀଙ୍କ ଅଭାବ ମଧ୍ୟ ରହିଛି। ଆଗକୁ ଜିଲା ଖଣିଜ ପାଣ୍ଠିରୁ କର୍ମଚାରୀ ନିଯୁକ୍ତି ହେବା ପରେ ସମସ୍ୟା ଦୂର ହେବ।

ଅଲଟ୍ରାସାଉଣ୍ଡ ପାଇଁ ଧାଡ଼ିରେ ପ୍ରମାଣପତ୍ର। ରୋଗୀଙ୍କୁ ମିଳୁଥିବା ହାତଲେଖା ରିପୋର୍ଟ।

## ମିଳୁଛି ହାତଲେଖା ରିପୋର୍ଟ

ସେହିପରି ଅଲ୍ଟ୍ରାସାଉଣ୍ଡ ପରୀକ୍ଷା ପରେ ସୋମବାର ରୋଗୀମାନଙ୍କୁ ହାତଲେଖା ରିପୋର୍ଟ ଦିଆଯାଇଥିଲା। ଫିଚର ସହ କମ୍ପ୍ୟୁଟରାଇଜ ରିପୋର୍ଟ ବଦଳରେ କାହିଁକି ଏ ପ୍ରକାର ରିପୋର୍ଟ ଦିଆଗଲା ତାହାକୁ ନେଇ ରୋଗୀମାନେ ପ୍ରଶ୍ନ କରିଥିଲେ ମଧ୍ୟ ଉପସ୍ଥିତ କର୍ମଚାରୀ କୌଣସି ଉତ୍ତର ଦେଇ ନ ଥିଲେ। ତେବେ ଯେଉଁ କର୍ମଚାରୀମାନେ ଅଛନ୍ତି, ସେମାନେ ସେତେଟା ଅଭିଜ୍ଞ ନୁହନ୍ତି। କମ୍ପ୍ୟୁଟର ମାଧ୍ୟମରେ ରିପୋର୍ଟ ପ୍ରସ୍ତୁତି ବେଳେ ଯଦି କୌଣସି ତ୍ରୁଟି ରୁହେ, ତେବେ ତାହା ରୋଗୀଙ୍କ ପାଇଁ ସାଂଘାତିକ ହେବ। ଏହାସହ ଜଣେ ରେଡିଓଲୋଜିଷ୍ଟ ଟେଷ୍ଟିଂ ସହ ରିପୋର୍ଟ ପ୍ରସ୍ତୁତ କରିବା ସମ୍ଭବ ହେଉନାହିଁ। ଏହି କାରଣରୁ ହାତଲେଖା ରିପୋର୍ଟ ଦିଆଯାଉଥିବା ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ତରଙ୍ଗିନୀ ଦାସ କହିଛନ୍ତି।

## ଝୁଲନ୍ତା ମୃତଦେହ ଜବତ

ସନ୍ତ୍ରିଛକ,୫।୧ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ଥାନା ଫୁଲପଡ଼ା ପଞ୍ଚାୟତ ଗିରଧିବାସିଆସ୍ଥିତ ବିଲରୁ ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ସୋମବାର ସକାଳେ କେତେଜଣ ଗ୍ରାମବାସୀ ବିଲ ଦେଇ ଯାଉଥିବାବେଳେ ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ମହୀଧରପୁର ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହଟି ୨ରୁ ୩ ଦିନ ପୂର୍ବର ହୋଇଥିବା ପୋଲିସ ଅନୁମାନ କରୁଛି। ଯୁବକ ଜଣଙ୍କ ପିନ୍ଧା ବେଲ୍ଟ ବେକରେ ଲଗାଇ ଗଛରେ ଝୁଲିପଡ଼ିଥିବାବେଳେ ତାଙ୍କ ବାମପାର୍ଶ୍ୱ ଛାତିରେ ଇଂଲିଶରେ ରତ୍ନା ଲେଖାଯାଇଥିବା ଫାଣ୍ଡି ଅଧିକାରୀ ମିଶ୍ର ସୂଚନା ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ଆଖପାଖ ଅଞ୍ଚଳରୁ ନିଖୋଜ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କାମାକ୍ଷାନଗର,୫।୧ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ମିଶନଶକ୍ତି ମହିଳାଙ୍କୁ ନେଇ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ସାରଙ୍ଗଧର ଷ୍ଟାଡିୟମ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାମାକ୍ଷାନଗର ଉପ ଜିଲାପାଳ ଦିନମଣି ନାଏକ, ବିଡ଼ିଓ ପ୍ରଭୁକଲ୍ୟାଣ ଦାସ, ତହସିଲଦାର ଶୁଭଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ମିଶନଶକ୍ତିରେ ସାମିଲ ଥିବା ବିଭିନ୍ନ ପଞ୍ଚାୟତରୁ ବହୁ ମହିଳା ଯୋଗଦେଇଥିଲେ। ମହିଳାମାନେ କିପରି ଏସ୍‌ଏଚ୍‌ଜି ଦ୍ୱାରା ମାଛଚାଷ, ପନିପରିବା ଚାଷ କରି ଆତ୍ମନିର୍ଭରଶୀଳ ହୋଇ ପାରିବେ ସେନେଇ ପ୍ରଶିକ୍ଷଣ କରାଯାଇଥିଲା। ଅତ୍ୟାଧୁନିକ ଜ୍ଞାନକୌଶଳ ବିନିଯୋଗରେ ମିଶନଶକ୍ତି ମାଧ୍ୟମରେ ଘରୋଇ ଭାବେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରି ମହିଳା ନିଜର ଉତ୍ପାଦକୁ କିପରି ସୁବିଧାରେ ବଜାରରେ ବିକ୍ରି କରିପାରିବେ ସେ ନେଇ ମହିଳାଙ୍କୁ ପରାମର୍ଶ ଓ ପ୍ରଶିକ୍ଷଣ ଦିଆଯାଇଥିଲା। ଓର୍ମାସ ଓ କାମାକ୍ଷାନଗର ବ୍ଲକ ତରଫରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଶିକ୍ଷକ ସନ୍ତୋଷ କୁମାର ପାତ୍ର ଉପସ୍ଥିତ ରହି ତାଲିମ ଦେଇଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତା ଚୟନ

ବଇଣ୍ଡା, ୫।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚିସ୍ଥିତ ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବ୍ଲକର ସମସ୍ତ ନୂତନ ପେନ୍‌ସନ୍‌ଭୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦିଲୀପ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସଂଘର ନିର୍ଦ୍ଦେଶକ୍ରମେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ନୂତନ ସଭାପତି ଭାବେ ବସନ୍ତ କୁମାର ନାଏକ, ସମ୍ପାଦକ ନୀଳାମ୍ବର ସାହୁ, କୋଷାଧ୍ୟକ୍ଷ ଅମରେନ୍ଦ୍ର ନାୟକ, ଉପସଭାପତି ଗୋପବନ୍ଧୁ ସାହୁ, ସହସମ୍ପାଦକ ଦୟାନିଧି ଦେହୁରୀ, ମିଡିଆ ସମ୍ପାଦକ ରାଜୀବ ନାଏକ, ଜିଲା ପ୍ରତିନିଧି ଭାବେ ରଞ୍ଜିତ କୁମାର ପ୍ରଧାନ ଏବଂ ସୁଶାନ୍ତ କୁମାର ନାଏକଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀକୁ ପୂର୍ବତନ ସଭାପତି ଦିଲୀପ କୁମାର ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ସିଂ ଏବଂ ଉପସଭାପତି ପ୍ରମୋଦ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ପ୍ରଫୁଲ୍ଲ ସିଂ, ଉପସଭାପତି ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

## ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ସାତମାଇଲ,୫।୧ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳସ୍ଥିତ ସର୍ବପ୍ରାଚୀନ ଧୂନୀଘର ମଠଠାରେ ଖଜୁରିଆକଟା ମଣ୍ଡଳ ପକ୍ଷରୁ ହିନ୍ଦୁ ସମ୍ମିଳନୀ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସେବା ପ୍ରମୁଖ ତପନ ସାମଲଙ୍କ ଆହ୍ୱାନକ୍ରମେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏଥିରେ ନିକଟସ୍ଥ ୭ଟି ପଞ୍ଚାୟତରୁ ୨୫ ଜଣ, ଗ୍ରାମ କମିଟି କର୍ମକର୍ତ୍ତା, ପ୍ରମୁଖ ଧର୍ମାନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ମହନ୍ତ ମାଧବାନନ୍ଦ ଦାସ ମହାରାଜ ବୈଠକର ରୂପରେଖ ଉପରେ ବକ୍ତବ୍ୟ ରଖିଥିଲେ। ଜାନୁଆରୀ ୨୪ରେ ଖଜୁରିଆକଟା ମଣ୍ଡଳ ପକ୍ଷରୁ ରଞ୍ଜାଗୋଳ ଧୂନୀଘର ମଠ ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ କରାଯିବ। ଏଥିସହିତ ଭାଗବତ ପଠନ, ଘୃତଯଜ୍ଞ, ନାମ ସଙ୍କୀର୍ତ୍ତନ ଓ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ପାନୀୟ ଜଳ ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଗ୍ରାମରୁ ଯୋଗଦେଇଥିବା ସଦସ୍ୟଙ୍କ ମଧ୍ୟରୁ ୧୮ ଜଣଙ୍କୁ ଆୟୋଜକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପ୍ରମୁଖ ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ ସଭାପତି, ବାସୁଦେବ ପ୍ରଧାନ ଉପସଭାପତି, ଲିଙ୍ଗରାଜ ସାହୁ ସଂଯୋଜକ, ତପନ କୁମାର ସାମଲ ସହସଂଯୋଜକ, ବିଭୂତି ଭୂଷଣ ସାହୁ କୋଷାଧ୍ୟକ୍ଷ, ଜଗଦୀଶ ପ୍ରଧାନ ସହକୋଷାଧ୍ୟକ୍ଷଙ୍କ ସମେତ ମଠ ମହନ୍ତ ମାଧବାନନ୍ଦ ଦାସଙ୍କୁ ଉପଦେଷ୍ଟା ଦାୟିତ୍ୱ ଦିଆଯାଇଥିଲା। ଶଶିଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଲୋକୀକରଣ, ସିସି କ୍ୟାମେରା ଲଗାଇବାକୁ ଦାବି

ତାଳଚେର,୫।୧ (ମନୋଜ ନନ୍ଦ)

ତାଳଚେରବାସୀଙ୍କ ନିରାପଦ ଗମନାଗମନ ନିମନ୍ତେ ହାଣ୍ଡିଧୁଆଁ ଛକଠାରୁ ବଳରାମପ୍ରସାଦ ଛକ ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣ ବ୍ୟବସ୍ଥା ସହ ସିସି କ୍ୟାମେରା ଲଗାଇବା ନିମନ୍ତେ ଜନ ବିକାଶ କଲ୍ୟାଣ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ତାଳଚେର ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୧୪୯ ନମ୍ବର ଏବଂ ୫୫ ନମ୍ବର ଜାତୀୟ ରାଜପଥ ଜନସାଧାରଣଙ୍କ ପାଇଁ ଏକ ମରଣଯନ୍ତା ପାଲଟିଛି। ଟ୍ରାଫିକ ଜାମ୍ ଏବଂ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଅନେକ ଜନସାଧାରଣ ତାଳଚେର ସହର ଦେଇ ଯାଇଥିବା ୧୪୯ ନଂ. ଜାତୀୟ ରାଜପଥ ଉପରପାର୍ଶ୍ୱ ପବିତ୍ର ମୋହନ ଛକଠାରୁ ଭାୟା ହାଣ୍ଡିଧୁଆଛକ ଦେଇ ୫୫ ନଂ. ଜାତୀୟ ରାଜପଥର ଏଫ୍‌ସିଆଇ ଛକକୁ ସିଧାସଳଖ ସଂଯୋଗ କରୁଥିବା ରାସ୍ତାକୁ ନିରାପଦ ରାସ୍ତା ଭାବେ ବ୍ୟବହାର କରୁଛନ୍ତି। ଘଣ୍ଟପଡ଼ା ରେଳ ଫାଟକ ପାଖ ଓଭରବ୍ରିଜ କାମ ସମ୍ପୂର୍ଣ୍ଣ ହୋଇଥିବାରୁ ଏହି ରାସ୍ତାରେ ଯାତାୟାତ ବୃଦ୍ଧିପାଇଛି। ତେଣୁ ହାଣ୍ଡିଧୂଆଁ ଠାରୁ ବଳରାମପ୍ରସାଦ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକୀକରଣ ସହ ସି.ସି କ୍ୟାମେରା ଲଗାଇବା ବ୍ୟବସ୍ଥା ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଭୂପେନ କୁମାର ଥମ୍ବ, ସମ୍ପାଦକ ଦୃମଦ କୁମାର ପ୍ରଧାନ, ଘଣ୍ଟପଡ଼ା ନାଏବ ସରପଞ୍ଚ ରାଜୀବ ଦାସ, ତେଣ୍ଟୁଲେଇ ସରପଞ୍ଚ ସୁରେଶ ଚନ୍ଦ୍ର ବେହେରା, ଜଗନ୍ନାଥପୁର ସରପଞ୍ଚ ଶୁଭଶ୍ରୀ ଦେବତା, ଧରମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅକ୍ଷୟ ପାଣି, ବଳରାମପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକାର ବିରୋଧୀ ବାସଗୃହ ଉଦ୍‌ଘାଟିତ

ବନ୍ତଲା,୫।୧ (ସୁଶିତ ସାହୁ)

ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ସୋମବାର ଶିକାର ବିରୋଧୀ ବାସଗୃହ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବନ୍ତଲା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥିଭାବେ ଅନୁଗୋଳ ଆର୍‌ସିସିଏଫ୍ ସଞ୍ଜୟ ସ୍ୱାଇଁ, ପ୍ରୋବେଶନର ଡିଏଫ୍‌ଓ ସିଦ୍ଧାର୍ଥ ଜୈନ, ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ, ବନ୍ତଲା ସରପଞ୍ଚ ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ଶିକାର ବିରୋଧୀ ବାସଗୃହକୁ ଉଦ୍‌ଘାଟନ କରିଥିଲେ। ଅରବିନ୍ଦ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ହାତୀ-ମଣିଷ ଲଢ଼େଇ ରୋକିବା ଦିଗରେ ଗୁରୁତ୍ୱ ଦେବାସହ ଓଡ଼ିଶା ସରକାର ବନାଞ୍ଚଳ କ୍ଷେତ୍ରରେ ଆବଶ୍ୟକ ପ୍ରତ୍ୟେକ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଏଥିସହ ସରକାରଙ୍କ ଆମ ଜଙ୍ଗଲ ଯୋଜନାରେ ବନାଞ୍ଚଳ ଅଧୀନରେ ଥିବା ବନସୁରକ୍ଷା ସମିତିଙ୍କୁ ଜେନେରେଟର, ଗ୍ରାଇଣ୍ଡର, ସାଉଣ୍ଡ, କଂସାବାସନ ସହ ବିଭିନ୍ନ ବୈଦ୍ୟୁତିକ ଯନ୍ତ୍ରାଂଶ ଓ ଅନ୍ୟାନ୍ୟ ସାମଗ୍ରୀ ବିତରଣ କରାଯାଇଥିଲା। ବନାଞ୍ଚଳ ଅଧୀନ ବଡ଼କନ୍ତକୂଳ, ଭୂବନପୁର, ଗଡ଼ତରାସ, କଞ୍ଚା ମାଟିଆସାହି, କରାବିରା, ନୂଆଗାଁ, ତଳସିରା ହିଡସିଂ ଓ ଲବଙ୍ଗି ଗ୍ରାମର ବନ ସୁରକ୍ଷା ସମିତିକୁ ମାନପତ୍ର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ବନ୍ତଲା ବନାଞ୍ଚଳରେ ହାତୀ ଉପଦ୍ରବ କମ୍ ରହିଥିବାରୁ ଏଥିପାଇଁ କର୍ମଚାରୀଙ୍କୁ ବନାଞ୍ଚଳ ଅଧିକାରୀ ସାହୁ ସାଧୁବାଦ ଜଣାଇବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଗରିବ, ଅସହାୟଙ୍କୁ କମ୍ବଳ ବଣ୍ଟନ

ପବିତ୍ରନଗର,୫।୧ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବାଲିପଶି ପଞ୍ଚାୟତରେ ରବିବାର ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ଦ୍ୱାରା କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ନାକିଚିଦେଓଳ ଗ୍ରାମରେ ଅସହାୟ, ଗରିବ, ବିଧବାଙ୍କୁ ଏହି କମଳ ପ୍ରଦାନ କରାଯାଇଥିଲା। ଏହାପରେ ସାଧାରଣ ଲୋକଙ୍କ ସହିତ ମିଶି ବିଭିନ୍ନ ସମସ୍ୟା ପଚାରିବୁଝିବା ସହ ତୁରନ୍ତ ସମାଧାନ ପାଇଁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ପାଲଲହଡ଼ା ଏସ୍‌ଡିପିଓ କୈଳାସ ସେଠୀ, ଅନୁଗୋଳ ଜିଲା ଭାଜପା ଉପସଭାପତି ନୃସିଂହ ବରାଳଙ୍କ ସମେତ ବିଷ୍ଣୁସେନ ଶତପଥୀ, ଧ୍ରୁବ ଚରଣ ଧୀର, ଟିକନ ପ୍ରଧାନ, ତ୍ରିପୁରାରି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଆଠମଲ୍ଲିକ,୫।୧ (ଉଦୀପ୍ତ ପୁରୋହିତ)



ଅନୁଗୋଳ ଜିଲା ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ୧ନଂ. ୱାର୍ଡ ନୂଆସାହିର ବାସିନ୍ଦା ରୋହିଣୀ ହୋତା (୮୧)ଙ୍କ ସୋମବାର ପରଲୋକ ହୋଇଯାଇଛି। ଅସୁସ୍ଥ ଥିବା ରୋହିଣୀଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନୂଆସାହିସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ସହରରେ ଶୋକା ଛାୟା ଖେଳିଯାଇଥିଲା।

## ଜନଶୁଣାଣିରେ ୭୨ ଅଭିଯୋଗ


ତାଳଚେର ବ୍ଲକ ସଭାଗୃହରେ ଜନଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ତାଳଚେର,୫।୧ (ମନୋଜ ନନ୍ଦ)/ ସନ୍ତ୍ରିଛକ( ସନ୍ତୋଷ ପରିଡ଼ା)


ଅନୁଗୋଳ ଜିଲା ତାଳଚେର ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୯ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନମୋହନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବ ଲୋଚନ ପଣ୍ଡା, ତାଳଚେର ତହସିଲଦାର ଆଲଫା ଜେନା, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ, ସହକାରୀ ଜିଲାପାଳ ସଞ୍ଜୟ କୁମାର ଭୋଇ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅମ୍ବର ଲୁଗୁନ, ମୁଖ୍ୟ ଜିଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ସେହିପରି ବଅଁରପାଳ ବ୍ଲକ ମହୀଧରପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବାନନ୍ଦ ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପ୍ତିକାନ୍ତ ସାହୁ, ସରପଞ୍ଚ ଇକି ସାହୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଦେବସ୍ମିତା ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜିତ ବେହେରା, ରାଜସ୍ୱ ନିରୀକ୍ଷକ ରଞ୍ଜିତା ସାହୁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୨୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟାକୁ ତ୍ୱରିତ ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଜନଶୁଣାଣିରେ ଯୋଗ ଦେଇଥିବା ସମସ୍ତ ଅଧିକାରୀଙ୍କ ସହ ମହୀଧରପୁର ଗ୍ରାମକୁ ଯାଇ ସମସ୍ୟା ବିଷୟରେ ଲୋକଙ୍କୁ ପଚାରି ବୁଝି ସମାଧାନ ପ୍ରତିଶ୍ରୁତି ଦେଇଥିଲେ।

## ହଣ୍ଡପା ଥାନାରେ ନୂତନ ଅଧିକାରୀ

ବଇଣ୍ଡା, ୫।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନାରେ କାର୍ଯ୍ୟ କରୁଥିବା ଆଇଆଇସି ନମିତା ନାୟକଙ୍କ ନାଲ୍‌କୋ ଥାନାକୁ ବଦଳି ହୋଇଛି। ଛେଣ୍ଡିପଦା ଥାନା ଆଇଆଇସି ଭାବେ କାର୍ଯ୍ୟ କରୁଥିବା ରାଜେଶ କୁମାର ଶତପଥୀଙ୍କୁ ହଣ୍ଡପା ଥାନାକୁ ବଦଳି କରାଯାଇଛି।



ସୋମବାର ରାଜେଶ ହଣ୍ଡପା ଥାନାରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଛନ୍ତି। ହଣ୍ଡପା ଥାନା ଅଞ୍ଚଳରେ ସାଧାରଣ ଲୋକଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯିବା ସହ ପୋଲିସ ଲୋକଙ୍କ ପ୍ରିୟଭାଜନ ହୋଇପାରିବ ସେ ନେଇ ଅଧିକ ପଦକ୍ଷେପ ନିଆଯିବ ବୋଲି ନୂଆ ଆଇଆଇସି ଶତପଥୀ କହିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ରାଜେଶ ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଡ଼ଡ଼ିଆଙ୍କୁ ଭେଟି ଆଲୋଚନା କରିଥିଲେ।

## କାର୍ଯ୍ୟର ମାନ ଉପରେ ଗୁରୁତ୍ୱ ଦିଆଯିବ


ବୈଠକରେ ଠିକାଦାର ସଂଘ କର୍ମକର୍ତ୍ତାମାନେ।

ଅନୁଗୋଳ,୫।୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ଟେଣ୍ଡର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଟେଣ୍ଡର ଭରାଯିବ। କାର୍ଯ୍ୟର ମାନ ଉପରେ ଗୁରୁତ୍ୱ ଦିଆଯିବ। ବାହାର ଜିଲାର ସମସ୍ତ ଠିକାଦାରଙ୍କୁ ଅନୁଗୋଳ ଜିଲାରେ ଟେଣ୍ଡର୍ ପକାଇବାକୁ ବାରଣ କରାଯାଇଥିବା ଭଳି କେତେକ ନିଷ୍ପତ୍ତି ସୋମବାର ଅନୁଗୋଳ ଜିଲା ଠିକାଦାର ସଂଘ ପକ୍ଷରୁ ନିଆଯାଇଛି। ଅନୁଗୋଳ ସଭାଘରସ୍ଥିତ କାର୍ଯ୍ୟାଳୟଠାରେ ଠିକାଦାର ସଂଘ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ବରିଷ୍ଠ ଠିକାଦାରମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବାହାରୁଥିବା ସମସ୍ତ ଟେଣ୍ଡରକୁ ଠିକାଦାରମାନେ ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ପକାଇବେ। ସେହିପରି, ବାହାର ଜିଲାର ସମସ୍ତ ଠିକାଦାରଙ୍କୁ ଅନୁଗୋଳ ଜିଲାରେ ଟେଣ୍ଡର୍ ପକାଇବାକୁ ବାରଣ କରାଯାଇଛି। ଏହି ନିଷ୍ପତ୍ତି ସୋମବାରଠାରୁ କାର୍ଯ୍ୟକାରୀ ହେବ ବୋଲି ଜିଲା ଠିକାଦାର ସଂଘ ପକ୍ଷରୁ ଘୋଷଣା କରାଯାଇଛି। ଆସନ୍ତା ୯ ତାରିଖରେ ଜିଲାର ସମସ୍ତ ଠିକାଦାରଙ୍କୁ ନେଇ ପୁନଃ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରେସ୍ ଇସ୍ତାହାର ମାଧ୍ୟମରେ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



# ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ




**ନୂଆ ବର୍ଷର ଶୁଭାରମ୍ଭ କରିବା ପାଇଁ ଅନେକେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ଉପହାର ପ୍ରଦାନ କରିଥାନ୍ତି । ଆଉ ଯଦି ଉପହାରଟି ଏପରି ହୁଏ ଯାହା ମନରେ ଏକ ସକାରାତ୍ମକ ଉର୍ଜା ଭରିଦେବା ସହ ପରିବେଶ ସୁରକ୍ଷାରେ ବି ସାହାଯ୍ୟ କରିପାରେ ତେବେ ଉପହାରର ଖୁସି ଦ୍ୱିଗୁଣିତ ହୋଇଯାଏ। ଏହି ଚିନ୍ତାଧାରାକୁ ଆଖିଆଗରେ ରଖି ଦିନକୁ ଦିନ ବଢ଼ିବାରେ ଲାଗିଛି ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ...**

ଗ୍ରୀନ୍ ଗିଫ୍ଟ ବା ସବୁଜ ଉପହାର ହେଉଛି ଏମିତି ଉପହାର ଯାହା ପ୍ରକୃତି ଓ ପରିବେଶ ଉପଯୋଗୀହେବା ସହ ମଣିଷର ସୁସ୍ଥ, ଦୀର୍ଘସ୍ଥାୟୀ ଜୀବନଶୈଳୀରେ ବି କାମରେ ଆସିଥାଏ ; ଯେଉଁଥିରେ ବିଭିନ୍ନ ପ୍ରକାର ଚାରା, ଗଛ, ଇକୋଫ୍ରେଣ୍ଡ୍ଲି ଧୂପକାଠି ଓ ଅନ୍ୟାନ୍ୟ ସାମଗ୍ରୀ ସହ ସିନ୍ଥେଟିକ୍ ପରିବର୍ତ୍ତେ କଟନ୍ ଓ ଅନ୍ୟ ହସ୍ତତନ୍ତ ପୋଷାକ ସାମିଲ ରହିଛି। ଏହା ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଉପକାରୀ ହୋଇଥିବାରୁ କେବଳ ପର୍ସନାଲ ଗିଫ୍ଟ ଭାବେ ନୁହେଁ ବିଭିନ୍ନ ସଂସ୍ଥା ବିଶେଷକରି କର୍ପୋରେଟ୍ ସେକ୍ଟରରେ ଏହି ଗିଫ୍ଟର ପ୍ରଚଳନ ବଢ଼ିବାରେ ଲାଗିଛି। ପ୍ରମୁଖ ଗ୍ରୀନ୍ ଗିଫ୍ଟଗୁଡିକ ହେଉଛି...

**ପ୍ଲାଣ୍ଟ ଗିଫ୍ଟ:** ଘର ଭିତରେ ସଜାଇ ରଖିବା ଲାଗି ବର୍ତ୍ତମାନ ବିଭିନ୍ନ ପ୍ରକାର ଇନ୍‌ଡୋର ପ୍ଲାଣ୍ଟ ଏବଂ ବୋନ୍‌ସାଇ ପ୍ଲାଣ୍ଟର ଡିମାଣ୍ଡ ସବୁଠୁ ଅଧିକ । ଏହା ଘର ଭିତରେ ମଧ୍ୟ ପ୍ରକୃତି ସହ ଯୋଡ଼ିରଖିବା ସହ ମାନସିକ ଶାନ୍ତି ଦେଇଥାଏ। ସେହିପରି ଗୋଲାପ, ମଲ୍ଲୀ, ରଜନୀଗନ୍ଧା, ପାରିଜାତ ଭଳି ବିଭିନ୍ନ ସୁଗନ୍ଧିତ ଫୁଲଗଛ ମଧ୍ୟ ଉପହାର ଦେଇପାରିବେ। ଆଲୋଭେରା, ସ୍ନେକ୍‌ପ୍ଲାଣ୍ଟ, ମନି ପ୍ଲାଣ୍ଟ, ଏରିକା ପାମ୍, ଲକି ବାମ୍ବୁ, ରବର ପ୍ଲାଣ୍ଟ, ପିସ୍ ଲିଲି, ସ୍ୱାଡର ପ୍ଲାଣ୍ଟ ଭଳି ଏୟାର ପ୍ୟୁରିଫାୟର ପ୍ଲାଣ୍ଟ ମଧ୍ୟ ଗିଫ୍ଟ ପାଇଁ ବର୍ତ୍ତମାନ ବହୁ ଡିମାଣ୍ଡରେ ଅଛି। ତୁଳସୀ, ପୁଦିନା ଭଳି ହର୍ବାଲ ତଥା ମେଡିସିନାଲ ପ୍ଲାଣ୍ଟ ବି ଏକ ବେଷ୍ଟ ଗିଫ୍ଟ ଅପ୍ସନ। ଏହା ବ୍ୟତୀତ ପରିବେଶ ସୁରକ୍ଷାକୁ ଆଖିଆଗରେ ରଖି ବିଭିନ୍ନ ଫଳ ଗଛ ଏବଂ ବଡ଼ ବଡ଼ ଗଛର ଚାରା ଗିଫ୍ଟଦେବା ମଧ୍ୟ ଏବେ ଟ୍ରେଣ୍ଡରେ ଅଛି।

**ଇକୋ ଫ୍ରେଣ୍ଡ୍ଲି ପ୍ରଡକ୍ଟ:** ଏଥିରେ ଗୋବର, ଫୁଲ, ଜଡିବୁଟି ଆଦିରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପ୍ରାକୃତିକ ଧୂପକାଠି, ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ ଫଟୋ ଫ୍ରେମ୍, ବାଲିରେ ତିଆରି ସ୍ୟାଣ୍ଡ ଆର୍ଟ, ଉଡେନ୍ ଗିଫ୍ଟ ଆଇଟମ୍, ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ପରିବର୍ତ୍ତେ କଟନ୍, ଝୋଟ ଆଦିରେ ପ୍ରସ୍ତୁତ ବ୍ୟାଗ୍ ଏବଂ ଗୃହସଜ୍ଜା ସାମଗ୍ରୀ ଆଦି ଉପହାର ସ୍ୱରୂପ ଦିଆଯିବାର ଟ୍ରେଣ୍ଡ ଚାଲିଛି। ସେହିପରି ବର୍ତ୍ତମାନ ଆର୍ଟିଫିସିଆଲ୍ ଜୁଏଲେରି ପରିବର୍ତ୍ତେ ବାଉଁଶ, ବିଭିନ୍ନ ମଞ୍ଜି, ମାଟି ଆଦିରେ ପ୍ରସ୍ତୁତ ଜୁଏଲେରିକୁ ସମସ୍ତେ ଅଧିକ ପସନ୍ଦ କରୁଛନ୍ତି।

**ସଷ୍ଟେନେବଲ୍ ଆଇଟମ୍:** ପୋଷାକ ହେଉ ଅବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବାରମ୍ବାର କିଣିବା ଏବଂ ଟିକେ ପୁରୁଣା ହେଲେ ପୁଣି ଫିଙ୍ଗି ନୂଆ କିଣିବାକୁ ଅନେକେ ଭଲ ପାଆନ୍ତି। ଯାହାଦ୍ୱାରା ଅଧିକ ଆବର୍ଜନା ମଧ୍ୟ ସୃଷ୍ଟି ହୋଇଥାଏ। ଏମିତିରେ ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଅନେକେ ବର୍ତ୍ତମାନ ସଷ୍ଟେନେବଲ୍ ବା ଦୀର୍ଘସ୍ଥାୟୀ ତଥା ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରୁଛନ୍ତି ଏବଂ ଏସବୁ ଉପହାର ସ୍ୱରୂପ ଦେବାରେ ଏଭଳି ସାମଗ୍ରୀର ଚାହିଦା ବି ବଢୁଥିବା ଦେଖିବାକୁ ମିଳୁଛି। ଏଥିରେ କଟନ, ଖଦି, ପାଟ ଆଦି ଶାଢ଼ି, ପୋଷାକର ଡିମାଣ୍ଡ ସବୁଠୁ ଅଧିକ ରହୁଛି।

**ଅର୍ଗାନିକ ଫୁଡ୍:** ବର୍ତ୍ତମାନ ବିଭିନ୍ନ ଜୈବିକ ଖାଦ୍ୟ ପଦାର୍ଥ ଉପହାରରେ ଦିଆଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ବିଶେଷକରି ମିଲେଟ୍, ଓଟ୍ସ ଆଦିରେ ପ୍ରସ୍ତୁତ କୁକିଜ୍, ବିସ୍କୁଟ୍, ମିଠା, କେକ୍ ଆଦି ଅନେକ ଗିଫ୍ଟ ଭାବେ ମଧ୍ୟ ଦେଉଛନ୍ତି।

– ପୌର୍ଣ୍ଣମାସୀ

## ଏମାନେ କ'ଣ କରନ୍ତି

**ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡ ସ୍ୱାଗତଯୋଗ୍ୟ**



**ଡା. ରଶ୍ମିରେଖା ସାହୁ**(ରେସିଡେଣ୍ଟ ମେଡିକାଲ ଅଫିସର, ତମାଣ୍ଡୋ, ଭୁବନେଶ୍ୱର)– ପରିବେଶ ପ୍ରଦୂଷଣ ଓ ପାଣିପାଗ ପରିବର୍ତ୍ତନକୁ ଆଖିଆଗରେ ରଖି ସମସ୍ତଙ୍କୁ ନିଜ ଲାଇଫ୍‌ଷ୍ଟାଇଲ୍ ପରିବର୍ତ୍ତନ କରିବା ନିହାତି ଆବଶ୍ୟକ। ଏମିତିରେ ଆମକୁ ନିଜ ଉପହାର ଦେବା ଶୈଳୀରେ ମଧ୍ୟ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ତେଣୁ ବର୍ତ୍ତମାନ ଚାଲିଥିବା ଗ୍ରୀନ୍ ଗିଫ୍ଟ ଟ୍ରେଣ୍ଡକୁ ହୃଦୟର ସହ ସ୍ୱାଗତ ଜଣାଉଛି। କିଛି ବର୍ଷ ହେବ କାହାର ଜନ୍ମଦିନ, ବିବାହ କିମ୍ବା ଅନ୍ୟ ପାର୍ଟି, ଫଙ୍କସନକୁ ଗଲେ କାହାରି ଶରୀର ଅବା ପରିବେଶକୁ କ୍ଷତି ପହଞ୍ଚାଉଥିବା ସାମଗ୍ରୀ ପରିବର୍ତ୍ତେ ଇକୋଫ୍ରେଣ୍ଡ୍ଲି ଗିଫ୍ଟ ଦେଉଛି। ଏଥିରେ ବିଭିନ୍ନ ପ୍ଲାଣ୍ଟ, ମାଟି, ବାଉଁଶ, କାଠ, ଝୋଟ, ଶିଙ୍ଗ ଭଳି ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ ସାମଗ୍ରୀ ସହ ଡ୍ରାଏ ଫ୍ରୁଟ୍ସ ଆଦି ସାମିଲ ଅଛି। କେବଳ ଏତିକି ନୁହେଁ, ଦୀର୍ଘ ୧୫ ବର୍ଷ ହେବ ଆମେ ୟୁଏସ୍‌ଆଇ ନାମକ ଫାଉଣ୍ଡେଶନ ଗଠନକରି ଲୋକଙ୍କୁ ଗଛ ଲଗାଇବା, ଜନ୍ମଦିନ ଓ ବିବାହ ଆଦି ଉତ୍ସବରେ ଗଛ ଉପହାର ଦେବା ଓ ଲଗାଇବା ସହ ପରିବେଶ ସୁରକ୍ଷା ଦିଗରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ କରିଆସୁଛୁ।

**ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ଏହା ଜରୁରୀ**



**ଅନସୂୟା ସାହୁ** (ପୋଖରୀପୁଟ, ଭୁବନେଶ୍ୱର)– ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ପାଲଟିଛି। ଯେଉଁଥିପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ ସହିତ ଇକୋଫ୍ରେଣ୍ଡଲି ଓ ସଷ୍ଟେନେବଲ୍ ପ୍ରଡକ୍ଟ ବ୍ୟବହାର କରୁଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ସଚେତନ କରାଉଛି। କେବଳ ଏତିକି ନୁହେଁ କୌଣସି ବିଶେଷ ଅବସରରେ କାହାକୁ ଉପହାର ଦେବା ଲାଗି ମଧ୍ୟ ପ୍ଲାଣ୍ଟ ଏବଂ ଇକୋଫ୍ରେଣ୍ଡଲି ସାମଗ୍ରୀ ବ୍ୟବହାର କରୁଛି। ଏଥିପାଇଁ ପେପର, ସୋଲ, ଗଜ୍ କପଡା, ଚକ୍, ମାଟି, କାଠ, ବିଭନ୍ନ ମଞ୍ଜି, ପ୍ରାକୃତିକ ରଙ୍ଗ ଆଦି ବ୍ୟବହାର କରି ପେନ୍‌ଷ୍ଟାଣ୍ଡ, ୱାଲ୍ ହ୍ୟାଙ୍ଗିଙ୍ଗ୍, ହୋମ୍‌ଡେକର ସାମଗ୍ରୀ, ସୋ ପିସ୍, ଫ୍ଲାୱାର୍ ଏବଂ ଫ୍ଲାୱାରଭେସ୍, ବୋନ୍‌ସାଇ ପ୍ଲାଣ୍ଟ ଆଦି ପ୍ରସ୍ତୁତ କରୁଛି। ଏ କ୍ଷେତ୍ରରେ ରୋଜଗାର ପାଇଁ ଆଗ୍ରହୀ ଯୁବତୀଙ୍କୁ ତାଲିମ ମଧ୍ୟ ଦେଉଛି। ଏଭଳି ଗ୍ରୀନ୍ ଗିଫ୍ଟର ଡିମାଣ୍ଡ ମଧ୍ୟ ମାର୍କେଟରେ ଦିନକୁ ଦିନ ବଢୁଥିବାରୁ ଖୁସି ଲାଗୁଛି।






# ପୁରୁଣା ବାନ୍ଧିନୀ ଶାଢ଼ିରୁ ମଡର୍ନ ଆଉଟ୍‌ଫିଟ୍

**ବେଳେବେଳେ କିଛି ପାରମ୍ପରିକ ଶାଢ଼ି ଫ୍ୟାଶନ ଦୁନିଆରେ ପୁରୁଣା ବା ଆଉଟ୍‌ଡେଟେଡ୍ ହୋଇଯାଏ। କିନ୍ତୁ ଏହାକୁ ନୂଆ ଢଙ୍ଗରେ ବ୍ୟବହାରକରି ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡରେ ସାମିଲ କରିପାରିବେ...**



➤ଯଦି ଆପଣଙ୍କ ପାଖରେ ପୁରୁଣା ବାନ୍ଧିନୀ ଶାଢ଼ି ଅଛି ଏହାକୁ ଭିନ୍ନ ଢଙ୍ଗରେ ପିନ୍ଧି ନୂଆ ଲୁକ୍ ଦେଇପାରିବେ। ଏହି ଶାଢ଼ିରେ ତିଆରି ଅନାରକଲୀ ସୁଟ୍ ଏଲିଗାଣ୍ଟ ଓ ରୟାଲ ଲୁକ୍ ଦେଇପାରିବେ। ଏହାକୁ ସିଲ୍କ ଓ କର୍ଟନ ଲାଇନିଂ ଦେଇ ତିଆରି କରନ୍ତୁ। ବିଭିନ୍ନ ଉତ୍ସବ ସମୟ କିମ୍ବା ପାରିବାରିକ ସମାରୋହରେ ଏହାକୁ ପିନ୍ଧିପାରିବେ।

➤ବାନ୍ଧିନୀ ଶାଢ଼ିରେ ଜ୍ୟାକେଟ୍ ତିଆରିକରି କୁର୍ତ୍ତା ସହ ପିନ୍ଧିପାରିବେ। ଏହା ଏକ ଇଣ୍ଡୋ ଇଷ୍ଟର୍ନ ଲୁକ୍ ଦେଇପାରିବ। ପୂଜା ସମୟରେ ଓ ଘରୋଇ ଉତ୍ସବରେ ଏହାକୁ ପିନ୍ଧିପାରିବେ।

➤ପୁରୁଣା ବାନ୍ଧିନୀ ଶାଢ଼ିରେ ଆପଣ ଚାହିଁଲେ ଲେହେଙ୍ଗା ଚୋଲୀ ଡିଜାଇନ କରିପାରିବେ। ଏହା ବହୁ ସୁନ୍ଦର ଦେଖାଯିବ। ଶାଢ଼ିର ବର୍ଡରକୁ ଲେହେଙ୍ଗାର ଘେର, ବ୍ଲାଉଜର ବର୍ଡ଼ର କିମ୍ବା ଚୋଲୀ ଡିଜାଇନରେ ଦେଲେ ଏହି ଆଉଟ୍‌ଫିଟ୍ ଅଧିକ ସୁନ୍ଦର ଦେଖାଯିବ।

➤ଯଦି କାଜୁଆଲ ଓ ମର୍ଡନ ଲୁକ୍ ଚାହୁଁଥାନ୍ତି ତେବେ ବାନ୍ଧିନୀ ଶାଢ଼ିରେ ସର୍ଟ କୁର୍ତ୍ତା ତିଆରି କରନ୍ତୁ। ଏହାକୁ ଜିନ୍ସ, ପ୍ଲାଜୋ କିମ୍ବା ସ୍କର୍ଟ ସହ ପିନ୍ଧିପାରିବେ। ଏହା ମଧ୍ୟ ଆଜିର ଫ୍ୟାଶନ ଟ୍ରେଣ୍ଡରେ ବହୁ ସୁନ୍ଦର ଦେଖାଯିବ।

➤ଷ୍ଟାଇଲିଶ୍ ମେକ୍‌ଓଭର ପାଇଁ ବାନ୍ଧିନୀ ଶାଢ଼ିରେ ଦୁପଟ୍ଟା କିମ୍ବା ଶ୍ରଗ ତିଆରି କରନ୍ତୁ। ଯେକୌଣସି ସିମ୍ପଲ ଆଉଟ୍‌ଫିଟ୍‌କୁ ଏହା ଏକ ଆକର୍ଷଣୀୟ ଲୁକ୍ ଦେଇପାରିବ।

# ଶୀତରେ ରହିବନି ଦରଜ ସମସ୍ୟା

**ପ୍ରବଳ ଥଣ୍ଡାରେ ଅନେକଙ୍କର ଅଣ୍ଟା, କାନ୍ଧ ଓ ବେକ ଆଦି ସ୍ଥାନରେ ଦରଜ ଅନୁଭବ ହୋଇଥାଏ, ଯାହାକୁ ଦୂରକରିବା ଲାଗି ଅନେକେ ପେନ୍ କିଲର ବ୍ୟବହାର କରିଥାନ୍ତି। ହେଲେ ଏହି ସମସ୍ୟାକୁ ବିଭିନ୍ନ ଘରୋଇ ଉପଚାର ଦ୍ୱାରା ଦୂରକରିପାରିବେ । ଜାଣି ରଖନ୍ତୁ କେତୋଟି ଉପାୟ...**

**ତେଲ ମାଲିସ:** ଶୀତଦିନେ ଦରଜ ହେଉଥିବା ସ୍ଥାନରେ ଉଷୁମତେଲ ମାଲିସ କରନ୍ତୁ। ସୋରିଷ ତେଲରେ ରସୁଣ, ଜୁଆଣି ଆଦି ପକାଇ ମାଲିସ କଲେ ଆରାମ ଲାଗିବ। ଥଣ୍ଡା ଦିନେ ଶରୀର ପାଇଁ ଏହି ପାରମ୍ପରିକ ଉପାୟ ଅତ୍ୟନ୍ତ ପ୍ରଭାବଶାଳୀ। ମାଲିସ କରିବା ପରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ ଓ ତୁରନ୍ତ ଆରାମ ଅନୁଭବ ହୋଇଥାଏ।

**ଶୀତ ପୋଷାକ:** ଥଣ୍ଡାଦିନେ ବାହାରକୁ ଗଲେ ଠିକ୍ ଭାବରେ ଶରୀରକୁ ଘୋଡ଼େଇ ରଖନ୍ତୁ। ମୁଣ୍ଡ, କାନ, ବେକ ଓ କାନ୍ଧ ଆଦି ବିଭିନ୍ନ ସ୍ଥାନକୁ ମଫଲର କିମ୍ବା ସ୍କାର୍ଫରେ ଢାଙ୍କି ବାହାରକୁ ଯାଆନ୍ତୁ। ସେହିଭଳି ଯଦି ବାଇକ୍‌ରେ ବାହାରକୁ ଯାଉଥାନ୍ତି ତା'ହେଲେ ଥଣ୍ଡା ପବନରୁ ରକ୍ଷା କରିବା ପାଇଁ ଶରୀରକୁ ସ୍ୱେଟର କିମ୍ବା ଶାଲ୍ ବ୍ୟବହାରକରି ଭଲଭାବରେ ଘୋଡ଼ାଇ ହୋଇ ଯାଆନ୍ତୁ।

**ହାଲୁକା ବ୍ୟାୟାମ:** ଅଳ୍ପ କିଛି ସମୟ ପାଇଁ ହେଲେ ବି ନିୟମିତ ବ୍ୟାୟାମ କରନ୍ତୁ। ବେକ, ଅଣ୍ଟା ଓ କାନ୍ଧ ପାଇଁ ଷ୍ଟ୍ରେଚିଂ କିମ୍ବା ଅଳ୍ପ କିଛି ଏକ୍ସରସାଇଜ୍ କରନ୍ତୁ। ବେକକୁ କ୍ଲକ୍ ୱାଇଜ୍ ଓ ଆଣ୍ଟି କ୍ଲକ୍ ୱାଇଜ୍ ଧୀରେ ଧୀରେ ବୁଲାନ୍ତୁ। ଭୁଜଙ୍ଗାଶନ ଓ ମର୍କଟାସନ ଭଳି ଯୋଗ କଲେ ଅଣ୍ଟା ଦରଜରୁ ମୁକ୍ତି ମିଳିପାରିବ। ତେଣୁ ନିୟମିତ କିଛି ସମୟ ପାଇଁ ଏହିସବୁ ଯୋଗ ଓ ବ୍ୟାୟାମ ଆଦି କରନ୍ତୁ।

**ଖାଦ୍ୟପେୟ:** ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ହେଲ୍‌ଦି ଖାଦ୍ୟ ନିହାତି ଜରୁରୀ। ଥଣ୍ଡାଦିନେ ହଳଦୀ, ଅଦା ଓ ମେଥି ଭଳି ଆଣ୍ଟି ଇନ୍‌ଫ୍ଲାମେଟାରି ଖାଦ୍ୟ ପଦାର୍ଥ ସାମିଲ କରନ୍ତୁ। ଶୀତଦିନେ ଥଣ୍ଡା ଯୋଗୁ ପାଣି ପିଇବାକୁ ଇଚ୍ଛା ହୁଏନାହିଁ। ଫଳରେ ଡିହାଇଡ୍ରେଶନ ହେବା ଆଶଙ୍କା ରହିଥାଏ। ତେଣୁ ଏ ଦୃଷ୍ଟିରୁ ସଚେତନ ହୋଇ ପାଣି ପିଅନ୍ତୁ। ଅଧିକ ଥଣ୍ଡା ଲାଗୁଥିଲେ ଅଳ୍ପ ଉଷୁମ କରି ପାଣି ପିଅନ୍ତୁ।

ଏସବୁ ଘରୋଇ ଉପାୟ ଆପଣାଇବା ସତ୍ତ୍ୱେ ଦରଜ କମ୍ ହେଉ ନ ଥିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ସୌନ୍ଦର୍ଯ୍ୟ

# ଘରୋଇ ଲିପ୍‌ବାମ୍

**ଶୀତଦିନେ ଓଠ ଶୁଖିବା ଓ ଫାଟିବା ଅନେକଙ୍କ ପାଇଁ ଏକ ବଡ଼ ସମସ୍ୟା। ତେଣୁ ଓଠ ନ ଫାଟିବା ଲାଗି ଏହାକୁ ମଶ୍ଚରାଇଜ୍ ଓ ସଫ୍ଟ ରଖିବା ପାଇଁ ଲିପ୍‌ବାମ୍ ଲଗାଇବା ନିହାତି ଜରୁରୀ। ତେଣୁ ଆପଣ ଚାହିଁଲେ ଘରେ ମଧ୍ୟ ଲିପ୍‌ବାମ୍ ପ୍ରସ୍ତୁତ କରିପାରିବେ। ଜାଣି ରଖନ୍ତୁ ଟିପ୍ସ...**

➔ରୋଜ୍ ଲିପ୍‌ବାମ୍ ମଧ୍ୟ ଓଠକୁ ନାଚୁରାଲି ପିଙ୍କ୍ ଓ ସଫ୍ଟ ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ଗୋଲାପ ପାଖୁଡ଼ାକୁ ଶୁଖାଇ ଗୁଣ୍ଡ କରିଦିଅନ୍ତୁ। ଏକ ପାତ୍ରରେ ଅଧାକପ୍ ପାଣି କିମ୍ବା କଞ୍ଚାକ୍ଷୀର ଗରମକରି ସେଥିରେ ୨ଚାମଚ ରୋଜ୍ ପାଉଡର ପକାଇ ଧୀରେ ଧୀରେ ଗୋଳାନ୍ତୁ। ଫୁଟିଗଲେ ଚୁଲା ବନ୍ଦକରି ଏହାକୁ ଛାଣିଦିଅନ୍ତୁ। ସେଥିରେ ଅଧା ଚାମଚ ନଡ଼ିଆ ତେଲ, ଅଧା ଚାମଚ ମହୁ ଏବଂ ୨ଟି ଭିଟାମିନ୍ ଇ କ୍ୟାପ୍‌ସୁଲ୍ ଫଟାଇ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏକ କଡ଼େଇରେ ପାଣି ଗରମ କରନ୍ତୁ, ଏହା ଉପରେ ଏକ ଗିନା ରଖି ଅଧା ଚାମଚ ମହମ ବା ବିୱାକ୍ସ ଗରମ କରନ୍ତୁ। ତାହା ମେଲ୍ଟ ହୋଇଗଲେ ପୂର୍ବ ପ୍ରସ୍ତୁତ ମିଶ୍ରଣକୁ ପକାଇ ଧୀରେ ଧୀରେ ଗୋଳାଇ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ଥଣ୍ଡାକରି ଏକ ଛୋଟ କଣ୍ଟେନରରେ ରଖି ପ୍ରତିଦିନ ଲଗାନ୍ତୁ , ଦେଖିବେ ଓଠ ଆଦୌ ଫାଟିବ ନାହିଁ ଏବଂ ପୂର୍ବ ଅପେକ୍ଷା ଅଧିକ ପିଙ୍କ୍ ମଧ୍ୟ ଲାଗିବ।



➔ରୋଜ୍‌ମେରୀ ଲିପ୍‌ବାମ୍ ଓଠ ପାଇଁ ବହୁତ ଭଲ। ଏଥିପାଇଁ ୧ଚାମଚ ବିୱାକ୍ସ, ୩ ଚାମଚ ନଡ଼ିଆତେଲ ଏବଂ ୨ ଚାମଚ ସିଆ ବଟର ପକାଇ ଅଳ୍ପ ଗରମ କରନ୍ତୁ ଏବଂ ତରଳିବା ପରେ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ୪–୫ ଟୋପା ଭିଟାମିନ୍ ଇ, ୨ ଟୋପା ରୋଜ୍‌ମେରୀ ଏସେନ୍ସିଆଲ ଅଏଲ୍ ଏବଂ ୩ ଟୋପା ପିପରମିଣ୍ଟ ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରତିଦିନ ଏହି ବାମ୍‌କୁ ଓଠରେ ଲଗାଇଲେ ଓଠ ନରମ ଏବଂ ଗୋଲାପି ରହିବ।

➔କୋରିଆନ୍ ଲିପ୍‌ବାମ୍‌କୁ ବର୍ତ୍ତମାନ ଅନେକେ ପସନ୍ଦ କରୁଥିବାରୁ ମାର୍କେଟ୍‌ରେ ଏହା ଖୁବ୍ ଅଧିକ ଦାମ୍‌ରେ ବିକ୍ରି ହେଉଛି। ହେଲେ ଆପଣ ଚାହିଁଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିପାରିବେ। ଏଥିପାଇଁ ପ୍ରଥମେ ଏକ କଡ଼େଇରେ ପାଣି ରଖି ଗରମ କରନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ଏହା ଉପରେ ଏକ ଗିନା ରଖନ୍ତୁ ଯେପରି ତାହା ଭାସିବ। ସେଥିରେ ୧ ବଡ଼ ଚାମଚ ବିୱାକ୍ସ ପ୍ୟାଲେଟ୍ ରଖି ଚାମଚରେ ଧୀରେ ଧୀରେ ଗୋଳନ୍ତୁ। ଏହା ଭଲ ଭାବେ ତରଳିଗଲେ ସେଥିରେ ୧ଚାମଚ ନଡ଼ିଆତେଲ ଏବଂ ୧ ଚାମଚ ବାଦାମ ତେଲ ପକାଇ ଭଲ ଭାବେ ମିଶାନ୍ତୁ। ସେଥିରେ ୧ ଚାମଚ ମହୁ ମିଶାଇ ପୁଣି ଗୋଳାନ୍ତୁ ଏବଂ ୪–୫ ଡ୍ରପ୍ ଭିଟାମିନ୍ ଇ ଅଏଲ୍ ଏବଂ ନିଜ ପସନ୍ଦର କୌଣସି ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାନ୍ତୁ। ଚୁଲା ବନ୍ଦକରି ଗିନା କାଢ଼ି ଆଣନ୍ତୁ। ଭଲ ଭାବେ ଥଣ୍ଡାହେବା ପରେ ଲିପ୍‌ବାମ୍‌କୁ ଏକ କଣ୍ଟେନରରେ ରଖିଦିଅନ୍ତୁ।



## ଖାଦ୍ୟରୁଚି

# ହୋମ୍ ମେଡ୍ ବିସ୍କୁଟ୍



**ଆବଶ୍ୟକ ସାମଗ୍ରୀ:** ଚିନି ୧୦୦ଗ୍ରାମ୍, ସୁଜି ୫୦୦ଗ୍ରାମ୍, ଅଟା ୨୦୦ଗ୍ରାମ୍,୨ ଚାମଚ ଘିଅ, ଛାଣିବା ଲାଗି ତେଲ, ଗୁଜୁରାତି ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚିନି ନିଅନ୍ତୁ , ସେଥିରେ ଅଳ୍ପ ସୁଜି ପକାଇ ଏହାକୁ ଏବେ ଗ୍ରାଇଣ୍ଡ କରିନିଅନ୍ତୁ। ଏହା ଗ୍ରାଇଣ୍ଡ ହୋଇଗଲା ପରେ ତାକୁ ଏକ ପାତ୍ରରେ କାଢ଼ି ଦିଅନ୍ତୁ। କଢ଼ା ହୋଇଥିବା ମିଶ୍ରଣରେ ଅଟା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏଥିରେ ଗୁଜୁରାତି ଗୁଣ୍ଡ, ଘିଅ, ଅଳ୍ପ ଲୁଣ ଏବଂ ଗରମ ପାଣି ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲଭାବେ ଚକଟି କିଛି ସମୟ ରଖି ଦିଅନ୍ତୁ। ଏହି ଚକଟାରୁ ଅଳ୍ପ ଅଳ୍ପ ହାତରେ ନେଇ ଗୋଲ ସେପ୍ ଦିଅନ୍ତୁ। କଣ୍ଟା ଚାମଚ ଏବଂ ଛଣା ଜାଲିର ସାହାଯ୍ୟ ନେଇ ଡିଜାଇନ୍ କରିପାରିବେ। ବର୍ତ୍ତମାନ କଡ଼େଇ ଗ୍ୟାସ୍ ଚୁଲାରେ ବସାଇ ସେଥିରେ ତେଲ ପକାନ୍ତୁ। ଏବେ ଏଥିରେ ଗୋଟିଏ ଗୋଟିଏ ପକାଇ ଏହାକୁ ଛାଣନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଘର ତିଆରି ବିସ୍କିଟ୍।

## ଦିଲ୍ଲୀରେ ଆଜି



ସୋମବାର ଦିଲ୍ଲୀ ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ବାୟୁ ପ୍ରଦୂଷଣ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି ବିଧାୟକମାନେ ମାସ୍କ ପିନ୍ଧି ବିଧାନସଭା ବାହାରେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ଆମେରିକା ଉପରାଷ୍ଟ୍ରପତିଙ୍କ ଘର ଉପରେ ଆକ୍ରମଣ

ୱାଶିଂଟନ,୫।୧

ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସିନ୍‌ସିନାଟିସ୍ଥିତ ଘର ଉପରେ ରାତିରେ ଆକ୍ରମଣ ହୋଇଛି। ଘରର ଅନେକ ଝରକା ଭାଙ୍ଗିଯାଇଛି। ଆକ୍ରମଣ ଖବର ପାଇ ଆମେରିକା ସିକ୍ରେଟ ସର୍ଭିସ୍ ଏଜେଣ୍ଟମାନେ ସୋମବାର ଭୋର ସମୟରେ ଭାନ୍ସଙ୍କ ଇଷ୍ଟ ୱାଲନଟ୍ ହିଲ୍ସ ବାସଭବନରେ ପହଞ୍ଚିଥିଲେ। ସେମାନେ ଜଣେ ସନ୍ଦିଗ୍ଧଙ୍କୁ ଧରିଥିବାବେଳେ ତାଙ୍କ ବିରୋଧରେ ଆକ୍ରମଣ ମାମଲା ରୁଜୁ ହୋଇଥିବା ସ୍ପଷ୍ଟ ହୋଇନାହିଁ। ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିବା ସ୍ଥାନୀୟ ପୋଲିସ କହିଛି। ଆକ୍ରମଣ ସମୟରେ ଭାନ୍ସଙ୍କ ପରିବାର ଘରେ ନ ଥିଲେ। ଆକ୍ରମଣକାରୀ ଘରେ ପଶିଥିବା ବିଶ୍ୱାସ ହେଉନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ରିପୋର୍ଟ ଅନୁଯାୟୀ ଗତ ଶୁକ୍ରବାର ଭାନ୍ସ ଫ୍ଲୋରିଡାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାରା ଦିନ ରହିଥିଲେ। ଭେନେଜୁଏଲା ଉପରେ ଆକ୍ରମଣକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଦେଖିବା ପରେ ସିନ୍‌ସିନାଟି



ଜେଡି ଭାନ୍ସ

ଫେରିଥିଲେ। ଫ୍ଲୋରିଡା ଆକ୍ରମଣ ଯୋଜନା ଓ ପ୍ରକ୍ରିୟା ସହ ଭାନ୍ସ ଗଭୀର ଭାବେ ଜଡ଼ିତ ଥିଲେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଭାନ୍ସଙ୍କ ଘର ଉପରେ ଆକ୍ରମଣ ପରେ ସେଠାରେ ପୋଲିସ ଓ ସିକ୍ରେଟ୍ ସର୍ଭିସ କର୍ମଚାରୀମାନେ ଜଗିରହିଛନ୍ତି।

ସୂଚନାଯୋଗ୍ୟ, ରିପବ୍ଲିକାନ୍ ଭାନ୍ସ ଓହିଓରୁ ଆମେରିକା ସିନେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଉପରାଷ୍ଟ୍ରପତି ଅଛନ୍ତି। ଆକ୍ରମଣ ଘଟଣାରେ ତାଙ୍କ କାର୍ଯ୍ୟାଳୟ ସିକ୍ରେଟ୍ ସର୍ଭିସ୍‌କୁ ସିଧା ପ୍ରଶ୍ନ କରିଛି। ଆକ୍ରମଣରେ ସିକ୍ରେଟ ସର୍ଭିସର ଏକ ଗାଡ଼ି ମଧ୍ୟ ଭାଙ୍ଗିଯାଇଛି।

## ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ଆଇଏସ୍‌ଆଇର ଉଦ୍ୟମ

### ଭୁଲ୍ ସୂଚନା ଅଭିଯାନ ଚଳାଇବ

ନୂଆଦିଲ୍ଲୀ,୫।୧

ପାକିସ୍ତାନର ବାହ୍ୟ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଭାରତରେ ଗୁପ୍ତଚରଗିରି ନେଟ୍‌ୱର୍କ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏନେଇ ସରକାରଙ୍କୁ ସତର୍କ କରାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦେଶର ସୁରକ୍ଷା ବଳ ସତର୍କ ରହିବା ଆବଶ୍ୟକ ବୋଲି ପ୍ରସ୍ତାବ ଦିଆଯାଇଛି। ନିକଟ ଅତୀତରେ ପାକିସ୍ତାନର ବହୁ ଗୁପ୍ତଚରଗିରି ଉଦ୍ୟମ ବିଫଳ ହୋଇଥିବା ସତ୍ତ୍ୱେ ଆଇଏସ୍‌ଆଇ ଏହାର ନେଟ୍‌ୱର୍କ ବଢ଼ାଇବାକୁ ସକ୍ରିୟ ରହିଛି। ଆଇଏସ୍‌ଆଇ ଏଜେଣ୍ଟମାନେ ଭାରତ ବିରୋଧରେ ଭୁଲ୍ ତଥ୍ୟ ପ୍ରସାର ଅଭିଯାନ ଚଳାଇବାରେ ନିୟୋଜିତ ଅଛନ୍ତି। ଭାରତ ସରକାରଙ୍କ ନୀତି ଉପରେ ପ୍ରଶ୍ନ ଉଠାଇ ବିକ୍ଷୋଭ କରିବା ଲାଗି ଆଇଏସ୍‌ଆଇ କେତେଜଣ ଲୋକ ଏବଂ ସଂଗଠନକୁ ନିୟୋଜିତ କରିବାକୁ ଯୋଜନା କରିଛି। ଭାରତରେ ଅସ୍ଥିରତା ସୃଷ୍ଟି ଲାଗି ଶତ୍ରୁ ରାଷ୍ଟ୍ର ଚଳାଇଥିବା ବୃହତ୍ ଗେମ୍ ପ୍ଲାନ୍‌ର ଏହା ଅଂଶବିଶେଷ ବୋଲି ଗୋଇନ୍ଦା ସୂତ୍ରରୁ କୁହାଯାଇଛି।

# ଖାଲିଦ, ଇମାମଙ୍କୁ ମିଳିଲାନି ଜାମିନ

### ଦିଲ୍ଲୀ ଦଙ୍ଗା ମାମଲା

ନୂଆଦିଲ୍ଲୀ,୫।୧(ପି.ଟି.)

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଅଭିଯୁକ୍ତ ଉମର ଖାଲିଦ ଏବଂ ଶର୍ଜିଲ ଇମାମଙ୍କୁ ଜାମିନ ଦେବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହି ମାମଲାର ଅନ୍ୟ ୫ ଅଭିଯୁକ୍ତ ଗୁଲ୍‌ଫିଶା ଫତିମା, ମୀରାନ ହାଇଦର, ଶିଫା ଉର୍ ରେହମାନ, ମହମ୍ମଦ ସଲିମ ଏବଂ ଶଦାବ ଅହମଦଙ୍କୁ ଜାମିନ ମିଳିଛି। ଖାଲିଦ ଏବଂ ଇମାମଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ରର ପ୍ରମାଣ ରହିଥିବାରୁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ର ଧାରା ୪୩ଡି(୫) ଅନୁଯାୟୀ ସେମାନଙ୍କୁ ଜାମିନ ପ୍ରଦାନରେ ବୈଧାନିକ ପ୍ରତିବନ୍ଧକ ରହିଥିବା ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. କଞ୍ଜରିଆଙ୍କ ଖଣ୍ଡପୀଠ କହିଛନ୍ତି। ସାକ୍ଷୀମାନଙ୍କ ବୟାନ ଯାଞ୍ଚ ପରେ କିମ୍ବା ଆଜିଠାରୁ ବର୍ଷେ ପରେ ଖଲିଦ ଏବଂ ଇମାମ ଜାମିନ ପାଇଁ ସାନି ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ତୁଳନାରେ ଖାଲିଦ ଓ ଇମାମଙ୍କ ବିରୋଧରେ ଅଭିଯୋଗର ଆଧାର ଗୁଣାତ୍ମକ ଭାବେ ଭିନ୍ନ ବୋଲି ଖଣ୍ଡପୀଠ କହିଛନ୍ତି। ଦଙ୍ଗା ପଛରେ ସେମାନଙ୍କର ମୁଖ୍ୟ ଏବଂ ରଚନାତ୍ମକ ଭୂମିକା ରହିଥିଲା। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବା,



ଉମର ଖାଲିଦ | ଶର୍ଜିଲ ଇମାମ

ଲୋକଙ୍କୁ ଏକାଠି କରିବା ସହ ନିର୍ଦ୍ଦିଷ୍ଟ ସ୍ଥାନ ବାହାରେ ଦଙ୍ଗା ଘଟାଇବା ପାଇଁ ନିର୍ଦ୍ଦେଶ ଦେବାରେ ସେମାନେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଖଣ୍ଡପୀଠ କହିଛନ୍ତି। ଅଦାଲତଙ୍କ କହିବା ଅନୁଯାୟୀ, ବିଚାର ପ୍ରକ୍ରିୟାରେ ବିଳମ୍ବ ବୈଧାନିକ ସୁରକ୍ଷା ପାଇବା ପାଇଁ ସୁଯୋଗ ନୁହେଁ।

୨୦୨୦ ଫେବୃଆରୀ ୨୩ରେ ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗା ଘଟିବାରୁ ୫୩ ଜଣଙ୍କ ଜୀବନ ଯିବା ସହ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ବିରୋଧୀ ବିକ୍ଷୋଭ ପାଇଁ ଭାଷଣ ଦେବା ଅଭିଯୋଗରେ ଇମାମଙ୍କୁ ୨୦୨୦ ଜାନୁଆରୀ ୨୮ରେ ଗିରଫ କରାଯାଇଥିବାବେଳେ ବୃହତ୍ତର ଷଡ଼ଯନ୍ତ୍ର ମାମଲାରେ ସେହିବର୍ଷ ଅଗଷ୍ଟରେ ତାଙ୍କୁ ପୁନର୍ବାର ଗିରଫ କରାଯାଇଥିଲା। ଖାଲିଦ ଓ ଅନ୍ୟ ଅଭିଯୁକ୍ତମାନେ ସେପ୍ଟେମ୍ବରରେ ଗିରଫ ହୋଇଥିଲେ। ସେମାନଙ୍କ ସମେତ ୧୫ ଜଣଙ୍କ ବିରୋଧରେ ୟୁଏପିଏ ଏବଂ ଆଇପିସିର ଆନୁଷଙ୍ଗିକ ଧାରାରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଖାଲିଦ ଏବଂ ଇମାମଙ୍କ ବିରୋଧରେ ଅଭିଯୋଗର ପ୍ରମାଣ ସ୍ୱରୂପ ଦାଖଲ ତଥ୍ୟ ପ୍ରମାଣରେ ଅଦାଲତ ସନ୍ତୋଷବ୍ୟକ୍ତ କରିଛନ୍ତି। ବିଚାର ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତିରେ ସେମାନଙ୍କୁ ।ଜାମିନରେ ଛଡ଼ାଯିବା ଯଥାର୍ଥ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଅଦାଲତଙ୍କ ରାୟ ପରେ ଖାଲିଦ କହିଛନ୍ତି, ଜେଲ ଏବେ ତାଙ୍କ ଜୀବନ ହୋଇଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଜାମିନ ମିଳିଥିବାରୁ ସେ ଆଶ୍ୱସ୍ତ ଏବଂ ଖୁସି ବୋଲି ସୋମବାର ତାଙ୍କ ପାର୍ଟନର ବନଜ୍ୟୋତ୍ସ୍ନା ଲାହିରିଙ୍କୁ କହିଛନ୍ତି।

## ପ୍ରଶ୍ନ ଉଠାଇଲେ ବିରୋଧୀ

ନୂଆଦିଲ୍ଲୀ,୫।୧(ପି.ଟି.)

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଅଭିଯୁକ୍ତ ଉମର ଖାଲିଦ ଏବଂ ଶର୍ଜିଲ ଇମାମଙ୍କୁ ସୁପ୍ରିମକୋର୍ଟ ଜାମିନ ଦେବାକୁ ମନା କରିଦେବା ଉପରେ ବିରୋଧୀ ନେତାମାନେ ପ୍ରଶ୍ନ ଉଠାଇଛନ୍ତି। ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ଡେରା ସଚା ସୌଦା ମୁଖ୍ୟ ଗୁରମିତ୍ ରାମ ରହିମଙ୍କୁ ଇତିମଧ୍ୟରେ ୧୫ ଥର ପାରୋଲରେ ଛଡ଼ାଯାଇଥିବାରୁ ଏହାକୁ ବିରୋଧୀ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଜାମିନ ହେଉଛି ନିୟମ ଏବଂ ଜେଲ ବ୍ୟତିକ୍ରମ ସିଦ୍ଧାନ୍ତ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଲାଗୁ ହେଉ ନ ଥିବାରୁ ଏଥିରୁ ସ୍ପଷ୍ଟ ହେଉଛି ବୋଲି ସିପିଆଇ(ଏମ୍) ଏମ୍‌ପି ଜନ୍ ବ୍ରିଟାସ Xରେ ଲେଖିଛନ୍ତି। କଠୋର ୟୁଏପିଏରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଜେଲରେ ଥିବା ଖାଲିଦଙ୍କ ବିଚାର ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ବିଚାର ପୂର୍ବରୁ ଜେଲଦଣ୍ଡ ନୁହେଁ ବୋଲି ବ୍ରିଟାସ କହିଛନ୍ତି। ଇତିମଧ୍ୟରେ ୨୦୧୭ରେ ଦୋଷୀସାବ୍ୟସ୍ତ ହୋଇ ଜେଲରେ ଥିବା ଗୁରମିତ ରାମ ରହିମଙ୍କୁ ପଞ୍ଚଦଶ ଥର ପାଇଁ ୪୦ ଦିନ ପାରୋଲରେ ଛଡ଼ାଯାଇଛି। ତାଙ୍କ ଦାବି ଅନୁଯାୟୀ ଜେଲରୁ ଛୁଟି ମିଳିଯାଉଛି।

ଜାମିନ ନ ମିଳିବା ଏକ ଗୁରୁତର ପ୍ରଶ୍ନ ଛିଡ଼ା କରାଇଛି ବୋଲି ଆର୍‌ଜେଡି ଏମ୍‌ପି ମନୋଜ ଝା କହିଛନ୍ତି। ବିନା ବିଚାରରେ ଦୀର୍ଘଦିନ ଜେଲରେ ରହିବା ଅଯଥାର୍ଥ ଓ ଅସଙ୍ଗତ ହୋଇଥିବାରୁ ଜାମିନ ପ୍ରଦାନ କରିବା ସାମ୍ବିଧାନିକ ଅଦାଲତଙ୍କ କର୍ତ୍ତବ୍ୟ। ସାମ୍ବିଧାନିକ ସୁରକ୍ଷା ପାଇବା ପାଇଁ ଆଉ କେତେଦିନ ଜେଲରେ ରହିବାକୁ ପଡ଼ିବ ବୋଲି ଝା ପ୍ରଶ୍ନ ଉଠାଇଛନ୍ତି।

## ଓଏନ୍‌ଜିସି ଗ୍ୟାସ୍ ପାଇପ୍‌ଲାଇନ ଲିକ୍‌ରୁ ନିଆଁ

ମୋରି(ଆନ୍ଧ୍ରପ୍ରଦେଶ,୫।୧(ପି.ଟି.)

ଆନ୍ଧ୍ରପ୍ରଦେଶର ଡ. ବି.ଆର୍. ଆମ୍ବେଦକର କୋନାସୀମା ଜିଲାରେ ଅଏଲ୍ ଆଣ୍ଡ ନ୍ୟାଚୁରାଲ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି)ର ଉତ୍ପାଦନ ଠିକା ସଂସ୍ଥା ଦୀପ୍ ଇଣ୍ଡଷ୍ଟ୍ରିଜ୍ ଲିଃ ଦ୍ୱାରା ପରିଚାଳିତ ଏକ ଗ୍ୟାସ୍ ପାଇପ୍‌ଲାଇନ ସୋମବାର ଲିକ୍ ହୋଇ ନିଆଁ ଲାଗିଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବା ଉକ୍ତ ନବରତ୍ନ ରାଷ୍ଟ୍ରାୟତ୍ତ କମ୍ପାନୀର ପ୍ରାରମ୍ଭିକ ସୂଚନାରୁ ଜଣାପଡ଼ିଛି। ନିଆଁ ଲାଗିଥିବା ଖବର ପାଇ ରାଜମୁନ୍ଦ୍ରିସ୍ଥିତ ଓଏନ୍‌ଜିସର ବରିଷ୍ଠ ଅଧିକାରୀମାନେ ମୋରି ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ମୋରି-୫ ତୈଳକୂପଠାରେ ଗ୍ୟାସ୍ ପାଇପ୍ ଲାଇନ୍ ଲିକ୍ ହେବାରୁ ଅଗ୍ନିକାଣ୍ଡ ଘଟିଥିବା ଜଣେ ଅଧିକାରୀ କହିଛନ୍ତି। ଏହା ଜନବସତିଠାରୁ ୬୦୦ ମିଟର ଦୂରରେ ହୋଇଥିବାବେଳେ ପ୍ରଭାବିତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ଶୀତଳୀକରଣ କରାଯାଉଛି। ଓଏନ୍‌ଜିସି ଏହାର ସଙ୍କଟ ପରିଚାଳନା ଟିମ୍‌କୁ ଘଟଣାସ୍ଥଳକୁ ପଠାଇଛି।

## ବିଜୟବର୍ଗୀୟଙ୍କ 'ଘଣ୍ଟା' ମନ୍ତବ୍ୟ: ଆପତ୍ତି ଉଠାଇଥିବା ଏସ୍‌ଡିଏମ୍ ନିଲମ୍ବିତ

ଭୋପାଳ,୫।୧

ମଧ୍ୟପ୍ରଦେଶର ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ କୈଳାସ ବିଜୟବର୍ଗୀୟ ଜଣେ ବରିଷ୍ଠ ଖବରଦାତାଙ୍କ ପ୍ରତି 'ଘଣ୍ଟା' ମନ୍ତବ୍ୟ ଦେଇଥିଲେ। ଏକ ସରକାରୀ ନିର୍ଦ୍ଦେଶନାମାରେ ଏହାକୁ ଅଭଦ୍ର, ଅମାନବୀୟ ଏବଂ ସତ୍ତାବାଦୀ ବୋଲି ଦର୍ଶାଇଥିବା ଦେୱାସ୍ ଜିଲାର ଜଣେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍)ଙ୍କୁ ନିଲମ୍ବନ କରାଯାଇଛି। ଏସ୍‌ଡିଏମ୍ ଆନନ୍ଦ ମାଲବ୍ୟ ଗତ ୩ ତାରିଖରେ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ। ୪ ତାରିଖରେ ଭାଜପା ଏମ୍‌ପି ଏବଂ ବିଧାୟକମାନଙ୍କ ଘର ବାହାରେ ବିରୋଧୀ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯିବାକୁ ଥିବାରୁ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ମୁତୟନ କରିବା ନିମନ୍ତେ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଉକ୍ତ ନିର୍ଦ୍ଦେଶନାମାର ପ୍ରଥମ ୮ ଧାଡ଼ି ଏସ୍‌ଡିଏମ୍‌ଙ୍କୁ ଅଡୁଆରେ ପକାଇଛି। ସେଥିରେ ଲେଖାଥିଲା ଭାଜପା ଶାସିତ ଇନ୍ଦୋର ମ୍ୟୁନିସିପାଲ କର୍ପୋରେଶନରେ ଯୋଗାଣ ହେଉଥିବା ଦୂଷିତ ପାଣି ପିଇ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ୨,୮୦୦ ଲୋକ ଚିକିତ୍ସିତ ହେଉଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଖବରଦାତାଙ୍କ ପ୍ରଶ୍ନର ଜବାବରେ ମନ୍ତ୍ରୀ ବିଜୟବର୍ଗୀୟ ଘଣ୍ଟ ଶବ୍ଦ ବ୍ୟବହାର କରିବା ଅଭଦ୍ରାମୀ ଏବଂ ସତ୍ତାବାଦର ସଙ୍କେତ ବୋଲି ଏସ୍‌ଡିଏମ୍‌ଙ୍କ ନିର୍ଦ୍ଦେଶନାମା ପ୍ରଥମ ପାରାଗ୍ରାଫ୍‌ରେ ଲେଖାଥିଲା। ଏହା ଦେଖିବା ପରେ ଦେୱାସ ଜିଲାପାଳ ରିତୁ ରାଜ୍ ଉଜୟିନୀ ଡିଭିଜନାଲ କମିଶନର ଆଶିଷ ସିଂଙ୍କୁ ଅବଗତ କରାଇଥିଲେ। ଏସ୍‌ଡିଏମ୍‌ଙ୍କୁ ନିଲମ୍ବନ କରିବା ପାଇଁ ଡିଭିଜନାଲ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

# ଏସ୍‌ଆଇଆର୍ ବିରୋଧରେ ସୁପ୍ରିମକୋର୍ଟ ଯିବେ ମମତା

ନୂଆଦିଲ୍ଲୀ,୫।୧

ବିଧାନସଭା ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ଅମାନବୀୟ ଆଚରଣ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା ସହ ଏହା ବିରୋଧରେ ସେ ସୁପ୍ରିମକୋର୍ଟରେ ଅପିଲ୍ କରିବେ ବୋଲି କହିଛନ୍ତି। ଦକ୍ଷିଣ ୨୪ ପ୍ରଗଣାର ସାଗର ଦ୍ୱୀପରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ମମତା କହିଛନ୍ତି,



ମମତା ବାନାର୍ଜୀ

ଏସ୍‌ଆଇଆର୍ ସହ ଜଡ଼ିତ ଭୟ, ନିର୍ଯାତନା ଏବଂ ପ୍ରଶାସନିକ ମନମାନି ଯୋଗୁ ଅନେକ ଲୋକ ହସ୍ପିଟାଲରେ ଭର୍ତ୍ତି ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ଏସ୍‌ଆଇଆର୍ ଯୋଗୁ ଏତେ ଲୋକଙ୍କ ପ୍ରତି ଅମାନବୀୟ ଆଚରଣ ଏବଂ ମୃତ୍ୟୁ ବିରୋଧରେ ମଙ୍ଗଳବାର ଅଦାଲତଙ୍କ ଦ୍ୱାରସ୍ଥ ହେବୁ। ସେଠାରୁ ଅନୁମତି ମିଳିଲେ ସୁପ୍ରିମକୋର୍ଟ ଯିବୁ ଏବଂ ଅମାନବୀୟ କାର୍ଯ୍ୟ ବିରୋଧରେ ଅପିଲ୍ କରିବୁ ବୋଲି ତୃଣମୂଳ କଂଗ୍ରେସ ସୁପ୍ରିମୋ କହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି, କୌଣସି ବୈଧ କାରଣ ନ ଥାଇ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ଲୋକଙ୍କ ନାଁ କାଟିଦିଆଯାଉଛି। ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ଏବଂ ବରିଷ୍ଠ ନାଗରିକମାନଙ୍କୁ ବୈଧ ଭୋଟରର ପ୍ରମାଣ ଦେବା ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ବାଧ୍ୟ କରାଯାଉଛି। ଭାଜପା ନେତାମାନଙ୍କ ବୃଦ୍ଧ ମା'ବାପାଙ୍କୁ ଏଭଳି ଛିଡ଼ା କରାଇଲେ, ସେମାନେ କିପରି ଅନୁଭବ କରିବେ ବୋଲି ମମତା ପ୍ରଶ୍ନ କରିଛନ୍ତି। ଏସ୍‌ଆଇଆର୍ ଆରମ୍ଭ ହେବା ଦିନରୁ ଭୟ ଓ ଅନ୍ୟାନ୍ୟ କାରଣରୁ ଅନେକ ଲୋକଙ୍କ ମୃତ୍ୟୁ ଘଟିଲାଣି ବୋଲି ସେ କହିଛନ୍ତି।

### ଫୁରସତ୍

# ଯମଜ ସନ୍ତାନଙ୍କ ଗାଁ

ବିଶ୍ୱର ଅନ୍ୟାନ୍ୟ ଦେଶ ପରି ଭାରତରେ ମଧ୍ୟ ଅନେକ ରହସ୍ୟମୟ ସ୍ଥାନ ଅଛି। ଏଥିମଧ୍ୟରୁ କେରଳର ଏକ ଛୋଟ ଗାଁ କୋଡିନିହି ଅନ୍ୟତମ। ଏହା ବିଶ୍ୱର ଏକମାତ୍ର ଗାଁ ବୋଲି ବିଶ୍ୱାସ କରାଯାଏ, ଯେଉଁଠାରେ କେବଳ ଯମଜ ବା ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି। ଏହି ଗାଁରେ ପ୍ରାୟ ୨୦୦ ଯମଜ ସନ୍ତାନ ଅଛନ୍ତି। ଏହା ପଛର ରହସ୍ୟ ଆଜି ପର୍ଯ୍ୟନ୍ତ କୌଣସି ଡାକ୍ତର କିମ୍ବା ବୈଜ୍ଞାନିକ ଖୋଜି ପାଇନାହାନ୍ତି।

କେରଳର ମାଲାପୁରମ ଜିଲାର ୨୦୦୦ ଲୋକ ବସବାସ କରୁଥିବା ଏକ ଛୋଟ ଗାଁ କୋଡିନିହି, ଯେଉଁଠି ଯମଜ ସନ୍ତାନ ଜନ୍ମହାର ଅସାଧାରଣ ଭାବରେ ଅଧିକ। ଏହି ଗାଁର ପ୍ରାୟ ପ୍ରତ୍ୟେକ ଘରେ




ଅତି କମ୍‌ରେ ଏକ ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଭାରତରେ ହାରାହାରି ଜନ୍ମହାର ପ୍ରତି ୧୦୦୦ରେ ୮ରୁ ୯ ଯାଆଁଳା ସନ୍ତାନ ଜନ୍ମ ହୁଅନ୍ତି, କିନ୍ତୁ କୋଡିନିହିରେ ଏହା ହାରାହାରି ୪୨ରୁ ୪୫ ହୋଇଥାଏ। ଅନେକ ବୈଜ୍ଞାନିକ ଏହି ଗାଁ ବିଷୟରେ ଢେର ଅଧ୍ୟୟନକରି ମଧ୍ୟ ଏପର୍ଯ୍ୟନ୍ତ ପ୍ରକୃତ କାରଣ ନିର୍ଣ୍ଣୟ କରିପାରିନାହାନ୍ତି। କିଛି ତତ୍ତ୍ୱ ସୂଚାଇଦିଏ ଯେ ଖାଦ୍ୟ, ପାଣି କିମ୍ବା ଜେନେଟିକ୍ସ ଭଳି କାରଣଗୁଡ଼ିକ ଯୋଗୁ ଅଧିକ ଯମଜ ସନ୍ତାନ ଜନ୍ମ ନିଅନ୍ତି। ତଥାପି ଏପର୍ଯ୍ୟନ୍ତ ଏହାର କୌଣସି ଠୋସ୍ ପ୍ରମାଣ ବୈଜ୍ଞାନିକଙ୍କୁ ମିଳିନାହିଁ। ଅପରପକ୍ଷେ ଏହା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଗର୍ବ ଏବଂ ସ୍ୱୀକୃତିର ପ୍ରତୀକ। ଏହି ଅନନ୍ୟ ଗାଁ ବିଷୟରେ ବିଶ୍ୱବ୍ୟାପୀ ଡକ୍ୟୁମେଣ୍ଟାରି, ବୈଜ୍ଞାନିକ ପ୍ରବନ୍ଧ ଏବଂ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି। ଏହା ବୈଜ୍ଞାନିକମାନଙ୍କୁ ଆକର୍ଷିତକରେ ଏବଂ ଆଶ୍ଚର୍ଯ୍ୟ ବି କରେ।

## ଜନ୍ମଦିନରେ ଦୀପିକାଙ୍କ ଉପହାର

ମୁମ୍ବାଇ

ନିଜ ଜନ୍ମଦିନରେ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି ବଲିଉଡ୍‌ର ଆଗଧାଡ଼ିର ନାୟିକା ଦୀପିକା ପାଦୁକୋନ୍। ସେ ତାଙ୍କ ଜନ୍ମଦିନରେ ଏକ ବଡ଼ ପ୍ରୟାସ ଆରମ୍ଭ କରିଛନ୍ତି, ଯାହା ପରବର୍ତ୍ତୀ ପିଢ଼ିର ସୃଜନଶୀଳ ପ୍ରତିଭା ପାଇଁ ନୂତନ ଦିଶା ଦେବ। ୪୦ତମ ଜନ୍ମଦିନ ପାଳନ ଅବସରରେ ଦୀପିକା 'ଦି ଅନ୍‌ସେଟ୍ ପ୍ରୋଗ୍ରାମ' ନାମକ ଏକ ନୂତନ ପ୍ଲାଟ୍‌ଫର୍ମ ଆରମ୍ଭ କରିଛନ୍ତି। ଏହି ପ୍ଲାଟ୍‌ଫର୍ମ ଉଦୀୟମାନ କଳାକାରମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ହେବ ବୋଲି ଆଶା କରାଯାଉଛି।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ସାରା ଦେଶରୁ ଉଦୀୟମାନ ସୃଜନଶୀଳ କଳାକାରଙ୍କ ପ୍ରତିଭାକୁ ବିକଶିତ କରିବା । ଏହା ମାଧ୍ୟମରେ ଦୀପିକା ଭାରତୀୟ ଚଳଚ୍ଚିତ୍ର, ଟେଲିଭିଜନ ଏବଂ ବିଜ୍ଞାପନ ଶିଳ୍ପରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବତୀଯୁବକଙ୍କୁ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରତିଶ୍ରୁତିବଦ୍ଧ ପ୍ରତିଭାଙ୍କ ଲାଗି ତାଲିମ ସୁଯୋଗ ପ୍ରଦାନ କରିବ। ଦୀପିକା କହିଛନ୍ତି, ଦେଶ ଏବଂ ବିଶ୍ୱର ସର୍ବଶ୍ରେଷ୍ଠ ସୃଜନଶୀଳ ପ୍ରତିଭାକୁ ଚିହ୍ନଟ ସହ ସେମାନଙ୍କୁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ ଲାଗି ଗଭୀର ଭାବରେ ଆଗ୍ରହୀ ଅଛି। ମୁଁ 'ଦି ଅନ୍‌ସେଟ୍ ପ୍ରୋଗ୍ରାମ'ର ଶୁଭାରମ୍ଭ ଘୋଷଣାକରି ବହୁ ଉତ୍ସାହିତ ଏବଂ ଆପଣମାନଙ୍କୁ ଆଗାମୀ ପିଢ଼ିର ସୃଜନଶୀଳ ପ୍ରତିଭାଙ୍କ ସହ ପରିଚିତ କରାଇବା ପାଇଁ ଅପେକ୍ଷାରେ ରହିଛି।



ଦୀପିକା ପାଦୁକୋନ୍

# ସିବିଆଇ ଚାର୍ଜଶିଟ୍‌ରେ ସନ୍ଦେହ ଘେରରେ ଓପିଆର୍‌ବି

ଭୁବନେଶ୍ୱର,୫।୧(ତ୍ରିନାଥ ମହାନ୍ତ)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- ୨୦୨୫ ମାର୍ଚ୍ଚରୁ ଅଭିଯୁକ୍ତଙ୍କ ସହ ଡିଲ୍ ହୋଇସାରିଥିଲା
- ଗୋଟିଏ ସେଟ୍ ପ୍ରଶ୍ନପତ୍ର ଛାପି ନେଇ ଯାଇଥିଲେ ସିଲିକନ ଏମ୍‌ଡି ସୁରେଶ
- ଓପିଆର୍‌ବି ଏସ୍‌ପି ବଳଭଦ୍ର ଦୀପ୍ ଓ ଏସ୍‌ଓ ଗୌତମ ବେହେରାଙ୍କୁ ଜେରା

ବାଡ଼ ଖାଉଥିଲା ଫସଲ। ପୋଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ରୁ ହିଁ ଜାଲିଆତିର ପୂରା ପ୍ଲାନ୍ ହୋଇଥିଲା। ୨୦୨୫ ମାର୍ଚ୍ଚରୁ ହିଁ ଏସ୍‌ଆଇ ପରୀକ୍ଷା ସ୍କାମ୍ ପାଇଁ ଷଡ଼ଯନ୍ତ୍ର କରିଥିଲେ ଦାୟିତ୍ୱରେ ଥିବା ବଡ଼ ଅଧିକାରୀ। ତଦନ୍ତକାରୀ ସଂସ୍ଥା ସିବିଆଇ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ପ୍ରାଥମିକ ଚାର୍ଜଶିଟ୍‌ରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଏହି ନିଯୁକ୍ତି ମହାଦୁର୍ନୀତିରେ ଓପିଆର୍‌ବିର ଭୂମିକାକୁ ନେଇ ସିବିଆଇ ସନ୍ଦେହ କରିବା ସହ କେତେକ ପ୍ରାମାଣିକ ତଥ୍ୟ ମଧ୍ୟ ଉପସ୍ଥାପନ କରିଛି। ଚାର୍ଜଶିଟ୍ ଅନୁସାରେ ପରୀକ୍ଷା ପାଇଁ ସମସ୍ତ ପ୍ରଶ୍ନପତ୍ର ତିଆରି କରିବା ଓ ଛପେଇବା ଦାୟିତ୍ୱ ଥିଲା ଓପିଆର୍‌ବିର। ସମସ୍ତ ଲଜିଷ୍ଟିକ ସପୋର୍ଟ ସହ ଲୋକବଳ, ସିସିଟିଭି ଲଗାଇବା, ଯାନବାହନ ଯୋଗାଇବା ଆଦି କାମ ଥିଲା ଥାର୍ଡ ପାର୍ଟି ଏଜେନ୍ସି ସିଲିକନ ଟେକ୍ ଲାବ ପ୍ରାଇଭେଟ ଲିମିଟେଡ୍‌ର। କିନ୍ତୁ କୋଲକାତାର ସରସ୍ୱତୀ ପ୍ରିଣ୍ଟିଂ ପ୍ରେସ୍‌ରେ ଛପାଯାଇଥିବା ପ୍ରଶ୍ନପତ୍ର ମଧ୍ୟ ସିଲିକନ ଟେକ୍ ଏମ୍‌ଡି ସୁରେଶ ନାୟକଙ୍କ ଅନୁସାରେ ହୋଇଥିଲା। ସେଠାରେ ଗୋଟିଏ ସେଟ୍ ପ୍ରଶ୍ନପତ୍ର ଛପାଇବା ପାଇଁ ଓପିଆର୍‌ବି ସ୍ଥିର କରିଥିବା ବେଳେ ସୁରେଶ ଆଉଏକ ସେଟ୍ ପ୍ରଶ୍ନ ପତ୍ର ଛାପିବା ଲାଗି ପରାମର୍ଶ ଦେଇଥିଲେ। ତାଙ୍କ ଅନୁସାରେ, ଓପିଆର୍‌ବି କର୍ତ୍ତୃପକ୍ଷ ଆଉ ଏକ ସେଟ୍ ପ୍ରଶ୍ନପତ୍ରକୁ ବିକଳ୍ପ ଭାବେ ରଖି ଛାପିବାକୁ ରାଜି ହୋଇଥିଲେ। ହେଲେ ଏହାରି ଭିତରେ ସୁରେଶ କାରସାଦି କରି ବିକଳ୍ପ ସେଟ୍‌ର ପ୍ରଶ୍ନପତ୍ରକୁ ମୂଳ ସେଟ୍‌ର ପ୍ରଶ୍ନପତ୍ର ପ୍ୟାକେଟରେ ବଦଳାଇ ଛାପି ଦେଇଥିଲେ। ଏହାପରେ ଛପାଯାଇଥିବା ପ୍ରଶ୍ନପତ୍ର ଆଣି କଟକ ଷଷ୍ଠ ବାଟାଲିୟନ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ହେଲେ ତାହାକୁ ଠିକ୍ ଭାବେ ଓପିଆର୍‌ବିର ଅଧିକାରୀମାନେ ଚେକିଂ କରି ନ ଥିଲେ କାହିଁକି ବୋଲି ସିବିଆଇ ପ୍ରଶ୍ନ ଉଠାଇଛି। ଏଥିସହ ଏଭଳି ପ୍ରଶ୍ନକୁ ଧରି ଓପିଆର୍‌ବି ଏସ୍‌ପି ବଳଭଦ୍ର ଦୀପ ଓ ସେକ୍ସନ ଅଫିସର ଗୌତମ ପ୍ରସାଦ ବେହେରାଙ୍କୁ ଜେରା କରିଛି ସିବିଆଇ ଟିମ୍। କିନ୍ତୁ ଜେରାରୁ ଠିକ ଉତ୍ତର ଦେଇନାହାନ୍ତି ଦୁଇ ଅଧିକାରୀ। ସେହିପରି ସିବିଆଇ ଜାଣିବାକୁ ପାଇଛି ଯେ, ଗତବର୍ଷ ମାର୍ଚ୍ଚରେ ହେବାକୁ ଥିବା ପରୀକ୍ଷା ପୂର୍ବରୁ ସମସ୍ତ ପ୍ରକାରର ଡିଲ ସରିଥିଲା। ତେବେ ଓପିଆର୍‌ବି ଜାଣି ଜାଣି ଅଜଣା ଥିଲା ନା କିଛି ସୁରାକ ପାଇ ନ ଥିଲା, ସେନେଇ ଚାଲିଛି ଖୋଳତାଡ଼।

ଏଥିସହ ଚାର୍ଜଶିଟ୍‌ରେ ପଞ୍ଚସଫ୍ଟ କମ୍ପାନୀ ମାଲିକ ଶଙ୍କର ପୃଷ୍ଟିଙ୍କୁ ପୂରା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଦର୍ଶାଇଛି ସିବିଆଇ। ଆଇଟିଆଇ ଲିମିଟେଡ୍ ନିକଟରୁ ଥାର୍ଡପାର୍ଟି ଭାବେ ସିଲିକନ ଟେକ୍ ଟେଣ୍ଡର ପାଇଥିବା ବେଳେ ସମସ୍ତଙ୍କ ଅଗୋଚରରେ ପଞ୍ଚସଫ୍ଟ କମ୍ପାନୀକୁ ଦେଇଥିଲା କାମ। ଏହାରି ଭିତରେ ପୋଲିସ ଏସ୍‌ଆଇ ପରୀକ୍ଷା ଘୋଟାଲା ପାଇଁ ଅରବିନ୍ଦ ଦାସ, ମୁନା ମହାନ୍ତି, ଧର୍ମେନ୍ଦ୍ର ଓ ତ୍ରିନାଥ ଜେନାଙ୍କ ଜରିଆରେ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଭାବିତ କରିଥିଲେ ଶଙ୍କର ପୃଷ୍ଟି। ଏପରିକି ପରୀକ୍ଷାର ବହୁ ପୂର୍ବରୁ ପ୍ରଶ୍ନପତ୍ର ପାଇସାରିଥିବା ବେଳେ ତାହାକୁ ଦେଖାଇ ୨୫ ଲକ୍ଷ ଟଙ୍କାରେ ପୋଲିସ ଏସ୍‌ଆଇ ପଦ ପାଇଁ ଚାକିରି ଆଶାୟୀଙ୍କ ସହ ଡିଲ କରିଥିଲେ। ଗୋଟିଏ ପଟେ ୧୧୪ ପରୀକ୍ଷାର୍ଥୀ ଆନ୍ଧ୍ର ଯାଉଥିବାବେଳେ ବହୁ ପରୀକ୍ଷାର୍ଥୀ ପଶ୍ଚିମବଙ୍ଗର ଦୀଘା ଓ ମନ୍ଦାରମଣି ଯିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇସାରିଥିଲା। ଟଙ୍କା ଦେଇଥିବା ପରୀକ୍ଷାର୍ଥୀଙ୍କ ସମସ୍ତ ଅରିଜିନାଲ ସାର୍ଟିଫିକେଟ ସବୁ ଦଲାଲଙ୍କ ଜରିଆରେ ଶଙ୍କର କଲେକ୍ସନ କରିସାରିଥିଲେ।

ଅନ୍ୟପକ୍ଷରେ ଜବତ ୧୩୩ଟି ମୋବାଇଲ ମଧ୍ୟରୁ ରବିବାର ରାଜ୍ୟ ବାହାରର ଏକ ଘରୋଇ ସଂସ୍ଥା ସିବିଆଇକୁ ଜବତ ୩୨ଟି ମୋବାଇଲର ପରୀକ୍ଷା ରିପୋର୍ଟ ଦେଇଥିଲା। ଏହି ତଥ୍ୟ ଆଧାରରେ ସିବିଆଇ ତା'ର ତଦନ୍ତକୁ ଆଗକୁ ନେଇଛି। ଏଥିରେ ୨୨ଜଣ ପରୀକ୍ଷାର୍ଥୀଙ୍କ ମୋବାଇଲ୍ ଫୋନ୍ ଥିବା ବେଳେ ୧୦ଟି ମୋବାଇଲ ଦଲାଲ, ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କର ରହିଛି। ଶଙ୍କର ଓ ମୁନା ୧୦ ଜଣ ଆଇପିଏସ୍‌ଙ୍କ ସହ ଲିଙ୍କ୍‌ରେ ରହି ଏହି ଜାଲିଆତିକୁ ଦୀର୍ଘଦିନ ହେବ ପରିଚାଳନା କରୁଥିଲେ। ଏବେ ଚାର୍ଜଶିଟ୍ ରିପୋର୍ଟ ସମ୍ପୃକ୍ତ ଆଇପିଏସ୍ ଅଫିସରଙ୍କ ପାଇଁ ଅଡୁଆ ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

# ଲାଞ୍ଚ ନେଇ ଧରାପଡ଼ିଲେ ୨ ଯନ୍ତ୍ରୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଉଦଳା (ସନ୍ତୋଷ କୁମାର ବାଞ୍ଛିନୀ),୫।୧




ଗିରଫ ଜୁନିୟର ଇଞ୍ଜିନିୟର ସୁବ୍ରତ ମହାନ୍ତି ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ସିଂ।

ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଓଡ଼ିଶା ଲିଫ୍ଟ ଇରିଗେଶନ କର୍ପୋରେଶନ (ଓଏଲ୍‌ଆଇସି) ଉପ-ବିଭାଗରେ କାର୍ଯ୍ୟରତ ଦୁଇ ଯନ୍ତ୍ରୀ ସୋମବାର ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ହରେକୃଷ୍ଣ ସିଂ ଏବଂ ଜୁନିୟର ଇଞ୍ଜିନିୟର (ଜେଇ) ସୁବ୍ରତ ମହାନ୍ତି। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧/୨୦୨୬) ରୁଜୁ ହୋଇଛି। ଗିରଫ ପରେ ଭିଜିଲାନ୍ସ ପକ୍ଷରୁ ଏଇଇ ସିଂଙ୍କ ବାସଭବନ ସମେତ ୨ଟି ସ୍ଥାନ ଓ ଜେଇଙ୍କର ଦୁଇଟି ସ୍ଥାନରେ ଚଢ଼ାଉ ଜାରି ରହିଛି।

ସୂଚନାଯୋଗ୍ୟ, ଠିକାଦାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୨୫ ଲକ୍ଷ ଟଙ୍କା ପ୍ରକଳ୍ପର ବକେୟା ବିଲ୍ (ପ୍ରାୟ ୫ ଲକ୍ଷ) ଏବଂ ସିକ୍ୟୁରିଟି ଡିପୋଜିଟ ବିଲ୍ ପାସ କରିବା ପାଇଁ ଦୁଇ ଯନ୍ତ୍ରୀ ୪.୫% ହାରରେ ମୋଟ ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ମଧ୍ୟରେ ଏଇଇଙ୍କ ୧.୫% ହିସାବରେ ୩୨ ହଜାର ଏବଂ ଜେଇଙ୍କ ୩% ହିସାବରେ ୨୮ହଜାର ରହିଥିଲା। ମୋଟ ୬୦ ହଜାର ଟଙ୍କା ନ ଦେଲେ ବିଲ୍ ପାସ୍ ହେବ ନାହିଁ ବୋଲି ଠିକାଦାରଙ୍କୁ ରୋକ୍‌ଠୋକ୍ କହିଥିଲେ। ଏନେଇ ଠିକାଦାର ଜଣକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ସୋମବାର ଯନ୍ତ୍ରୀଦ୍ୱୟ ଲାଞ୍ଚ ଟଙ୍କା ନେବା ସମୟରେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ଉଭୟଙ୍କଠାରୁ କେମିକାଲ ବୋଳା ଲାଞ୍ଚ ଟଙ୍କା ଜବତ ହୋଇଛି।

# ଦୀପକଙ୍କୁ ରିମାଣ୍ଡରେ ନେଲା ଖୁଣ୍ଟୁଣୀ ପୋଲିସ

**ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା ମାମଲା**

ଭୁବନେଶ୍ୱର,୫।୧(ସତ୍ୟଜିତ ରାଉତ)

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ ଝାରପଡ଼ା ଜେଲରେ ଥିବା କନ୍‌ଷ୍ଟେବଲ୍ ସ୍ୱାମୀ ଦୀପକ ରାଉତ ତାଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀ ହତ୍ୟା ମାମଲାରେ ଅଧିକ ଛନ୍ଦି ହୋଇଛନ୍ତି। ଅପର୍ଣ୍ଣାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇ ନ ଥିଲା, ଦୀପକ ହିଁ ତାଙ୍କୁ ହତ୍ୟା କରିଥିଲେ ବୋଲି ତଦନ୍ତରେ ପୋଲିସ ଜାଣିବାକୁ ପାଇଛି। ଖୁଣ୍ଟୁଣୀ ଥାନା ପୋଲିସ ସୋମବାର ଝାରପଡ଼ା ଜେଲରୁ ଦୀପକଙ୍କୁ ଦିନିକିଆ ରିମାଣ୍ଡରେ ନେଇ ମାରାଥନ ଜେରା କରୁଛି। ଏପରିକି ରିମାଣ୍ଡ ଅବଧି ମଧ୍ୟରେ ଦୀପକଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ ପୋଲିସ ଯୋଜନା କରିଛି। ଦୀପକଙ୍କୁ ଗୁଡ଼ାଇ ତୁଡ଼ାଇ ପୋଲିସ ପ୍ରଶ୍ନ କରିବା ସହ ଏହି ମାମଲାରେ ଅଧିକ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଏହାପୂର୍ବରୁ ଅକ୍ଟୋବର ୨୨ରେ ଦୀପକଙ୍କୁ ଖୁଣ୍ଟୁଣୀ ପୋଲିସ ଝାରପଡ଼ା ଜେଲ ଭିତରେ ଜେରା କରି ଅନେକ ତଥ୍ୟ ମଧ୍ୟ ହାସଲ କରିଥିଲା। ଅପରପକ୍ଷରେ ଅପର୍ଣ୍ଣାଙ୍କ ପୋଷ୍ଟମୋର୍ଟମ ରିପୋର୍ଟରୁ ପୁନଃ ଯାଞ୍ଚରେ ବି ହତ୍ୟା ବୋଲି ସ୍ପଷ୍ଟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅପର୍ଣ୍ଣାଙ୍କ ହତ୍ୟା ମାମଲାରେ ଦୀପକଙ୍କ ବିରୋଧରେ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାରେ ପୋଲିସ ପ୍ରୟାସ କରୁଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ କାର୍ଯ୍ୟ କରୁଥିବା ଅପର୍ଣ୍ଣାଙ୍କୁ ୨୦୧୮ ଏପ୍ରିଲ ୨୫ରେ ଦୀପକ ବିବାହ କରିଥିଲେ। ମୃତ୍ୟୁ ସମୟରେ ବି ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ ପରିବାର ଲୋକଙ୍କୁ ଜଣାଇଥିଲେ। ସେତେବେଳେ ପୋଲିସ ଠାରୁ ପରିବାର ଲୋକ ଦୀପକଙ୍କ କଥାକୁ ସତ ମାନିଯାଇଥିଲେ। ପରେ କମିଶନରେଟ୍ ପୋଲିସରେ କାର୍ଯ୍ୟ କରୁଥିବା ଶୁଭମିତ୍ରାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିବା ପରେ ତାଙ୍କୁ ହତ୍ୟା କରିଥିଲେ।

# ଇନ୍ସପେକ୍ଟର ବିଜୟ ବାରିକ ନିଲମ୍ବିତ

**ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ**

ଭୁବନେଶ୍ୱର,୫।୧ (ସତ୍ୟଜିତ ରାଉତ)

ମଦ ଦୋକାନୀଙ୍କୁ ସୁରୁଖୁରୁରେ ବ୍ୟବସାୟ ଚଳାଇବାକୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା କଟକ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭିଜିଲାନ୍ସ ମାମଲାକୁ କେନ୍ଦ୍ର କରି ପୋଲିସ ଡିଜି ୱାଇବି ଖୁରାନିଆ ସୋମବାର ବିଜୟଙ୍କୁ ନିଲମ୍ବିତ କରିଛନ୍ତି। ଏହି ନିଲମ୍ବିତ ଅବଧି ମଧ୍ୟରେ ଅଭିଯୁକ୍ତ ବିଜୟ ଭୁବନେଶ୍ୱର-କଟକ ପୋଲିସ କମିଶନରଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

# ଧରାପଡ଼ିଲେ ଆଉ ୨, ଗିରଫ ସଂଖ୍ୟା ୫କୁ ବୃଦ୍ଧି

**୨ ଯୁବକଙ୍କୁ ହାତୁଡ଼ିରେ ହତ୍ୟା ଘଟଣା**

ମଙ୍ଗୁଳି-ଜଗତପୁର,୫।୧(ମାନସ ସାମଲ)




ଗିରଫ ୨ ଅଭିଯୁକ୍ତ।

କଟକ ଜିଲା ଟାଙ୍ଗୀ ଥାନା ୧୬ ନମ୍ବର ଜାତୀୟ ରାଜପଥ ନିର୍ଗୁଣ୍ଡି ନିକଟରେ ଥିବା ନାରାୟଣୀ ପୋକ୍‌ଲିନ ଗ୍ୟାରେଜରେ ୨ ଯୁବକଙ୍କୁ ହାତୁଡ଼ିରେ ପିଟି ହତ୍ୟା ଘଟଣାରେ ଆଉ ୨ ଜଣଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ କଟକ ଜିଲା କାନପୁର ଥାନା ଅଧୀନ କନକପୁର ଗ୍ରାମର ସୂର୍ଯ୍ୟମଣି ମୁଦୁଲି ଓରଫ ନାଲୁ (୨୮), ଯାଜପୁର ଜିଲା ସୁକିନ୍ଦା ଥାନା ଅଧୀନ ବନ୍ଧଗାଁ ଗ୍ରାମର ସ୍ୱପ୍ନେଶ୍ୱର ମହନ୍ତ (୧୯)। ପୂର୍ବରୁ ଗ୍ୟାରେଜ ମାଲିକଙ୍କ ସମେତ ୩ଜଣ ଧରାପଡ଼ିଥିବା ବେଳେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଏବେ ବି ଆଉ ୩ଜଣ ଫେରାର ଥିବା ଜଣାପଡ଼ିଛି। ମୃତକ ମହମ୍ମଦ ସହେବଙ୍କ ମାମୁ ଅବଦୁଲ ମୁସଲିମ୍ ଖାନ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୪୬୬/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣାର ୫ ଅଭିଯୁକ୍ତ ଗିରଫ ଥାଇ ମଧ୍ୟ ହତ୍ୟାକାଣ୍ଡ ବିଷୟରେ ପୋଲିସ କୌଣସି ସ୍ପଷ୍ଟ ସୂଚନା ନ ଦେବା ପୋଲିସର ଭୂମିକା ସନ୍ଦେହଘେରକୁ ଟାଣୁଛି। ସୂଚନା ମୁତାବକ, ଚୌଦ୍ୱାର ଥାନା ଅଧୀନ ରୂପଯାତ୍ରା ପଡିଆର ପ୍ରଶାନ୍ତ କୁମାର ଜେନା ଓ ଟାଙ୍ଗୀ ଥାନା ଅଧୀନ ବିଲତେରୁଆଁ ଗ୍ରାମର ମହମ୍ମଦ ସହେବ ମଙ୍ଗୁଳି ନିକଟରେ ଏକ ମେଡିସିନ ଗୋଦାମରେ ବର୍ଷେ ହେବ ରାତିରେ କାମ କରୁଥିଲେ। ସବୁଦିନ ପରି ୩୦ ତାରିଖ ସନ୍ଧ୍ୟାରେ ଘରୁ କାମକୁ ଯାଇ ଆଉ ଫେରି ନ ଥିଲେ। କିନ୍ତୁ ପରଦିନ ସକାଳୁ ପ୍ରଶାନ୍ତଙ୍କ ମୃତଦେହ ଗ୍ୟାରେଜ ବାହାରୁ ମିଳିଥିବା ବେଳେ ମହମ୍ମଦଙ୍କ ମୃତଦେହ ଗ୍ୟାରେଜ ଭିତରୁ ମିଳିଥିଲା। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା। ଏ ନେଇ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## Business

# ୮୦% କ୍ୟାପେକ୍ସ ବ୍ୟୟ କରିଛି ଭାରତୀୟ ରେଳ

**୩ ତ୍ରୟ ମାସରେ ଖର୍ଚ୍ଚ ହୋଇଛି ୨,୦୩,୧୩୮ କୋଟି**

ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)



ଭାରତୀୟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଘୋଷଣା ହୋଇଥିବା ଗ୍ରସ୍ ବଜେଟାରି ସପୋର୍ଟ (ଜିବିଏସ୍) ଅନୁଦାନର ଏକ ବଡ଼ ଅଂଶ ଡିସେମ୍ବର ୨୦୨୫ ଶେଷ ସୁଦ୍ଧା ଅର୍ଥାତ୍ ପ୍ରଥମ ୩ ତ୍ରୟମାସରେ ବ୍ୟୟ କରିସାରିଛି। ଏହି ସମୟ ମଧ୍ୟରେ ମୋଟ ୮୦.୫୪% ଅର୍ଥାତ୍ ୨,୦୩,୧୩୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ମୋଟ ଜିବିଏସ ୨,୫୨,୨୦୦ କୋଟି ଟଙ୍କାର ଏକ ଉଲ୍ଲେଖନୀୟ ଅଂଶ। ଗତ ବର୍ଷ ଏହି ସମୟରେ (ଡିସେମ୍ବର ୨୦୨୪) ତୁଳନାରେ ଏହା ୬.୫୪% ଅଧିକ ବ୍ୟୟକୁ ଦର୍ଶାଇଛି। ଏହି ବ୍ୟୟ ମୁଖ୍ୟତଃ ସୁରକ୍ଷା ବ୍ୟବସ୍ଥା, କ୍ଷମତା ବୃଦ୍ଧି, ଭିତ୍ତିଭୂମି ଆଧୁନିକୀକରଣ ଏବଂ ଯାତ୍ରୀ ସୁବିଧା ଉପରେ କେନ୍ଦ୍ରୀଭୂତ ରହିଛି। ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ଅର୍ଥର ୮୪%, କ୍ଷମତା ବୃଦ୍ଧି ପାଇଁ ୧,୦୯,୨୩୮ କୋଟି ଟଙ୍କାରୁ ୭୬,୦୪୮ କୋଟି ଟଙ୍କା (୬୯%) ଏବଂ ଯାତ୍ରୀ ସୁବିଧା ପାଇଁ ୮୦% ଅର୍ଥାତ୍ ୯,୫୭୫ କୋଟି ଟଙ୍କା ବ୍ୟୟ ହୋଇଛି। ଭାରତୀୟ ରେଳପଥ ଅଧୀନରେ ବର୍ତ୍ତମାନ ୧୬୪ଟି ବନ୍ଦେ ଭାରତ ଟ୍ରେନ୍ ସେବା, ୩୦ଟି ଅମୃତ ଭାରତ ଟ୍ରେନ୍, କବଚ ଅଟୋମେଟିକ ଟ୍ରେନ୍ ପ୍ରୋଟେକ୍ସନ ସିଷ୍ଟମ, ବ୍ରଡ୍ ଗେଜ୍ ନେଟ୍‌ୱର୍କର ୯୯%ରୁ ଅଧିକ ବିଦ୍ୟୁତୀକରଣ ଏବଂ ନୂତନ ଲାଇନ, ଗେଜ୍ ପରିବର୍ତ୍ତନ, ଟ୍ରାକ୍ ଡବଲିଂ, ଟ୍ରାଫିକ ସୁବିଧା ତଥା ମେଟ୍ରୋପଲିଟାନ ପରିବହନ ପ୍ରକଳ୍ପରେ ବିଭିନ୍ନ କାର୍ଯ୍ୟ ହୋଇଛି।

# ଧାମନଗରରେ ଖୋଲିଲା ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା

ଧାମନଗର,୫।୧(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)



ଭଦ୍ରକ ଜିଲା ଧାମନଗର ବଜାରଠାରେ ସୋମବାର ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ଜୋନ୍‌ର ଆଞ୍ଚଳିକ ପ୍ରବନ୍ଧକ କମ୍‌ଲେଶ ରଞ୍ଜନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶାଖା ପ୍ରବନ୍ଧକ ସରୋପ ଦାସ ମହାପାତ୍ର, ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ କିଶୋର ପଣ୍ଡା, ଚନ୍ଦ୍ରଶେଖର ଆଚାର୍ଯ୍ୟ, ସାତ୍ୟକୀ କବିରାଜ, ଶାଖା କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡୁଆ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ ସଦା ଗ୍ରାହକ-ମିତ୍ର ସେବା ପ୍ରଦାନକୁ ପ୍ରାଥମିକତା ଦେଇଆସୁଛି। ନୂତନ ଶାଖା ମାଧ୍ୟମରେ ସାଧାରଣ ଲୋକଙ୍କୁ ସଞ୍ଚୟ ଖାତା, ଚାଲୁ ଖାତା, ଗୃହ, ଶିକ୍ଷା, କୃଷି ଋଣ, ମହିଳା ସ୍ୱାବଲମ୍ବନ ଯୋଜନା ସହ ସହଜ ସୁଧ ହାରରେ ବିଭିନ୍ନ ଋଣ ସୁବିଧା ଯୋଗାଇ ଦିଆଯିବ। ଏହି ଶାଖା ମାଧ୍ୟମରେ ଡିଜିଟାଲ ବ୍ୟାଙ୍କିଙ୍ଗ, ଏଟିଏମ୍, ଅନ୍‌ଲାଇନ ଟ୍ରାଞ୍ଜାକ୍ସନ, ମୋବାଇଲ ବ୍ୟାଙ୍କିଙ୍ଗ ଭଳି ଆଧୁନିକ ସୁବିଧା ଗ୍ରାହକଙ୍କୁ ମିଳିବ ବୋଲି ଶାଖା ପ୍ରବନ୍ଧକ ଦାସ ମହାପାତ୍ର କହିଛନ୍ତି।

# ଏନ୍‌ବିଏଫ୍‌ସିରେ ସୁସ୍ଥ ଋଣ ମାନଦଣ୍ଡ ଏବଂ ଆସେଟ ନିରୀକ୍ଷଣ

ଭୁବନେଶ୍ୱର,୫।୧

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଗଭର୍ନର ସଞ୍ଜୟ ମାଲହୋତ୍ରା ସୋମବାର କିଛି ନିର୍ବାଚିତ ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ କମ୍ପାନୀ (ଏନ୍‌ବିଏଫ୍‌ସି)ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକରେ ସୁସ୍ଥ ଅଣ୍ଡରରାଇଟିଂ ମାନଦଣ୍ଡ ବଜାୟ ରଖିବା ଏବଂ ଆସେଟ ଗୁଣବତ୍ତାର ନିକଟତର ନିରୀକ୍ଷଣର ଆବଶ୍ୟକତା ଉପରେ ଜୋର୍ ଦେଇଛନ୍ତି। ରିଜର୍ଭ ବ୍ୟାଙ୍କର ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ସହ ଚାଲୁଥିବା ସଂଯୋଗର ଅଂଶ ସ୍ୱରୂପ, ଗଭର୍ନର କିଛି ନିର୍ବାଚିତ ଏନବିଏଫସିର ମ୍ୟାନେଜିଂ ଡାଇରେକ୍ଟର ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମଡି ଏବଂ ସିଇଓ)ମାନଙ୍କ ସହ ଏକ ବୈଠକ କରିଥିଲେ, ଯେଉଁଥିରେ ସରକାରୀ ଏନବିଏଫସି, ହାଉସିଂ ଫାଇନାନ୍ସ କମ୍ପାନୀ (ଏଚ୍‌ଏଫସି) ଏବଂ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ମଧ୍ୟ ଥିଲା। ବକ୍ତବ୍ୟରେ ଗଭର୍ନର ଏନବିଏଫସି ଏବଂ ଏଚ୍‌ଏଫସିଗୁଡ଼ିକର କ୍ରେଡିଟ ପ୍ରବାହ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ସୁସ୍ଥ ଅଣ୍ଡରରାଇଟିଂ ମାନଦଣ୍ଡ ଏବଂ ଆସେଟ ଗୁଣବତ୍ତାର ନିକଟତର ନିରୀକ୍ଷଣର ଆବଶ୍ୟକତା ଉପରେ ଜୋର୍ ଦେଇଥିବା ଆରବିଆଇ ଏକ ବିଜ୍ଞପ୍ତିରେ କହିଛି। ମାଲହୋତ୍ରା ଆହୁରି ଗ୍ରାହକ କୈନ୍ଦ୍ରିକତା, ନୈତିକ ଆଚରଣ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ପ୍ରଦାନର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ତୁରନ୍ତ ଅଭିଯୋଗ ନିରାକରଣ, ଯାହା କ୍ଷେତ୍ରରେ ଆସ୍ଥା ବଜାୟ ରଖିବା ଏବଂ ଏହାର ନିୟମିତ ଏବଂ ସ୍ଥାୟୀ ବିକାଶକୁ ସମର୍ଥନ କରିବା ପାଇଁ ଆବଶ୍ୟକ। ରିଜର୍ଭ ବ୍ୟାଙ୍କ ପୂର୍ବରୁ ଏନବିଏଫସିଗୁଡ଼ିକ ସହ ଏହିପରି ଏକ ବୈଠକ ୨୦୨୫ ଫେବୃଆରୀ ୧୩ରେ କରିଥିଲା। ଭାଗନେଉଥିବା ସଂସ୍ଥାଗୁଡ଼ିକ ଏନବିଏଫସି କ୍ଷେତ୍ରର ପ୍ରାୟ ୫୩ ପ୍ରତିଶତ ଆସେଟର ପ୍ରତିନିଧିତ୍ୱ କରୁଛନ୍ତି। ଉଦ୍ୟୋଗ ଭାଗନେଉଥିବାରେ ସ୍ୱ-ନିୟନ୍ତ୍ରକ ସଂଗଠନଗୁଡ଼ିକର ପ୍ରତିନିଧି, ସା-ଧନ, ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁଶନ ନେଟୱର୍କ ଏବଂ ଫାଇନାନ୍ସ ଇଣ୍ଡଷ୍ଟ୍ରି ଡେଭଲପମେଣ୍ଟ କାଉନସିଲ ଅନ୍ତର୍ଭୁକ୍ତ ଥିଲା। ଆଲୋଚନା ସମୟରେ, ଭାଗନେଉଥିବାମାନେ ଏନବିଏଫସି କ୍ଷେତ୍ର ସହ ଜଡ଼ିତ ନୀତି ପ୍ରସଙ୍ଗ ଏବଂ କାର୍ଯ୍ୟକାରୀ ବିଷୟଗୁଡ଼ିକରେ ପ୍ରତିକ୍ରିୟା ଦେଇଥିଲେ ବୋଲି ଆରବିଆଇ କହିଛି। ଏହି ବୈଠକରେ ଡେପୁଟି ଗଭର୍ନର ଟି ରବି ଶଙ୍କର, ସ୍ୱାମୀନାଥନ ଜେ, ପୁନମ ଗୁପ୍ତା ଏବଂ ଶିରୀଶ ଚନ୍ଦ୍ର ମୁର୍ମୁ, ନ୍ୟାଶନାଲ ହାଉସିଂ ବ୍ୟାଙ୍କର ଏମଡି ଏବଂ ସିଇଓଙ୍କ ସହିତ ରିଜର୍ଭ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଟକରେ 'ହୀରାଙ୍ଗ' ଷ୍ଟୋର ଉଦ୍‌ଘାଟିତ



କଟକ ନୟାସଡ଼କ ଠାରେ ହୀରା ଅଳଙ୍କାର ଷ୍ଟୋର 'ହୀରାଙ୍ଗ' ସୋମବାର ଉଦଘାଟିତ ହୋଇଯାଇଛି। (ଫଟୋ- ରାଜକିଶୋର ମହାନ୍ତି)

ଭୁବନେଶ୍ୱର,୫।୧

କଟକ ନୟାସଡ଼କଠାରେ ହୀରା ଅଳଙ୍କାର ଷ୍ଟୋର 'ହୀରାଙ୍ଗ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଷ୍ଟୋର ସିଇଓ ତଥା ଏମ୍‌ଡି ପ୍ରଭୁ ଆଶୀର୍ବାଦ ନାୟକଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଭୁ ଆଶୀର୍ବାଦ କହିଛନ୍ତି, ହୀରା ଏବଂ ଅଙ୍ଗକୁ ନେଇ ଷ୍ଟୋର ନାମକରଣ କରାଯାଇଛି। ଏହାର ଅର୍ଥ 'ଏକ ହୀରା, ଯାହା ତୁମର ଏକ ଅଂଶ ହୋଇଯାଏ'। ସେ କହିଛନ୍ତି, ହୀରାଙ୍ଗ ପ୍ରେରଣାର ଉତ୍ସ, ରାଜକୀୟତା, କଳା, ଆକାଂକ୍ଷା, ମହାନତା ଏବଂ ସୁନା। ଏଗୁଡ଼ିକ କେବଳ ଆଦର୍ଶ ନୁହେଁ ସେମାନେ ଆମ ବ୍ରାଣ୍ଡର ଆତ୍ମା। ପ୍ରେରଣାରୁ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ, ହୀରାର ଚମକରୁ ପ୍ରତ୍ୟେକ ମୋଡ୍‌ରେ କାବ୍ୟ ପର୍ଯ୍ୟନ୍ତ ଆମେ ପ୍ରକୃତ ଉଦ୍ଦେଶ୍ୟ, ସଠିକତା ଏବଂ ଗର୍ବ ସହିତ ଡିଜାଇନ କରୁ। ୧୪ କ୍ୟାରେଟ ଏବଂ ୧୮ କ୍ୟାରେଟ ସୁନା ଏବଂ ଲାବରେଟୋରିରେ ବିକଶିତ ହୀରା ଅଳଙ୍କାରରେ ସୁଦକ୍ଷ ଓ ବିଶେଷଜ୍ଞତା ହାସଲ କରିଛୁ ଏବଂ ହଳଦିଆ, ଗୋଲାପି ଏବଂ ଧଳା ରଙ୍ଗରେ ଅନନ୍ୟ ଡିଜାଇନ ସୃଷ୍ଟି କରୁଛୁ। ଲାବ୍‌ରେ ଉତ୍ପାଦିତ ହୀରାକୁ ଯତ୍ନ, ଦାୟିତ୍ୱ, ନିଖୁଣ କାରିଗରି ସହିତ ତିଆରି କରାଯାଇଛି। ହୀରାଙ୍ଗ ଏହାର ଅଫିସିଆଲ ଇ-କମର୍ସ ପ୍ଲାଟଫର୍ମ, www.hiraang.com ମାଧ୍ୟମରେ ଡିଜିଟାଲ ଦୁନିଆରେ ଏହାର ଉପସ୍ଥିତିକୁ ବିସ୍ତାର କରିଛି, ଯାହା ଗ୍ରାହକମାନଙ୍କୁ ଯେକୌଣସି ସ୍ଥାନରୁ ଏହାର ଅଳଙ୍କାର ସଂଗ୍ରହକୁ ଦେଖିବା ଏବଂ କ୍ରୟ କରିବା ପାଇଁ ଏକ ସରଳ ଓ ସହଜ ଉପାୟ ପ୍ରଦାନ କରୁଛି। ହୀରାଙ୍ଗ ମୋବାଇଲ ଆପ୍ଲିକେଶନ ପ୍ଲେ ଷ୍ଟୋର ଏବଂ ଆପ୍ ଷ୍ଟୋର ଉଭୟରେ ଉପଲବ୍ଧ ହୋଇ ବ୍ରାଣ୍ଡକୁ ଏହାର ଗ୍ରାହକଙ୍କ ଆହୁରି ନିକଟତର କରିଛି। ୱେବସାଇଟ ଏବଂ ଆପ ମାଧ୍ୟମରେ ହୀରାଙ୍ଗ ନିଶ୍ଚିତ କରେ ଯେ ଏହାର କାରିଗରି, ମୂଲ୍ୟବୋଧ ଏବଂ ସେବା ସର୍ବଦା ଉପଲବ୍ଧ ରହିବ । ପ୍ରତ୍ୟେକ ସ୍ଥାନରେ ଏକ ସ୍ଥିର, ଚିନ୍ତାଶୀଳ ଏବଂ ନିର୍ଭରଯୋଗ୍ୟ ଅଭିଜ୍ଞତା ପ୍ରଦାନ କରିବ ।

# ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ାକେନ୍ଦ୍ର ହୋଇଛି ଟିଏସ୍‌ଏଏଫ୍‌ର ସ୍ପୋର୍ଟସ କ୍ଲାଇମ୍ବିଂ ସେଣ୍ଟର

ଭୁବନେଶ୍ୱର,୫।୧(ଅନୁରାଧା ମହାରଣା)

ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ (ଟିଏସ୍‌ଏଏଫ୍) ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ସ୍ଥାପିତ ଓଡ଼ିଶା ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନର ସ୍ପୋର୍ଟସ କ୍ଲାଇମ୍ବିଂ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ପରିଚୟ ସୃଷ୍ଟି କରିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ପରିସରରେ ରହିଥିବା ଏହି କେନ୍ଦ୍ରଟି ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଧୁନିକ ପ୍ରଶିକ୍ଷଣ ସହ ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେଉଛି। ସ୍ଥାପନ ହେବାର ଗୋଟିଏ ବର୍ଷ ମଧ୍ୟରେ ଏହି ଏଚପିସିରେ ୧୨୫ କ୍ରୀଡ଼ା (୭୭ ବାଳକ ଓ ୪୮ବାଳିକା) ସାମିଲ ହୋଇ ଟ୍ରେନିଂ ନେଉଛନ୍ତି । ୪୦ ଜଣ ଅନ୍ତେବାସୀ ଏକ ୩ ସଦସ୍ୟ ବିଶିଷ୍ଟ ପ୍ରଶିକ୍ଷକ ଟିମ୍‌ଠାରୁ ତାଲିମ ହାସଲ କରୁଛନ୍ତି। ଏଚପିସିର କ୍ରୀଡ଼ା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଉଚ୍ଚକୋଟୀର ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ସାହିଲ କୁମାର ଦାସ ୨୦୨୪ ଇଷ୍ଟ ଜୋନ କ୍ଲାଇମ୍ବିଂ ଚାମ୍ପିଅନଶିପରେ ବ୍ରୋଞ୍ଜ, ବେଙ୍ଗାଲୁରୁରେ ଅନୁଷ୍ଠିତ ୨୮ତମ ଜାତୀୟ କ୍ରୀଡ଼ା କ୍ଲାଇମ୍ବିଂ ଚାମ୍ପିଅନଶିପ-୨୦୨୫ରେ ରୌପ୍ୟ ପଦକ ଏବଂ କର୍ଣ୍ଣାଟକରେ ଆୟୋଜିତ ନୀଳଗିରି କପ ୨୦୨୫ରେ ରୌପ୍ୟ ପଦକ ଜିତିଛନ୍ତି। ସାହିଲ ପ୍ରଥମ ଓଡ଼ିଆ ଭାବେ ପୁଣେରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ ସ୍ପୋର୍ଟ୍ସ କ୍ଲାଇମ୍ବିଂ (ଆଇଏଫ୍‌ସି) ଏସିଆନ କପ ଚାମ୍ପିଅନଶିପ ୨୦୨୫ରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରି ଚତୁର୍ଥ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଟାଟା ଷ୍ଟିଲର କ୍ରୀଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି ଯେ ଟିଏସଏଏଫ ସ୍ପୋର୍ଟସ କ୍ଲାଇମ୍ବିଂ ହାଇପରଫର୍ମାନ୍ସ ସେଣ୍ଟର ହେଉଛି ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ଓ ଢାଞ୍ଚାଗତ କ୍ରୀଡ଼ା ବିକାଶର ଏକ ଉଦାହରଣ। ମାତ୍ର ଏକ ବର୍ଷରେ ଏହା ପ୍ରତିଭାବାନ ଆରୋହଣକାରୀ ଟିମ ବିକାଶ କରିଛି ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେମାନଙ୍କ ସଫଳତା ଆମ ତାଲିମ ମଡେଲର ପ୍ରଭାବକୁ ଦର୍ଶାଉଛି। ଓଡ଼ିଶା ସ୍ପୋର୍ଟସ କ୍ଲାଇମ୍ବିଂକୁ ଆଗକୁ ନେବା ଏବଂ ଏକ ଜାତୀୟମାନଦଣ୍ଡ ସ୍ଥାପନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଚ୍ୟୁତ ଭାରତୀୟ ଭଲିବଲ୍ ସଂଘ ମୁଖ୍ୟ ପୃଷ୍ଠପୋଷକ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ବାରାଣସୀରେ ଚାଲିଥିବା ୭୨ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍ ଅବସରରେ ସୋମବାର ଭାରତୀୟ ଭଲିବଲ୍ ସଂଘ (ଭିଏଫ୍ଆଇ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ସବୁ ରାଜ୍ୟରେ ଥିବା ଭଲିବଲ୍ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ସର୍ବସମ୍ମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଭିଏଫ୍ଆଇର ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଛି। କାର୍ଯ୍ୟବ୍ୟସ୍ତତା ଯୋଗୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାଶ ଯୋଗଦେଇ ପାରି ନ ଥିଲେ। ତେବେ ଭିଏଫ୍ଆଇର ସଭାପତି ଓ ସମ୍ପାଦକ ଟେଲିଫୋନ ଯୋଗେ ଅଚ୍ୟୁତଙ୍କ ସହ ଆଲୋଚନା କରିବାପରେ ଆସନ୍ତା ୪ ବର୍ଷ ପାଇଁ ତାଙ୍କୁ ମୁଖ୍ୟ ପୋଷ୍ଟପୋଷକ କରାଯାଇଛି। କ୍ରୀଡ଼ା କ୍ଷେତ୍ରକୁ ବ୍ୟାପକ ଅବଦାନ ବିଶେଷ କରି ଭଲିବଲ୍ କ୍ଷେତ୍ରରେ ଯୋଗଦାନ



ପାଇଁ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଛି। ଆସନ୍ତା ଜାତୀୟ ଯୁବ ଭଲିବଲ୍ ଚାମ୍ପିୟନଶିପ୍ କିଟ୍‌ରେ ଆୟୋଜନ କରାଯିବା ନେଇ ଏହି ବୈଠକରେ ଅନୁମୋଦିତ ହୋଇଛି। ଅଚ୍ୟୁତ ପୂର୍ବରୁ ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘଦିନ ଧରି ଭଲିବଲର ବିକାଶ ଦିଗରେ କାର୍ଯ୍ୟ କରିଆସୁଥିବାରୁ ଭିଏଫ୍ଆଇ ପକ୍ଷରୁ ତାଙ୍କ କାର୍ଯ୍ୟକୁ ଉଚିତ ସମ୍ମାନ ଜଣାଇ ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଛି ବୋଲି ଅଚ୍ୟୁତ କହିଛନ୍ତି।

# ପୂର୍ବତନ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନ ମନୋଜ କୋଠାରୀଙ୍କ ପରଲୋକ

**କୋଲକାତା,୫।୧(ପି.ଟି.)**

ପୂର୍ବତନ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନ ମନୋଜ କୋଠାରୀଙ୍କର ସୋମବାର ପରଲୋକ ଘଟିଛି। ତେବେ ହୃଦ୍‌ଘାତ ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ସଦସ୍ୟଙ୍କ ପକ୍ଷରୁ କୁହାଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। କୋଲକାତାରେ ରହୁଥିବା କୋଠାରୀଙ୍କର ୧୦ ଦିନ ତଳେ ତାମିଲନାଡୁର ଥିରୁନେଲଭେଲିସ୍ଥିତ ଏକ ହସ୍ପିଟାଲରେ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା। ଅସ୍ତ୍ରୋପଚାର ସଫଳ ଥିଲା ଏବଂ ସେ ଅସ୍ତ୍ରୋପଚାରର ତୃତୀୟ ଦିନ ସଭିଙ୍କ ସହ କଥା ହୋଇଥିଲେ। କିନ୍ତୁ କିଛିଦିନ ତଳେ ସେ ଫୁସଫୁସ ସଂକ୍ରମଣର ସମ୍ମୁଖୀନ ହୋଇଥିଲେ। ସୋମବାର ସକାଳ ୭ଟା ୩୦ରେ ସେ ବଡ଼ଧରଣର ହୃଦ୍‌ଘାତର ସମ୍ମୁଖୀନ ହୋଇଥିଲେ ବୋଲି ତାଙ୍କ ପରିବାର ସଦସ୍ୟ କହିଛନ୍ତି। ମନୋଜ ୧୯୯୦ରେ ୱାର୍ଲ୍ଡ ବିଲିଆର୍ଡ୍ସ ଟାଇଟଲ ଜିତିଥିଲେ। ତାଙ୍କ ପୁଅ ସୌରଭ ମଧ୍ୟ ଜଣେ ୱାର୍ଲ୍ଡ ବିଲିଆର୍ଡ୍ସ ଚାମ୍ପିୟନ। ସେ ଗତବର୍ଷ ହିଁ ଏହି ଟାଇଟଲ ଜିତିଥିଲେ।

# ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସରୁ ଅଲଗା ହେଲେ ନୀରଜ

**ମୁମ୍ବାଇ,୫।୧(ପି.ଟି.)**

ଦୁଇ ଥରର ଅଲିମ୍ପିକ୍ ପଦକଧାରୀ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ସହ ଏକ ଦଶନ୍ଧି ପୁରୁଣା ସମ୍ପର୍କ ଛିନ୍ନ କରିଛନ୍ତି। ଏଥିସହିତ ସେ ନିଜସ୍ୱ ଆଥଲେଟ୍ ମାନେଜମେଣ୍ଟ ସଂସ୍ଥା ଭେଲ ସ୍ପୋର୍ଟ୍ସର ଆରମ୍ଭ କରିଛନ୍ତି। ଚୋପ୍ରା ୨୦୧୬ଠାରୁ ଜେଏସ୍‌ଡବ୍ଲ୍ୟୁ ସହ ଜଡ଼ିତ ହୋଇଥିଲେ। ଗତ ଏକ ଦଶନ୍ଧିରେ ଆମର ମିଳିତ ଯାତ୍ରା ଅଭିବୃଦ୍ଧି, ବିଶ୍ୱାସ ଓ ଉପଲବ୍ଧିର ଥିଲା। ମୋ କ୍ୟାରିୟରରେ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ଏବଂ ମୁଁ ସେମାନଙ୍କ ସମର୍ଥନ ଓ ଦୂରଦୃଷ୍ଟି ପାଇଁ ସେମାନଙ୍କ ନିକଟରେ ସର୍ବଦା କୃତଜ୍ଞ ରହିବି। ଆମେ ଏହି ଅଧ୍ୟାୟ ଶେଷ କରୁଥିବା ବେଳେ ମୁଁ ଏହି ସମାନ ମୂଲ୍ୟବୋଧକୁ ମୋ ଯାତ୍ରର ପରବର୍ତ୍ତୀ ପର୍ଯ୍ୟାୟକୁ ନେଉଛି ବୋଲି ୨୭ ବର୍ଷୀୟ ଚୋପ୍ରା ଏକ ବିବୃତିରେ କହିଛନ୍ତି।

# ରୁଟ୍‌ଙ୍କ ଶତକ, ଇଂଲଣ୍ଡ ୩୮୪

**ପଞ୍ଚମ ଆଶେସ ଟେଷ୍ଟ**

**ସିଡ୍‌ନୀ,୫।୧(ଏପି)**

ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ଜୋ ରୁଟ୍‌ଙ୍କ ଶତକ ବଳରେ ୩୮୪ ରନରେ ଅଲଆଉଟ୍ ହୋଇଛି। ଜବାବରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୧୬୬ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଟ୍ରାଭିସ ହେଡ୍ ୯୧ ଓ ମାଇକେଲ ନେସର ୧ ରନରେ ଅପରାଜିତ ରହିଛନ୍ତି। ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୧୮ ରନରେ ପଛରେ ଥିବାବେଳେ ହାତରେ ୮ ଉଇକେଟ ସୁରକ୍ଷିତ ରଖିଛି। ଏହି ମ୍ୟାଚ୍‌ରେ ରୁଟ୍ ତାଙ୍କ କ୍ୟାରିୟରର ୪୧ତମ ଟେଷ୍ଟ ଶତକ ସହ ସର୍ବାଧିକ ଟେଷ୍ଟ ଶତକ ହାସଲକାରୀ ବ୍ୟାଟରଙ୍କ ତାଲିକାରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କ ସହ ସମକକ୍ଷ ହୋଇଛନ୍ତି। ସେ ଏବେ କେବଳ ସଚିନ ତେନ୍ଦୁଲକର (୫୧) ଓ ଜ୍ୟାକ୍ସ କାଲିସ (୪୫)ଙ୍କ ପଛରେ ରହିଛନ୍ତି।



ଶତକ ହାସଲପରେ ଜୋ ରୁଟ୍।

ଇଂଲଣ୍ଡ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧୧/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ରୁଟ୍ ଧୈର୍ଯ୍ୟର ସହ ବ୍ୟାଟିଂ କରୁଥିବା ବେଳେ ହ୍ୟାରୀ ବ୍ରୁକ ୮୪ ରନ କରି ଦିନର ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ରୁଟ୍ ଓ ଜେମି ସ୍ମିଥ ଦଳୀୟ ସ୍କୋରରେ ସପ୍ତମ ଉଇକେଟରେ ୯୪ ରନ ଯୋଡ଼ିଥିଲେ। ଏହା ମଧ୍ୟରେ ରୁଟ୍ ଶତକ ପୂରଣ କରିଥିଲେ, ଯାହାକି ଚଳିତ ସିରିଜ୍‌ରେ ତାଙ୍କର ଦ୍ୱିତୀୟ ଶତକ। ସ୍ମିଥ ୪୬ ରନ କରି ଆଉଟ୍ ହୋଇଥିଲେ। ଅଷ୍ଟମ କ୍ରମରେ ଆସିଥିବା ୱିଲ ଜ୍ୟାକ୍ସ(୨୭ ରନ, ୨ ଚୌକା ଓ ୧ ଛକା)ଙ୍କ ସହ ମିଶି ରୁଟ ଦଳୀୟ ସ୍କୋରକୁ ୩୭୫ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୩୮୪ ରନରେ ଅଲଆଉଟ୍ ହୋଇଯାଇଥିଲା। ରୁଟ୍ ୧୬୦ ରନ କରି ନବମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୧୫ ଚୌକା ସାମିଲ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ନେସର ୪ ଉଇକେଟ ହରାଇଥିବା ବେଳେ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ଗୋଟିଏ ଲେଖାଏ ଉଇକେଟ ଅଧିକାର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲଆଉଟ୍ (ଜୋ ରୁଟ୍-୧୬୦, ହ୍ୟାରୀ ବ୍ରୁକ-୮୪, ଜେମି ସ୍ମିଥ-୪୬, ମାଇକେଲ ନେସର-୪/୬୦, ସ୍କଟ ବୋଲାଣ୍ଡ-୨/୮୫, ମିଚେଲ ଷ୍ଟାର୍କ-୨/୯୩)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୬୬/୨(ଟ୍ରାଭିସ ହେଡ୍-୯୧*, ମାର୍ନସ ଲାବୁସେନ-୪୮, ବେନ ଷ୍ଟୋକ୍ସ-୨/୩୦)।

# ହକି ଇଣ୍ଡିଆ ଲିଗ୍: ସୁରମାର ପ୍ରଥମ ବିଜୟ

**ମୁମ୍ବାଇ,୫।୧(ପି.ଟି.)**

ଚଳିତ ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପେନି ସ୍କୁଇବ ଓ ଓଲିଭିଆ ଶାନନଙ୍କ ଗୋଲ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା କ୍ଲବ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଚଳିତ ସିଜନରେ ଏହା ସୁରମା କ୍ଲବର ପ୍ରଥମ ବିଜୟ। ସ୍କୁଇବ ଓ ଶାନନ ଯଥାକ୍ରମେ ପ୍ରଥମ ଓ ୩୯ତମ ମିନିଟ୍‌ରେ ଗୋଲ କରିଥିବା ବେଳେ ରୟାଲ୍ସ ପାଇଁ ଆଗୋଷ୍ଟିନା ଆଲୋନ୍‌ସୋ ୩୫ତମ ମିନିଟ୍‌ରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ।

ମ୍ୟାଚ୍ ଆରମ୍ଭରୁ ସୁରମା କ୍ଲବକୁ ଲଗାତର ଦୁଇଟି ପେନାଲ୍ଟି କର୍ନର (ପିସି) ମିଳିଥିଲା। ଡ୍ରାଗ୍ ଫ୍ଲିକର ସ୍କୁଇବ ଦ୍ୱିତୀୟ ପିସିକୁ ଗୋଲରେ କନଭର୍ଟ କରି ଦଳକୁ ଅଗ୍ରଣୀ ଆଣିଦେଇଥିଲେ। ପ୍ରଥମ କ୍ୱାର୍ଟରରେ ରୟାଲ୍ସ ପକ୍ଷରୁ ମାତ୍ର ଦୁଇ ଥର ସର୍କଲ ପେନେଟ୍ରେଶନ ହୋଇଥିଲା। କିନ୍ତୁ ଦ୍ୱିତୀୟ କ୍ୱାର୍ଟରରେ ସେମାନେ ୧୧ ଥର ସର୍କଲରେ ପ୍ରବେଶ କରିବା ସହ ୩ଟି



ବିଜୟରେ ଉଲ୍ଲସିତ ସୁର୍‌ମା ଦଳର ଖେଳାଳି।

ପିସି ମଧ୍ୟ ଜିତିଥିଲେ। ହେଲେ ସମସ୍ତ ପିସି ବେକାର ସାବ୍ୟସ୍ତ ହୋଇଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସୁରମା ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ହାନା କଟରଙ୍କଠାରୁ ପାଇଥିବା ପାସକୁ ଆଗୋଷ୍ଟିନା ଆଲୋନ୍‌ସୋ ଗୋଲରେ ପରିଣତ କରି ସ୍କୋର ଲାଇନକୁ ବରାବର କରିଥିଲେ। କିନ୍ତୁ ଏହାର ୪ ମିନିଟ୍ ପରେ ସୁରମା ଦଳକୁ ଏକ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା, ଯାହାକୁ ଶାନନ ଗୋଲରେ କନଭର୍ଟ କରି ଦଳକୁ ୨-୧ ବ୍ୟବଧାନରେ ଆଗୁଆ କରାଇଥିଲେ।

# ନାଡା ଅପ୍‌ଡେଟ୍ ତାଲିକାରେ ସ୍ମୃତି, ଜେମିମା, ସାବ୍‌ଲେ

**ନୂଆଦିଲ୍ଲୀ, ୫।୧ (ପି.ଟି.)**

୨୦୨୬ର ପ୍ରଥମ କ୍ୱାର୍ଟର ପାଇଁ ନ୍ୟାଶନାଲ ଆଣ୍ଟି-ଡୋପିଙ୍ଗ ଏଜେନ୍‌ସୀ (ନାଡା)ର ଅପ୍‌ଡେଟ୍ ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍ (ଆର୍‌ଟିପି)ରେ ଯେଉଁ ପ୍ରମୁଖ ଖେଳାଳିମାନଙ୍କ ନାମ ସାମିଲ କରାଯାଇଛି, ସେମାନଙ୍କ ମଧ୍ୟରେ ଭାରତର ଷ୍ଟାର ମହିଳା ଖେଳାଳି ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ସଙ୍କ ନାମ ସ୍ଥାନ ପାଇଛି। ୧୧୮ ଆଥ୍‌ଲେଟଙ୍କ ସମେତ ୧୨୦ଜଣ ନୂଆ ଖେଳାଳିଙ୍କ ନାମ ଯୋଗ କରାଯିବା ପରେ ଆରଟିପିରେ ମୋଟ ଖେଳାଳିଙ୍କ ସଂଖ୍ୟା ୩୪୭କୁ ବୃଦ୍ଧି ପାଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରହିଥିବାରୁ ଡୋପ୍ ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଇଛି। ଆରଟିପି ତାଲିକାଭୁକ୍ତ ଆଥ୍‌ଲେଟମାନଙ୍କୁ ଆଣ୍ଟି ଡୋପିଙ୍ଗ ଏଜେନ୍‌ସୀ ସହି ସେମାନଙ୍କ ଲୋକେଶନ ଶେୟାର କରିବାକୁ ପଡ଼ିବ। କୌଣସି ଦିନ ଯେକୌଣସି ସମୟରେ ଟେଷ୍ଟିଂ ପାଇଁ ଉପଲବ୍ଧ ହେବାକୁ ପଡ଼ିବ। ୩ଥର ଲୋକେଶନ ଜଣାଇବାରେ ବିଫଳ ହେଲେ ଏହାକୁ ଡୋପିଙ୍ଗ ଉଲ୍ଲଂଘନ କରାଯାଇଛି ବୋଲି ବିଚାର କରାଯିବ। ପୂର୍ବ ନାଡା ଆରଟିପିରେ ଆଥ୍‌ଲେଟଙ୍କ ସଂଖ୍ୟା ୬୮ ରହିଥିଲା। ପ୍ରଥମ କ୍ୱାର୍ଟରରେ ସାମିଲ ହୋଇଥିବା ନୂଆ ପ୍ରମୁଖ ଆଥ୍‌ଲେଟଙ୍କ ମଧ୍ୟରେ ଅଛନ୍ତି ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ, ହଡଲର ଜ୍ୟୋତି ୟାରାଜୀ, ଡେକାଥଲେଟ ଶଙ୍କର ଏବଂ ସ୍ପ୍ରିଣ୍ଟର ଅନିମେଶ କୁଜୁର। ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା)ର ଆର୍‌ଟିପି ତାଲିକାରୁ ବାଦ୍ ପଡ଼ିବା ପରେ ସାବ୍‌ଲେ ନାଡାକୁ ଫେରିଛନ୍ତି। ବର୍ତ୍ତମାନ ୱାଡା ଆର୍‌ଟିପିରେ କେବଳ ଦୁଇ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ସଚିନ ଯାଦବଙ୍କ ନାମ ରହିଛି। ସୂର୍ଯ୍ୟକୁମାର ଓ ସଞ୍ଜୁ ସାମସନଙ୍କ ସ୍ଥାନରେ ମନ୍ଧାନା ଓ ରୋଡ୍ରିଗ୍ସଙ୍କ ସମେତ ୧୪ଜଣ କ୍ରିକେଟର ତାଲିକାଭୁକ୍ତ ହୋଇଛନ୍ତି।

# କ୍ୱାର୍ଟର ଫାଇନାଲରେ କେଟି ଗ୍ଲୋବାଲ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ହାଇଟେକ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲକୁ ୨ ଉଇକେଟରେ ହରାଇ କେଟି ଗ୍ଲୋବାଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ହିମାଂଶୁ କର (୫୯)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୨୩.୪ ଓଭରରେ ୧୨୪ ରନରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳ ପକ୍ଷରୁ ପଦମ ଲୋଚନ ୪ଟି, ମହେଶ ବରାଳ ୨ଟି ଏବଂ ପ୍ରତୀକ ସଦରମକା ନତିକ ସଦରମକା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୨୫ ରନ ବିଜୟ ଲକ୍ଷ୍ୟ କି କେଟି ଗ୍ଲୋବାଲ ୨୩.୪ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ରୋହିତ ଶର୍ମା ୨୨, ଏସକେ ଅର୍ଶାଦ ଆଲମ ୨୦ ଓ ଗତିକ ଘଡ଼ାଇ ୧୯ ରନ କରିଥିଲେ। କିଟ୍ ବୋଲରଙ୍କ ମଧ୍ୟରେ ଶ୍ରୀୟାନ ରଥ ୩ଟି, ଅନୁରାଗ ବାରିକ ୨ଟି ଏବଂ ଓଁକାର ତ୍ରିପାଠୀ ଗୋଟିଏ ଉଇକେଟ ନେଇଥିଲେ। ୪ଟି ଉଇକେଟ ନେବା ସହ ୧୦ ରନରେ ଅପରାଜିତ ଥିବା ବିଜୟୀ ଦଳର ପଦମ ଲୋଚନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ପଦମ ଲୋଚନ ପୁରସ୍କାର ଗ୍ରହଣ କରୁଛନ୍ତି।

# ଜାତୀୟ ନାଇନ୍ ଏ ସାଇଡ୍ ଫୁଟବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ଚଳିତ ମାସ ୭ରୁ ୯ ପର୍ଯ୍ୟନ୍ତ ମଧ୍ୟ ପ୍ରଦେଶର ଦେଓସଠାରେ ୧୪ଶ ଜାତୀୟ ନାଇନ୍ ଏ ସାଇଡ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାଲାଗି ସୋମବାର ଓଡ଼ିଶା ଦଳ ଘୋଷିତ ହୋଇଛି। ରାଜ୍ୟ ଦଳ ମଧ୍ୟପ୍ରଦେଶ ଯାତ୍ରା କରିବା ପୂର୍ବରୁ ଓଡ଼ିଶା ନାଇନ୍ ଏ ସାଇଡ୍ ଫୁଟବଲ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜମ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ଦଳ: ଯଶବନ୍ତ ଓରାମ (ଅଧିନାୟକ), ଆକାଶ ନାଏକ, ବିଶ୍ୱନାଥ ନାଏକ, ଏଲ୍ ନୁଙ୍ଗଶିବା ଖୁମାନ, ସୂର୍ଯ୍ୟଜିତ ସିଂ ବାଦରା, ଆଦ୍ୟାଂଶ ପାତ୍ର, ଅଂଶୁମାନ ବାରିକ, ସାହିଲ ଡୋଙ୍ଗରି, ସଞ୍ଜୟ ପ୍ରଧାନ, ବିଶାଳ କିସ୍କୁ, ଶ୍ୟାମପ୍ରସାଦ ମାଝି। କୋଚ୍: ମହମ୍ମଦ ଅମନ, ମ୍ୟାନେଜର: ତନୁଜ କୁମାର ଜେନା।



ମଧ୍ୟପ୍ରଦେଶ ଯାତ୍ରା ପୂର୍ବରୁ ଓଡ଼ିଶା ନାଇନ୍ ଏ ସାଇଡ୍ ଫୁଟବଲ ଦଳ।

**Classified Everyday**
0674-2580101, 9692975378




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




Professional body massage & steam-bath. Please contact TRUPTI SPA CENTER, PH.- 9861550765. D-3012

All types of physiotherapy and massage. Contact: 9556924059/ 7656969134. D-3013

Wellness relax body massage & jointpain treatment by traind therapist. 7008773793. D-3034

Newly open health benefits, joint pain relax good environment atmosphere. 7653969971. D-3035

**LOST**

It is hereby informed to the general public that the original land documents relating to the property described below have been lost/ misplaced. Details of Property- Type of document- Sale Deed, Name of owner- PRATIMA BEHERA, Plot No.- 1430/ 2755, Khata No.- 1451/ 260, Mouza/Village- JAGADHATRIPUR, Tahasil- JEYPORE, District- KORAPUT, Area- JAGADHATRIPUR. The documents were lost on or about 30.12.2025 (date). Despite best efforts, the same could not be traced. A General Diary/ FIR has been lodged at JEYPORE TOWN Police Station, vide G.D./ FIR No. 018 dated 04.01.2026. If anyone finds the said documents or has any, Name- RANJAN KUMAR BEHERA, Address: AKASHVANI, NEW COLONY, JEYPORE, Mobile No.- 9438268568. D-3033

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated- 13.06.2025, I Rubida Bibi, At/P.O.- Uchhupur, P.S.- Nimapada, Dist.- Puri, PIN- 752105, declare that I, have changed my name from Rubida Begum to Rubida Bibi. Henceforth, I shall be known as Rubida Bibi for all purposes.
Rubida Bibi
D-3037

By virtue of an affidavit sworn before Executive Magistrate, Bhubaneswar, dated- 17.12.2025, I, Pinki Amant, Address: At- Shyampur, P.O.- Jillinda, P.S.- Jodum, 754032, Dist.- Cuttack declare that I have changed my name from Pinkirani Amant to Pinki Amant. Henceforth, I shall be known as Pinki Amant for all purposes.
Pinki Amant
D-3032

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Bhubaneswar, dated 13th January 2025, I, Pabitra Pradhan, Address: Sriram Nagar, Salia Sahi, P.O.- Regional Research Laboratory, P.S.- Nayapalli, Bhubaneswar, Dist.- Khordha, PIN- 751013, Odisha declare that I have changed my daughter's name from Isani Pradhan to Priasha Pradhan. Henceforth, she shall be known as Priasha Pradhan for all purposes.
Pabitra Pradhan
D-3031

Executive Magistrate, ଗାଇସିଲେଟଙ୍କ ନିକଟରେ ତା ୦୫।୦୧।୨୦୨୬ ଏକ ସତ୍ୟପାଠ କରିଆରେ ମୁଁ ନରେନ୍ଦ୍ର ବରିହା, ପି- ଭୋଜରାଜ ବରିହା, ନିବାସୀ- କନ୍ଧୁମୁଣ୍ଡା, ପୋ- କଠଉମାଲ, ଥାନା- ଗାଇସିଲେଟ, ଜି- ବରଗଡ଼ ଘୋଷଣା କରୁଛି ଯେ ମୋର ନାମ ନରେନ୍ଦ୍ର ଏଣ୍ଡଜା ରୁ ନରେନ୍ଦ୍ର ବରିହାକୁ ପରିବର୍ତ୍ତନ କରିଛି। ଆଜିଠାରୁ ମୁଁ ନରେନ୍ଦ୍ର ବରିହା ନାମରେ ପରିଚିତ ହେବି।
ନରେନ୍ଦ୍ର ବରିହା
D-3030

**ଧରିତ୍ରୀ DHARITRI Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshot କୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ସତ୍ୟଭାମା ମହାପାତ୍ର
ସତ୍ୟଭାମା ଭବନ, ଧାମନଗର
ଆବିର୍ଭାବ: ୨୧।୦୭।୧୯୪୦
ତିରୋଧାନ: ୨୬।୧୨।୨୦୨୫
ଚାହିଁ ଚାହିଁ ଏଗାର ଦିନ ବିତିଗଲା, ହେଲେ ଆମେ ତୁମକୁ ଭୁଲିପାରୁନାହୁଁ। ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ କିଶୋର ଚନ୍ଦ୍ର ମହାପାତ୍ର, କୈଳାସ ମହାପାତ୍ର
ବୋହୂ, ନାତିନାତୁଣୀ, ଝିଅ, ଜ୍ୱାଇଁ ଓ ମହାପାତ୍ର ପରିବାରବର୍ଗ।
D-3029

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପି. ଦେବରାଜ ପାତ୍ର
ମହାତ୍ମାଗାନ୍ଧୀ ରୋଡ, ଆସିକା
ତିରୋଧାନ : ୨୬.୧୨.୨୦୨୫
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ମଝିଆ ପୁଅ- ପି. ଶ୍ରୀନିବାସ ପାତ୍ର
ବୋହୂ- ସ୍ମିତାରାଣୀ
ନାତୁଣୀ - ଶ୍ରେୟାରାଣୀ, ଶ୍ରୀନିତାରାଣୀ
D-3036

## ୧୨୪ ଜଣଙ୍କୁ ଜଙ୍ଗଲ ଜମିପଟା

କାମାକ୍ଷାନଗର,୫।୧ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଡିଟୋରିୟମ ପରିସରରେ ସୋମବାର ବିଧାୟକ ଶତ୍ରୁଘ୍ନ ଜେନା ଉପସ୍ଥିତ ରହି ୧୨୪ ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଜମିପଟା ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୮୦ଜଣ ଜୁଆଙ୍ଗ ପରିବାର ପଟା ପାଇଥିଲେ। ଏହାଛଡ଼ା ବଡସୁଆଳୋ ପଞ୍ଚାୟତ ତୁଳସୀପଶି ଗ୍ରାମର ୪୪, ଗୋଡ଼ିପୋଖରୀ ଗ୍ରାମର ୫୧, ବାଙ୍କୁଆଳ ପଞ୍ଚାୟତ ଦାନପଶି ଗ୍ରାମର ୨୫ ଓ ପଲିକାଟେଣୀ ଗ୍ରାମର ୪ଟି ପରିବାରଙ୍କୁ ଏହି ପଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେମାନନ୍ଦ ସାହୁ, ଉପଜିଲାପାଳ ଦିନମଣି ନାଏକ, ବିଡିଓ ପ୍ରଭୁକଲ୍ୟାଣ ଦାଶ, ତହସିଲଦାର ଶୁଭଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପୂଜକଙ୍କ ପରଲୋକ

ଛେଣ୍ଡିପଦା,୫।୧ (ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ରାମଚଣ୍ଡୀଙ୍କ ମୁଖ୍ୟ ପୂଜକ ପଟାୟତ ଦେହୁରୀ(୭୪)ଙ୍କ ସୋମବାର ପରଲୋକ



ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ମେଳାପି ଓ ଧର୍ମପ୍ରାଣ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ପହଞ୍ଚି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ବର୍ଗ ଓ ବନ୍ଧୁ ପ୍ରିୟଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଗ୍ରାମ ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରକୃତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ



ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

### ପଥରଖଣି ବିସ୍ଫୋରଣ ଘଟଣା

■ଭାଜପା ସରକାରଙ୍କୁ ଟାର୍ଗେଟ କଲା ବିଜେଡି

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଗୋପାଳପୁର ପଥରଖଣି ବିସ୍ଫୋରଣ ଘଟଣାକୁ ନେଇ ଢେଙ୍କାନାଳରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ରବିବାର ଭାଜପାର ଖବରଦାତା ସମ୍ମିଳନୀ ପରେ ସୋମବାର ଅପରାହ୍ନ ୫ଟାରେ ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ବିଜେଡି ନେତୃବୃନ୍ଦ ଶାସକ ଭାଜପା ଦଳକୁ ଟାର୍ଗେଟ କରିଥିଲେ। ପୂର୍ବରୁ ଖବରଦାତା ସମ୍ମିଳନୀ କରିଥିବା ଶାସକ ଦଳ ନାଟକବାଜି ବନ୍ଦକରି ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ବିଜେଡି ନେତୃବୃନ୍ଦ ଦାବି କରିଥିଲେ।

ବୈଠକରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ କୁମାର ଷଡ଼ଙ୍ଗୀ କହିଲେ, ଢେଙ୍କାନାଳ ଜିଲାରେ ଦୀର୍ଘଦିନ ହେବ ଖଣି ଅଧିକାରୀ ପଦବୀ ଖାଲି ପଡିଛି। ତେଣୁ ତୁରନ୍ତ ଜିଲାରେ ସ୍ଥାୟୀ ଖଣି ଅଧିକାରୀ ନିଯୁକ୍ତି ଦିଆଯାଉ। ଯେଉଁ ଖଣି ଆଉ ଚାଲିବନି, ତାକୁ ସରକାର ତୁରନ୍ତ ବନ୍ଦକରି ପୋତି ଦିଅନ୍ତୁ। ଯେଉଁ ଖଣି ଚାଲିବାଯୋଗ୍ୟ, ତାହାକୁ ଟେଣ୍ଡର କରାଯାଇ ନିଲାମ ଦିଆଯାଉ। ଫଳରେ ସରକାରଙ୍କ ରାଜସ୍ୱ ବଢ଼ିବ। ବରିଷ୍ଠ ଯୁବନେତା ଦେବାଶିଷ ମିଶ୍ର କହିଲେ, ଘଟଣାର ଦିନକ ପରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏହା ନାଟକବାଜି ଛଡ଼ା କିଛିନୁହେଁ। ପଥରଖଣି ବିସ୍ଫୋରଣକୁ ନେଇ ଭାଜପା ରାଜନୀତି କରୁଛି। ଲୋକମାନଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିବାକୁ ବିଜେଡି ନିନ୍ଦା କରୁଛି। ଡିସେମ୍ବରରୁ ଉକ୍ତ ଖଣିର ଲିଜ୍ ଅବଧି ପୂରଣ ହୋଇଯାଇଥିବାରୁ ଖଣିର ମାଲିକାନା ଦାୟିତ୍ୱ ପ୍ରଶାସନ ହାତରେ। ପ୍ରଶାସନ ଓ ପୋଲିସ ମଧ୍ୟ ସରକାରଙ୍କର। ତେଣୁ ଭାଜପା ନେତୃବୃନ୍ଦ ଖବରଦାତା ସମ୍ମିଳନୀ କରି ନାଟକବାଜି କରୁଛନ୍ତି। ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୃତ ୨ ଶ୍ରମିକଙ୍କ ପରିବାରକୁ ୧ କୋଟି ଲେଖାଏ କ୍ଷତିପୂରଣ ଓ ପରିବାରର ଜଣକୁ ଚାକିରି, ଆହତ ଶ୍ରମିକଙ୍କ ଚିକିତ୍ସା ସହିତ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ ବିଜେଡି ଦାବି କରୁଛି। ଲିଜ୍ ଅବଧି ପୂରଣ ହେବାପରେ କେମିତି ଖଣି ଚୋରାରେ ଚାଲିଥିଲ ଓ ପ୍ରଶାସନ ଜାଣିପାରିଲା ନାହିଁ, ତାହା ତଦନ୍ତ ସାପେକ୍ଷ। ବିଜେଡିର ଯଦି କେହି ନେତା ଏଥିରେ ସମ୍ପୃକ୍ତି ଥାଆନ୍ତି ବୋଲି ପ୍ରମାଣିତ ହୁଏ, ତାହାଲେ ଆମେ କ୍ଷମା ମାଗିବୁ। ନହେଲେ ରାଜନୀତି ଛାଡିଦେବି। ସାମାଜିକ ଗଣମାଧ୍ୟମରେ ଭାଜପାର ଜଣେ ନେତା ବିଜେଡିକୁ ଆକ୍ଷେପ କରିଥିଲେ। ସମ୍ପୃକ୍ତ ନେତା କିଛିଦିନ ତଳେ ଏକ କମ୍ପାନୀର ମାରାଥନ ଦୌଡକୁ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ଉକ୍ତ ପ୍ରସଙ୍ଗ ଉପରେ ସମ୍ପୃକ୍ତ ନେତା କାହିଁକି ନିରବତା ଅବଲମ୍ବନ କରୁଛନ୍ତି, ତାହା ଲୋକେ ବୁଝିବା ଦରକାର ବୋଲି ଦେବାଶିଷ କହିଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର କହିଲେ, ଏହି ଘଟଣାରେ ଜିଲାର ସମସ୍ତ ଲୋକ ପ୍ରତିନିଧି ଦାୟୀ। ଦେଢବର୍ଷ ହେବ ଜିଲାରେ ସବୁ ଖଣି ଲୁଟ୍ ଚାଲିଛି। ଲୋକ ପ୍ରତିନିଧିମାନଙ୍କ ସମର୍ଥନରେ ପଥର ବ୍ୟବସାୟୀମାନେ ଲୁଟ୍ କରୁଛନ୍ତି ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, କାଉନସିଲର ଶୁଭଲକ୍ଷ୍ମୀ ସାହୁ, ସାଗିର ମହମ୍ମଦଙ୍କ ସମେତ ଅଜୟ ଭଞ୍ଜ, ବ୍ରହ୍ମାନନ୍ଦ ସାହୁ, ଗଙ୍ଗାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାବ୍ୟାପୀ ଚଢ଼ାଉ, ୧୫ କ୍ରଶର ଓ ୨୬ ପଥରଖଣି ସିଲ୍



ପ୍ରଶାସନ ପକ୍ଷରୁ ପଥର ଖଣିରେ ଚଢ଼ାଉ।

### ପଥର ଖଣିରେ ବିସ୍ଫୋରଣ ପରେ ଚେତିଲା ପ୍ରଶାସନ

ଢେଙ୍କାନାଳ,୫।୧ (ରତନ ନାୟାର)



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୋପାଳପୁର ଠାରେ ଗତ ଶନିବାର ଏକ ପଥର ଖଣିରେ ବେଆଇନ ବିସ୍ଫୋରଣରେ ୨ଜଣ ଶ୍ରମିକଙ୍କର ମୃତ୍ୟୁ ଘଟଣା ପରେ ଢେଙ୍କାନାଳ ଜିଲା ପ୍ରଶାସନ ଚେତି ଉଠିଛି। ସୋମବାର ଜିଲାର ହିନ୍ଦୋଳ, ଓଡାପଡା, ଗଁଦିଆ ଓ ଭୁବନ ତହସିଲ ଅଞ୍ଚଳରେ ବଡ଼ଧରଣର ଚଢ଼ାଉ କରି ୧୫ଟି କ୍ରଶର ଓ ୨୬ଟି ପଥର ଖଣିକୁ ସିଲ୍ କରିଛି। ଏଥିସହିତ ଲଘୁ ଖଣିଜ ପଦାର୍ଥର ବେଆଇନ ପରିବହନ, ବିସ୍ଫୋରକ ସଂରକ୍ଷଣ ଯାଞ୍ଚ ଏବଂ ଯାନବାହାନଗୁଡିକର ଯାଞ୍ଚ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ହିନ୍ଦୋଳ ବ୍ଲକର କାରନ୍ଦା, ବାବନ୍ଧ, ବେଡାପଡା, ଓଡାପଡା ବ୍ଲକ ଅଞ୍ଚଳ, ଗଁଦିଆ ବ୍ଲକର ନିହଲପ୍ରସାଦ ଆଦି ଅଞ୍ଚଳରେ ନିୟମ ଉଲ୍ଲଂଘନ କରୁଥିବା ସଂସ୍ଥା ଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶରେ ଖଣି ଉପନିର୍ଦ୍ଦେଶକ, କନିଷ୍ଠ ଖଣି ଅଧିକାରୀ, ହିନ୍ଦୋଳ, ଓଡ଼ାପଡ଼ା ଓ ଗଁଦିଆ ତହସିଲଦାର, ଢେଙ୍କାନାଳ, କାମାକ୍ଷାନଗର ଓ ହିନ୍ଦୋଳର ଉପଜିଲାପାଳ ଏବଂ ପୋଲିସ ଅଧିକାରୀମାନଙ୍କୁ ନେଇ ଗଠିତ ଏକ ମିଳିତ ଟିମ୍ ଦ୍ୱାରା ଜିଲାର ବିଭିନ୍ନ ସ୍ଥାନରେ ଚଢାଉ ଓ ଯାଞ୍ଚ ଜାରି ରହିଛି। ସେହିପରି କେତୋଟି ଭାରିଯାନକୁ ମଧ୍ୟ ଜବତ କରାଯାଇଛି।

## ଗଁଦିଆ ବ୍ଲକ ପକ୍ଷରୁ ମଶାଲକୁ ଭବ୍ୟ ସ୍ୱାଗତ



ଗଁଦିଆ ବ୍ଲକ ପକ୍ଷରୁ ମଶାଲକୁ ଭବ୍ୟ ସ୍ୱାଗତ କରାଯାଉଛି।

ଗଁଦିଆ,୫।୧ (ବିଶ୍ୱ ମୋହନ ସାହୁ)

ଆସନ୍ତା ଜାନୁୟାରୀ ୨୦ରୁ ୨୪ ପର୍ଯ୍ୟନ୍ତ ଜିଲାସ୍ତରୀୟ ଢେଙ୍କାନାଳ ମହୋତ୍ସବ ପାଇଁ ପ୍ରସ୍ତୁତିପର୍ବ ଜୋରଦାର ହୋଇଛି। ସୋମବାର କପିଳାସର ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠରୁ ମଶାଲ ଅଣାଯିବା ପରେ ଗଁଦିଆ ବ୍ଲକ ପକ୍ଷରୁ ମଶାଲକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆସନ୍ତା ୮ ତାରିଖରେ ଗଁଦିଆ ବ୍ଲକସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହେବ। ବିଡିଓ ପବିତ୍ର କୁମାର ବେହେରା ମଶାଲ ଗ୍ରହଣ କରିବା ପରେ ବିଶାଳ ଶୋଭାଯାତ୍ରାରେ ମଶାଲକୁ ବ୍ଲକ ପରିସରକୁ ଆଣିଥିଲେ। ସ୍ୱାଗତ କାର୍ଯ୍ୟକ୍ରମରେ ଏବିଡିଓ, ମନ୍ତ୍ରୀ ଓ ଏମ୍‌ପିଙ୍କ ପ୍ରତିନିଧି, ବ୍ଲକ କଳା, ସଂସ୍କୃତି ସଂଘର କର୍ମକର୍ତ୍ତା ଓ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ମହୋତ୍ସବକୁ ସଫଳ କରିବା ପାଇଁ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ସହ ବ୍ଲକ ମହୋତ୍ସବକୁ ନିଆରା କରିବା ପାଇଁ ଯୋଜନା ରହିଛି। ସ୍ଥାନୀୟ କଳାକାରଙ୍କୁ ପ୍ରାଧାନ୍ୟ ଦେବା ସହ ସାଂସ୍କୃତିକ ମହାକୁମ୍ଭକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ବିଡିଓ ପବିତ୍ର କୁମାର ବେହେରା ପ୍ରକାଶ କରିଛନ୍ତି।

## ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ସାଧାରଣ ବୈଠକ



ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୫।୧ (ରତନ ନାୟାର)

ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସାଧାରଣ ପରିଷଦ ବୈଠକ ସୋମବାର ବିରାଡିଆସ୍ଥିତ ଏସ୍‌ଏମ୍. ଆଗ୍ରୋ ରିସୋର୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ରାଜେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଦିବଂଗତ ସଦସ୍ୟମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ଶରତ ଚନ୍ଦ୍ର ପାଢୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୬-୨୭ ବର୍ଷ ପାଇଁ ମନୋନୀତ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ନାମ ଉପସ୍ଥାପନ କରାଯାଇଥିଲା। ବରିଷ୍ଠ ଉପସଭାପତି ରାଜ କିଶୋର ବେହେରା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଢେଙ୍କାନାଳ ଶାଖାର ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟମାନଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ୩୫ଜଣ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ରାଧାଗୋବିନ୍ଦ ଜୀଉ ଗୋଶାଳା ପରିଚାଳନା ନିମନ୍ତେ ଆର୍ଥିକ ସହାୟତା ଦେଉଥିବା ସଦସ୍ୟମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ମହେଶ ପ୍ରସାଦ ଅଗ୍ରୱାଲ ଓ କୃଷ୍ଣଚନ୍ଦ୍ର ଦେବତାଙ୍କୁ ସମ୍ମାନିତ କରାଯାଇଥିଲା। ଲୋକନାଥ ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଶ୍ରେଷ୍ଠ ଅବଦାନ ନିମନ୍ତେ ବିମଳ ପୋଦାର ଓ ବିନୋଦ କୁମାର ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପ ସଭାପତି ରାଜ କିଶୋର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଶିବ ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ାପଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଓଡ଼ାପଡ଼ା,୫।୧ (ରଞ୍ଜିତ ନାୟକ)



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଭାଗୃହଠାରେ ଓଡ଼ାପଡ଼ା ମହୋତ୍ସବ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗଦେଇ ଏହି ମହୋତ୍ସବ ଓଡ଼ାପଡ଼ା ବ୍ଲକର ଗର୍ବ ଓ ଗୌରବ ହୋଇଥିବାରୁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସହଯୋଗ ଲୋଡ଼ିଥିଲେ। ହିନ୍ଦୋଳ ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ଜିଲା ପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ଡାକ୍ତର ଅନନ୍ତ କୁମାର ରାଉଳ, ବିଭିନ୍ନ ବିଭାଗ ଅଧିକାରୀ ଯୋଗଦେଇଥିଲେ। ଜାନୁୟାରୀ ୯ରେ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ ପ୍ରକାଶ କରିଥିଲେ। ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

ପରଜଙ୍ଗ,୫।୧ (ନିଗମାନନ୍ଦ ଦଳବେହେରା)



ପରଜଙ୍ଗ ସ୍ଥିତ ପିଏମ୍‌ଶ୍ରୀ ମହେଶ୍ଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବ୍ଲକ ଶିକ୍ଷାଧୀକାରୀ ପ୍ରିୟଦର୍ଶିନୀ ନାୟକ, ନାରାୟଣ ବିନାୟକ, ଅନ୍ତର୍ଯ୍ୟାମୀ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମଳୟ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ ଆଦି ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଢେଙ୍କାନାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା



କପିଳାସ ପୀଠରୁ ମଶାଲ ଶୋଭାଯାତ୍ରା ବାହାରୁଛି।

ଢେଙ୍କାନାଳ,୫।୧ (ରତନ ନାୟାର/ବିଶ୍ୱ ମୋହନ ସାହୁ)

ଆସନ୍ତା ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବ-୨୦୨୬ ନିମନ୍ତେ ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସରୁ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉ ଓ ମାତା ପାର୍ବତୀଙ୍କ ପୂଜାର୍ଚ୍ଚନା ପରେ ସୋମବାର ସକାଳେ ଏକ ବିଶାଳ ମଶାଲ ଶୋଭାଯାତ୍ରା ପୀଠରୁ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ କପିଳାସ ପାଦଦେଶରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ମଶାଲକୁ ସମସ୍ତ ବ୍ଲକର ବିଡିଓଙ୍କୁ ପ୍ରଦାନ କରି ଉତ୍ସାହିତ କରିଥିଲେ। ପ୍ରାୟ ଏକ ଦଶନ୍ଧିପରେ ମହୋତ୍ସବର ପୁନଃ ଆୟୋଜନ ହୋଇଥିବାରୁ ମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହିତ ଜନସାଧାରଣ ଏଥିରେ ଅଧିକରୁ ଅଧିକ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବିଡିଓ ନିଜ ନିଜର ମଶାଲକୁ ପ୍ରଜ୍ୱଳନ କରି ସୁସଜ୍ଜିତ ରଥରେ ବ୍ଲକକୁ ନେଇଯାଇଥିଲେ। ମଶାଲ ଶୋଭାଯାତ୍ରାରେ ସାଂସ୍କୃତିକ ଦଳମାନେ ମଧ୍ୟ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଉପସ୍ଥିତ ଥିଲେ।

## ମୌଳିକ ସମସ୍ୟା ସମାଧାନ ତୁରନ୍ତ କରାଯାଉ

### ୧୭୪ଟି ଗ୍ରାମର ଜୁଆଙ୍ଗ ଆଦିବାସୀ ପ୍ରଶାସନର ଦ୍ୱାରସ୍ଥ

ଢେଙ୍କାନାଳ,୫।୧ (ରତନ ନାୟାର)



ଜୁଆଙ୍ଗ ଆଦିବାସୀ ଅଧିବାସୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଢେଙ୍କାନାଳ ଜିଲାର ସମସ୍ତ ବ୍ଲକରେ ଥିବା ୧୭୪ଟି ଗ୍ରାମରୁ ବହୁ ସଂଖ୍ୟାରେ ଜୁଆଙ୍ଗ ଅଧିବାସୀ ପାନୀୟଜଳ, ବିଦ୍ୟୁତ୍, ପକ୍କାରାସ୍ତା ଭଳି ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରିବା ସହ ଘର କିମ୍ବା ଭୂମିହୀନଙ୍କୁ ଘରପଟ୍ଟା ଓ ଜଙ୍ଗଲ ଅଧିକାର ପ୍ରମାଣପତ୍ର ପ୍ରଦାନ ଦାବିରେ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଦେବାଶିଷ ହୋତାଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀଙ୍କ ସହ ଆଲୋଚନା କରିଥିଲେ।

ଅଭିଯୋଗରୁ ଜଣାପଡିଛି, ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର କୀର୍ତ୍ତନପୁର, ଗୁଠୁଣିପଶି, ଗଣ୍ଡିଗୋଲ, ଅନ୍ଧାରୀ, ମାଧମୁଣ୍ଡା, ରୁପାବେଡା, ପୁଟିପାଳ, ହଳଦୀକୁଣ୍ଡି, କେଳାହତା, ବାଘୁଆ, ମକୁଆକାଟେଣୀ, ବାଘବସା, ହଦଗଡି ଆଦି ବହୁ ଗ୍ରାମର ଗ୍ରାମବାସୀ ମୌଳିକ ସୁବିଧାରୁ ଦୀର୍ଘଦିନ ହେବ ବଞ୍ଚିତ ରହିଛନ୍ତି। ସେହିପରି ଓଡାପଡା ବ୍ଲକର ବଳରାମପୁର, କାଣ୍ଡବିନ୍ଧା, ଇନ୍ଦିପୁର, ଭଅଁରନାଳି, ମାଟିଗାଡିଆ, ରାଣିପାଳ, ଜରିପାଳ, ଗୁଣ୍ଡିଚାପଡା, ହରିପୁର, ଚାଇଁପୁର, ତେନ୍ତୁଲିଆପଡା, ହିନ୍ଦୋଳ ବ୍ଲକର ବ୍ରହ୍ମପୁର, ଲିଙ୍ଗିରା, ବାହାଣଦେଇ, କୁରୁଣିଆ, ଖରିଡାଳି, ଗୁଆଗରିଆ, ଜଗନ୍ନାଥପୁର, କାଳିଭେଜିଆ, ବ୍ରାହ୍ମଣିଆପାଳ, ପତଲୁ, ବୁହାଲିପାଳ, ଗଞ୍ଜରା, ନବକିଶୋରପୁର, ବମ୍ପା ସମେତ ବହୁ ଗ୍ରାମ ଏବଂ ସଦର ବ୍ଲକର ଭରତିଆପାଳ, ଗହମଖୁଣ୍ଟି, କାଞ୍ଜିଆବେରେଣୀ, ଭାଗୀରଥିପୁର, ମୋଟରୀ, ବିମ୍ବୋଳ ଉପର ନଟକଟା ସାହି, ସଡକ ସାହି, ମୁଣ୍ଡିଆ ସାହି, କାଉଞ୍ଜିନାଳୀ ଇଟାଭାଟି ସାହି, ଗୋହିରାଖାଲ, ସନସାଇଲୋ ଆଦି ଗ୍ରାମରେ ଜୁଆଙ୍ଗ ଆଦିବାସୀ ଅଧିବାସୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଆସନ୍ତା ୯ ତାରିଖରେ ଏ ସଂକ୍ରାନ୍ତରେ ବିଡିଓ, ତହସିଲଦାର, ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀ, ଜିଲା ପରିଷଦ କାର୍ଯ୍ୟକାରୀ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀଙ୍କୁ ନେଇ ଏକ ବୈଠକ ଡକାଯିବ ବୋଲି ଅତିରିକ୍ତ ଜିଲାପାଳଙ୍କ ସହିତ ଆଲୋଚନା ବେଳେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ବୋଲି ଦେବାଶିଷ ହୋତା କହିଛନ୍ତି। ଦୁଇମାସ ମଧ୍ୟରେ ଦାବି ପୂରଣ ନ କଲେ ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିଶାଳ ଗଣଆନ୍ଦୋଳନ କରାଯିବ ବୋଲି ଦେବାଶିଷ ସୂଚନା ଦେଇଛନ୍ତି।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ। (ଫଟୋ: ରାଜକିଶୋର ମହାନ୍ତି)

# ବୃହତ୍ ବିଜୟ ସହ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

ଡିଉର ଘୋଘଲା ବିଚ୍‌ରେ ସୋମବାର ଆରମ୍ଭ ହୋଇଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ମହିଳା ସକ୍କର ଦଳ ବୃହତ୍ ବିଜୟ ସହ

**ଖେଲୋ ଇଣ୍ଡିଆ ବିଚ୍ ସକ୍କର**

ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ୧୧-୩ ଗୋଲରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସତ୍ୟବତୀ ଖାଡ଼ିଆ ଏକାକୀ ୫ ଗୋଲ ଦେଇଥିବାବେଳେ ଶ୍ରୀଜନ ତମାଙ୍ଗ ୨ଟି ଏବଂ ମନିଶା ନାଏକ, ଅଙ୍କିତା ନାଏକ, ଶିବାନୀ ମୁଣ୍ଡାରୀ ଓ ସୁମିତ୍ରା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ପ୍ରଥମ ମ୍ୟାଚ ବିଜୟ ପରେ ଉଲ୍ଲସିତ ଓଡ଼ିଶା ମହିଳା ବିଚ୍ ସକ୍କର ଦଳ।

# ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଆରମ୍ଭ

**ଡିୟୁ, ୫।୧ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସ୍ୱତନ୍ତ୍ର ବର୍ତ୍ତା ସହ ସୋମବାର ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ରଙ୍ଗାରଙ୍ଗ ଉଦ୍‌ଘାଟନ ହୋଇଛି। ଏଥିରେ ସମଗ୍ର ଦେଶରୁ ୧,୧୦୦ରୁ ଊର୍ଦ୍ଧ୍ୱ ଆଥଲେଟ ୮ଟି ପୃଥକ୍ ପୃଥକ୍ କ୍ରୀଡ଼ା ପ୍ରତିଯୋଗିତା ଯଥା ଭାଗ ନେବେ। ସେଗୁଡ଼ିକ ହେଲା ଭଲିବଲ୍, ଫୁଟ୍‌ବଲ, ସିପକ ଟାକ୍ର, କବାଡ଼ି ପେନ୍‌କାକ୍ ସିଲାଟ, ଓପନ ୱାଟର ସୁଇମିଂ, ମାଲଖମ୍ବ ଏବଂ ଟଗ୍ ଅଫ୍ ୱାର୍। ଜାନୁଆରୀ ୧୦ରେ ଗେମ୍ସର ଉଦ୍‌ଯାପନୀ ହେବ। ମୋଟ ୩୨ ସ୍ୱର୍ଣ୍ଣ ସହ ପ୍ରଥମ ୬ଟି ଗେମ୍‌ରେ ପଦକ ବ୍ୟବସ୍ଥା ରହିଛି। ଡିୟୁ ବର୍ତ୍ତମାନ ଖେଲୋ ଇଣ୍ଡିଆ ଗେମ୍ସ ମାସ୍କଟ 'ପର୍ଲ'ର ଉପସ୍ଥିତିରେ ଡିୟୁ ବର୍ତ୍ତମାନ ଉତ୍ସବ ମୁଖର ହୋଇ ଉଠିଛି। ପର୍ଲ ହେଉଛି ଏକ ଖୁସି ଓ ଉତ୍ସାହୀ ଡଲ୍‌ଫିନ ମାଛର

**ଭାଗନେଲେ ୧,୧୦୦ରୁ ଊର୍ଦ୍ଧ୍ୱ ଆଥଲେଟ**

ପ୍ରତୀକ। ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ୨୦୨୬ ସହିତ ସମ୍ପୃକ୍ତ ଆଥଲେଟ, ସପୋର୍ଟ ଷ୍ଟାଫ୍, ଭଲ୍ୟୁଣ୍ଟିଅର ସମେତ ସମସ୍ତ ଅଂଶୀଦାରଙ୍କୁ ସ୍ୱାଗତ କରିଥିଲା। ଜାତୀୟ କ୍ରୀଡ଼ା ମହାସଂଘ ଓ ଭାରତ କ୍ରୀଡ଼ା ପ୍ରାଧିକରଣ (ସାଇ) ପ୍ରତ୍ୟେକ ତତ୍ତ୍ୱାବଧାନରେ କେନ୍ଦ୍ର ଶାସିତ ଦାଦ୍ରା ନଗର ହାବେଲୀ ଓ ଡିଉ ଦ୍ୱାରା ଆୟୋଜିତ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଅଂଶଗ୍ରହଣକାରୀ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭକାମନା ଜଣାଇବା ସହ ଇଭେଣ୍ଟର ଆୟୋଜନ ପାଇଁ କେନ୍ଦ୍ର ଶାସିତ ଅଞ୍ଚଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ କ୍ରୀଡ଼ାରେ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ। ବିଚ୍ ଓ ଉପକୂଳ କ୍ରୀଡ଼ାରେ ଶାରୀରିକ ସହନଶୀଳତା, ମାନସିକ ଶକ୍ତି ଏବଂ ନିରନ୍ତର ପରିବର୍ତ୍ତନ ପରିସ୍ଥିତିରେ ପ୍ରଦର୍ଶନ କରିବାର କ୍ଷମତାର ଆବଶ୍ୟକତା ପଡ଼ିଥାଏ। ଆଥଲେଟମାନଙ୍କ ଏକ ପରେଡ ପରେ କେନ୍ଦ୍ର ଶାସିତ ଜମ୍ମୁ ଓ କଶ୍ମୀରର ଲ୍ୟୁଟନାଣ୍ଟ ଗଭର୍ନର ମନୋଜ ସିହ୍ନା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ୨୦୨୬ର ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ୪ଜଣ ଆଥଲେଟ୍ ଡନପ୍ ରିମେଡିଅସ୍ (ବିଚ୍ ଫୁଟ୍‌ବଲ), ପାୟଲ ପାର୍ମର (ବିଚ୍ ଭଲିବଲ୍), ଆଶିଷ ପଟେଲ ଓ ଜଲ୍‌ପା ସୋଲାଙ୍କି (ଉଭୟ ଟଗ୍ ଅଫ୍ ୱାର୍)ଙ୍କୁ ନେଇ ଏକ ଆନୁଷ୍ଠାନିକ ମଶାଲ ରିଲେ ଅନୁଷ୍ଠିତ ହୋଇଥିଲା। ସକାଳେ ବିଚ୍ ଫୁଟ୍‌ବଲ ଓ ବିଚ୍ କବାଡ଼ି ସହ ପ୍ରତିଯୋଗିତା ଆରମ୍ଭ ହୋଇଥିଲା।

# ଜାତୀୟ ଫେନ୍‌ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୫।୧ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୩୩ତମ ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ରାଜୀବ ମେହେଟା ସମ୍ମାନୀୟ ଅତିଥିଭାବେ ଉପସ୍ଥିତ ଥିଲେ। ରାଜ୍ୟ ଆସୋସିଏଶନ ପରାମର୍ଶଦାତା ନାରାୟଣ ପ୍ରସାଦ ମହାନ୍ତି, ଉପସଭାପତି ରମେଶ ଚନ୍ଦ୍ର ମଲିକ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିବୃନ୍ଦ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ